
# ଉତ୍କଳ ପ୍ରସଙ୍ଗ

6281
21/1/93



1959



# ଉତ୍କଳ ପ୍ରସଙ୍ଗ


୧୫, ଏପ୍ରିଲ ୧୯୫୯ ... ଚୈତ୍ର ୨୫ ଦିନ ୧୮୮୧ ଶକାବ୍ଦ



ସଂପାଦକ

ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସଂପାଦକ

ଶ୍ରୀ ରାମପ୍ରସାଦ ସିଂହ

ଟେଲିଗ୍ରାମ—ପବ୍ଲିସିଟି, ଭୁବନେଶ୍ୱର

ଟେଲିଫୋନ—୧୧ ଓ ୦୧ ଭୁବନେଶ୍ୱର



ପ୍ରଚାର [ଲୋକସମ୍ପର୍କ] ବିଭାଗ, ଓଡ଼ିଶା

ନୂଆ ରାଜଧାନୀ ଭୁବନେଶ୍ୱର

ଏହି ସଂଖ୍ୟାର ମୂଲ୍ୟ—୧୨ ନ. ପ.

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା

# ସୂଚୀପତ୍ର


| | | |
|---|---|---|
| ୧ । | ଦ୍ୱିତୀୟ ଯୋଜନାର ଶେଷ ଦୁଇ ବର୍ଷରେ ଜାତିର କର୍ତ୍ତବ୍ୟ ... | ୧ |
| ୨ । | ଓଡ଼ିଶାରେ ଶିକ୍ଷକ ତାଲିମ ... ... ... | ୫ |
| ୩ । | ଓଡ଼ିଶାରେ ମାଧ୍ୟମିକ ଶିକ୍ଷା ... ... ... | ୧୨ |
| ୪ । | ଲଳିତଗିରି, ଉଦୟଗିରି, ରତ୍ନଗିରି ... ... ... | ୧୬ |
| ୫ । | ଗାଁଗହଳରେ ବାସଗୃହ ନିର୍ମାଣ ଯୋଜନା ... ... | ୧୯ |
| ୬ । | ବହୁପ୍ରୟୋଜନ ଖାଦ୍ୟ ... ... ... | ୨୫ |
| ୭ । | ଓଡ଼ିଶୀ ନୃତ୍ୟ ... ... ... | ୩୨ |
| ୮ । | ସମସ୍ତଙ୍କ ଜାଣିବା ପାଇଁ ... ... ... | ୩୩ |
| ୯ । | ଆମ ରାଜ୍ୟ ... ... ... | ୩୮ |



ମୁଦ୍ରାକର

ରଞ୍ଜିତ ଅନସୂୟାପ୍ରସାଦ ଷାଠର

ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ



# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ !
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ !

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

## ଓ

## ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୭.୫୧ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆଯିବ)।

୩। ପନ୍ଦରବର୍ଷିଆ ଆନ୍ୟୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷଯାଏଁ ଟଙ୍କା ପାଇବେ। ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨½; ୨୫ ଟଙ୍କାଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ଊର୍ଦ୍ଧ୍ୱେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟ-କର ଦେବାକୁ ପଡ଼ିବ ନାହିଁ।

ସ୍ମରଣ ରଖନ୍ତୁ :

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ଭବିଷ୍ୟତ ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣ ପାଇଁ—

**ଦି ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ।**

# ଉତ୍କଳ ପ୍ରସଙ୍ଗ

| ପଞ୍ଚଦଶ ଭାଗ—୯ମ ସଂଖ୍ୟା | ଚୈତ୍ର ୨୫ ଦିନ, ୧୮୮୧ ଶକାବ୍ଦ | ୧୫, ଅପ୍ରେଲ ୧୯୫୯ |
|---|---|---|

## ଦ୍ୱିତୀୟ ଯୋଜନାର ଶେଷ ଦୁଇ ବର୍ଷରେ ଜାତିର କର୍ତ୍ତବ୍ୟ

**ଶ୍ରୀ ଶ୍ରୀମନ୍ ନାରାୟଣ**

( ଯୋଜନା କମିଶନର ସଭ୍ୟ )

**ଯେଉଁ** ମୌଳିକ ମତ ଅନୁସାରେ ତୃତୀୟ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ ହେବ, ସେ ସମ୍ପର୍କରେ ପ୍ରାଥମିକ ଆଲୋଚନା ଆରମ୍ଭ ହୋଇସାରିଛି । ଜାତୀୟ ଅର୍ଥନୀତିରେ ବିଭିନ୍ନ କ୍ଷେତ୍ରରେ ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଯେଉଁ ଅଭିଜ୍ଞତା ହୋଇଛି, ତାହାର ସମୀକ୍ଷଣରେ ଉକ୍ତ ଆଲୋଚନା ବିଶେଷ ସାହାଯ୍ୟ କରିବ । ଫଳରେ ବାସ୍ତବ ଓ ବ୍ୟାପକ ଦୃଷ୍ଟିକୋଣରୁ ତୃତୀୟ ଯୋଜନା ପ୍ରସ୍ତୁତ କରିବାରେ ଅନେକ ସୁବିଧା ମିଳିବ । ଭାରତର ସମ୍ପ୍ରତି ତୃତୀୟ ପଞ୍ଚବାର୍ଷିକ ଯୋଜନାର ପ୍ରଧାନ ଲକ୍ଷ୍ୟଗୁଡ଼ିକର ସୂଚନା ଦେଇଛନ୍ତି । ତେଣୁ ଏହି ସବୁ ଲକ୍ଷ୍ୟ ସାଧନ ପାଇଁ ଯଥେଷ୍ଟ ଆଗରୁ ଆବଶ୍ୟକୀୟ ବ୍ୟବସ୍ଥା କରାଯିବା ଉଚିତ ।

ଆମକୁ ସର୍ବଦା ମନେ ରଖିବାକୁ ହେବ ଯେ ପ୍ରଧାନତଃ ଦ୍ୱିତୀୟ ଯୋଜନାର ଲକ୍ଷ୍ୟ ସାଧନ ଉପରେହିଁ ତୃତୀୟ ଯୋଜନାର ଆକାର ଓ ବିଷୟବସ୍ତୁ ନିର୍ଭର କରେ । ଏ ଦୃଷ୍ଟିରୁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଅବଶିଷ୍ଟ ଦୁଇ ବର୍ଷ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଯଦି ଆଗାମୀ ଦୁଇ ବର୍ଷ ମଧ୍ୟରେ ଆମେ ଆଭ୍ୟନ୍ତରୀଣ ସମ୍ବଳ ବୃଦ୍ଧି କରି ଯୋଜନାର ନିର୍ଦ୍ଧାରିତ ଲକ୍ଷ୍ୟଗୁଡ଼ିକ ପୂରଣ କରୁଁ, ତାହାହେଲେ ଆସ୍ଥା ଓ ବିଶ୍ୱାସ ସହକାରେ ଆମେ ତୃତୀୟ ଯୋଜନା ଆରମ୍ଭ କରି ପାରିବୁ । ପରିକଳ୍ପନା ଏକ ନିରବଚ୍ଛିନ୍ନ ଧାରା ଏବଂ କୌଣସି କ୍ଷେତ୍ରରେ କାର୍ଯ୍ୟରେ ଶିଥିଳତା ଦେଖା ଦେଲେ ଭବିଷ୍ୟତ ଯୋଜନା ପାଇଁ ପରିଣାମ ଗୁରୁତର ହୋଇ ଉଠିବ । ବିକାଶମୂଳକ କାର୍ଯ୍ୟକଳାପରେ

ଲଗାଣ ପାଇଁ ସଞ୍ଚୟ ହାର ବୃଦ୍ଧି କରିବା ଦିଗରେ ବିଶେଷ ଉଦ୍ୟମ କରାଯିବା ଉଚିତ । ପ୍ରଥମ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭରେ ସଞ୍ଚୟର ହାର ଥିଲା ଶତକଡ଼ା ସାତ ଭାଗ । ଦ୍ୱିତୀୟ ଯୋଜନାକାଳର ମଧ୍ୟଭାଗରେ ସଞ୍ଚୟହାର ଶତକଡ଼ା ଦଶ ଭାଗକୁ ବୃଦ୍ଧି ପାଇଲା । କିନ୍ତୁ ତୃତୀୟ ଯୋଜନାକାଳରେ ଏହାକୁ ଶତକଡ଼ା ୧୪ ଟଙ୍କାକୁ ବୃଦ୍ଧି କରିବାକୁ ହେବ । କିନ୍ତୁ ଆଗରୁ ଏଥିପାଇଁ ଉଦ୍ୟମ ନ କଲେ ତୃତୀୟ ଯୋଜନାକାଳରେ ହଠାତ୍ ଶତକଡ଼ା ୧୪ ଭାଗକୁ ଏହା ବୃଦ୍ଧି କରାଯାଇ ନ ପାରେ । ତେଣୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ହିଁ ସଞ୍ଚୟହାର ବୃଦ୍ଧି କରିବାକୁ ବିଶେଷ ଉଦ୍ୟମ କରିବାକୁ ହେବ । ଅପେକ୍ଷାକୃତ ଅନୁନ୍ନତ ଦେଶରେ ସଂଚୟ ବୃଦ୍ଧି କରିବା ଏକ କଠିନ କାର୍ଯ୍ୟ । ଏଥିପାଇଁ ଲୋକଙ୍କୁ ଭଲଭାବେ ବୁଝାଇବାକୁ ହେବ ଏବଂ ସହର ଓ ଗ୍ରାମରେ ଟଙ୍କା ସଂଚୟ ପାଇଁ ଦୃଢ଼ ସଂଗଠନ କାର୍ଯ୍ୟକାରୀ କରିବାକୁ ହେବ । ଲୋକେ ଯଦି ଯୋଜନାଟିକୁ ନିଜର ବୋଲି ଭାବନ୍ତି ଏବଂ ସେମାନଙ୍କର ମଙ୍ଗଳବିଧାନ ଉଦ୍ଦେଶ୍ୟରେ ସେମାନଙ୍କଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି ବୋଲି ହୃଦୟଙ୍ଗମ କରନ୍ତି, ତା' ହେଲେ ସଞ୍ଚୟ ବୃଦ୍ଧି ପାଇଁ କାର୍ଯ୍ୟର ଅଗ୍ରଗତି ସହଜସାଧ୍ୟ ହେବ । କୌଣସି ସରକାରୀ କଳ, ସେ ଯେତେ ଦକ୍ଷ ହେଉନା କାହିଁକି, ଯୋଜନାରେ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଓ ସକ୍ରିୟ ସହଯୋଗ ବିନା ଉକ୍ତ ଲକ୍ଷ୍ୟ ହାସଲ କରି ପାରିବ ନାହିଁ ।

## ଗ୍ରାମପଞ୍ଚାୟତ ଓ ସମବାୟ ସମିତି

ଯୋଜନାର ମୂଳଭିତ୍ତି ଜନସାଧାରଣଙ୍କ ବିଭିନ୍ନ ସଂସ୍ଥା ଉପରେ ନିର୍ଭର ହେବା ଉଚିତ । ତେଣୁ ଗ୍ରାମାଞ୍ଚଳରେ ପଞ୍ଚାୟତ ଓ ସମବାୟ ସମିତି ଏବଂ ସହରାଞ୍ଚଳରେ ମ୍ୟୁନିସିପାଲିଟିହିଁ ପରିକଳ୍ପନାର ମୂଳ ଭିତ୍ତି ହେବ । ଯଦି ଏହି ଜନସଂସ୍ଥାଗୁଡ଼ିକ ଦୃଢ଼ ହୁଏ, ତା'ହେଲେ ଦ୍ୱିତୀୟ ଓ ତୃତୀୟ ଯୋଜନାର ଭିତ୍ତି ଦୃଢ଼ ଓ ସ୍ଥାୟୀ ହେବ । ସୁତରାଂ ଏହି ସବୁ ଜନସଂସ୍ଥାର ସଂଗଠନ କାର୍ଯ୍ୟରେ ଆମର ସମସ୍ତ ଶକ୍ତି ନିୟୋଗ କରିବା ଉଚିତ । ଯଦି ଆମର ମୂଳଭିତ୍ତି ଦୁର୍ବଳ ହୁଏ, ତେବେ ଯୋଜନାର ସାଫଲ୍ୟ ଅର୍ଜନ କଷ୍ଟସାଧ୍ୟ ହୋଇ ପଡ଼ିବ । ଏକଛତ୍ରବାଦୀ ଦେଶରେ ଏକ କେନ୍ଦ୍ରୀଭୂତ କର୍ତ୍ତୃତ୍ୱ ସ୍ଥାପନ କରିବା ଖୁବ ସହଜ; କିନ୍ତୁ ଆମ ଦେଶରେ ସେ ଅବସ୍ଥା ନାହିଁ । ଆମେ ବିଜ୍ଞତାର ସହିତ ସ୍ଥିର କରିଛୁ ଯେ ଦେଶରେ ଗଣତାନ୍ତ୍ରିକ ମତରେ ପରିକଳ୍ପନା କରାଯିବ । ଏହି ଗଣତାନ୍ତ୍ରିକ ପରିକଳ୍ପନା ଯଥାସମ୍ଭବ ବିକେନ୍ଦ୍ରୀଭୂତ ହେବା ଉଚିତ । ତା'ହେଲେ ସବୁ ଅଞ୍ଚଳରେ ଲୋକେ ଉନ୍ନୟନ ଯୋଜନା ପ୍ରସ୍ତୁତିରେ ନିଜେ ଭାଗ ନେଇ ପାରିବେ । ଅବଶ୍ୟ ଆଧୁନିକ ପରିସ୍ଥିତି ଦୃଷ୍ଟିରୁ ଯୋଜନା ପ୍ରସ୍ତୁତିରେ ପରିଚାଳନା କେନ୍ଦ୍ରୀଭୂତ ହେବାର ବିସ୍ତୃତ କ୍ଷେତ୍ର ରହିଛି । କିନ୍ତୁ ଉନ୍ନୟନ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ଯଥାସମ୍ଭବ ବିକେନ୍ଦ୍ରୀକୃତ ହେବା ଉଚିତ । ଯଦି ଜନସଂସ୍ଥାଗୁଡ଼ିକୁ ନିଜ ନିଜ କର୍ତ୍ତବ୍ୟ ସଂପାଦନ ପାଇଁ ଦୃଢ଼ କରାଯାଏ, ତେବେ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରେ ।

## କର ଆଦାୟର ଦୃଢ଼ ବ୍ୟବସ୍ଥା

ଦ୍ୱିତୀୟ ଯୋଜନାର ମୋଟ ଖର୍ଚ୍ଚର ଲକ୍ଷ୍ୟ ୪୮୦୦ କୋଟି ଟଙ୍କା ପୂରଣ ହେବା ପାଇଁ ଦ୍ୱିତୀୟ ଯୋଜନାର ଶେଷ ଦୁଇ ବର୍ଷ ମଧ୍ୟରେ ୨୦୩୪ କୋଟି ଟଙ୍କା ଆବଶ୍ୟକ । ଏପରି ସ୍ଥଳେ ଏହି ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ୧୭୫୪ କୋଟି ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରୁଛନ୍ତି ବୋଲି ଅନୁମାନ କରାଯାଏ । ଏଥିରୁ ଦେଖାଯିବ ଯେ ଲକ୍ଷ୍ୟ ପୂରଣ ହେବାକୁ ଆହୁରି ୨୮୦ କୋଟି ଟଙ୍କାର ଅଭାବ ରହିଛି । ଏଥିମଧ୍ୟରୁ କେନ୍ଦ୍ରରେ ୧୯୮ କୋଟି ଟଙ୍କା ଏବଂ ରାଜ୍ୟମାନଙ୍କରେ ୮୨ କୋଟି ଟଙ୍କାର ଅଭାବ ରହିଛି । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ଅତିରିକ୍ତ କର

ଧାର୍ଯ୍ୟ କରି ଏବଂ ଜନସାଧାରଣଙ୍କଠାରୁ ଅଧିକ କର ଉଠାଇ ୨୮୦ କୋଟି ଟଙ୍କାର ଏହି ଅଭାବ ପୂରଣ କରାଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅତିରିକ୍ତ କରଧାର୍ଯ୍ୟ କରିବା ଛଡ଼ା ପ୍ରଚଳିତ କରଗୁଡ଼ିକ ଠିକଭାବେ ଆଦାୟ କରିବା ମଧ୍ୟ ଅତି ଜରୁରୀ । ଏହା ନିଶ୍ଚିତ କଥା ଯେ ପ୍ରଚଳିତ କର ପୁରାପୁରି ଅସୁଲ ହୋଇ ପାରୁନାହିଁ ଏବଂ ଯେଉଁ କାରଣରୁ ଟିକସ-ଠକେଇ ଚାଲିଛି, ତାହା ଅତିଶୀଘ୍ର ଲୋପ କରାଯିବା ଉଚିତ । କେନ୍ଦ୍ରର ପ୍ରତ୍ୟକ୍ଷ ଟିକସ-ଠକେଇ ସଂପର୍କରେ ଅନୁସନ୍ଧାନ କରିବାକୁ ଅର୍ଥ ମନ୍ତ୍ରାଳୟ "ତ୍ୟାଗୀ କମିଟି" ଗଠନ କରିଛନ୍ତି । ଏହି କମିଟି ଶୀଘ୍ର ନିଜ ରିପୋର୍ଟ ଦେବେ ବୋଲି ଆଶା କରାଯାଏ । ତା ହେଲେ ତୃତୀୟ ଯୋଜନାର ଅବଶିଷ୍ଟ ଦୁଇ ବର୍ଷ ମଧ୍ୟରେ ସେମାନଙ୍କ ରିପୋର୍ଟରୁ ସୁଫଳ ମିଳିବ । ରାଜ୍ୟ ସରକାରମାନେ ମଧ୍ୟ କର ଆଦାୟ ବ୍ୟବସ୍ଥା ଦୃଢ଼ତର କରିବା ଉଦ୍ଦେଶ୍ୟରେ ଅନୁରୂପ କମିଟିମାନ ଗଠନ କଲେ ଭଲ ହୁଅନ୍ତା । ଟିକସ-ଦାତାମାନଙ୍କୁ ହଇରାଣ ନ କରି ଟିକସ-ଠକେଇ ସଂପର୍କରେ କଠୋରଭାବେ ତଦାରଖ କରିବାକୁ ସରକାର ନିଶ୍ଚୟ ବ୍ୟବସ୍ଥା କରିବା ଉଚିତ । ଟିକସ-ଠକେଇ ପାଇଁ ଅଧିକ କଡ଼ା ଅର୍ଥଦଣ୍ଡର ବ୍ୟବସ୍ଥା ହେବା ଉଚିତ ।

## ସ୍ୱଳ୍ପ ସଞ୍ଚୟ

ନୂଆ କର ବସାଇ ଅଧିକ ରାଜସ୍ୱ ପାଇବା ଛଡ଼ା ଆଗାମୀ ଦୁଇ ବର୍ଷ ମଧ୍ୟରେ ସ୍ୱଳ୍ପ ସଞ୍ଚୟର ପରିମାଣ ମଧ୍ୟ ବୃଦ୍ଧି କରିବା ଉଚିତ । ସଂଗଠିତ ଭାବେ ଗ୍ରାମାଞ୍ଚଳରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନର ପ୍ରସାର କରି ଏ ଦିଗରେ ବ୍ୟବସ୍ଥା କରାଯିବା ଉଚିତ । ଏ କାର୍ଯ୍ୟରେ ମଧ୍ୟ ପଞ୍ଚାୟତ, ସମବାୟ ସମିତି ଓ ମ୍ୟୁନିସିପାଲିଟିମାନେ ବିଶେଷ ସାହାଯ୍ୟ କରି ପାରିବେ । ଗ୍ରାମାଞ୍ଚଳରେ ବୀମା ଯୋଜନା ପ୍ରସାରର ବିସ୍ତୃତ କ୍ଷେତ୍ର ପଡ଼ି ରହିଛି । ରାଜସ୍ଥାନରେ ଗ୍ରାମାଞ୍ଚଳ ବୀମା-ଯୋଜନା ଯେପରି ଅଗ୍ରଗତି କରୁଛି, ତାହା ବାସ୍ତବିକ ଉତ୍ସାହପ୍ରଦ । ମୋର ଦୃଢ଼ ବିଶ୍ୱାସ ଯେ ଲୋକଙ୍କୁ ଯଦି ଯଥୋଚିତ ଭାବେ ନିବେଦନ କରାଯାଏ, ତେବେ ସେମାନେ ଦେଶର ଡାକ ଶୁଣିବାକୁ ସ୍ୱେଚ୍ଛାକ୍ରମେ ଆଗେଇ ଆସିବେ, ଏହି ଦାୟିତ୍ୱ ସଂପାଦନରେ ରାଜନୈତିକ ଦଳ ସମେତ ବିଭିନ୍ନ ବେସରକାରୀ ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରି ପାରିବେ । ଏଥିପାଇଁ ସରକାରୀ ପଦ୍ଧତିଗୁଡ଼ିକ ସରଳ କରାଯିବା ଉଚିତ ।

## କୃଷି ଓ ଶିଳ୍ପ ଉତ୍ପାଦନ

ଏହା ଅତି ଜଣାଶୁଣା କଥା ଯେ, କୃଷି ଓ ଶିଳ୍ପ ଉତ୍ପାଦନର ବୃଦ୍ଧି କରିବା ସମ୍ଭବ ହେଲେ ଅତିରିକ୍ତ କରଧାର୍ଯ୍ୟ ଓ ସାଧାରଣ ଋଣ ବ୍ୟବସ୍ଥା ବିଶେଷ ଫଳପ୍ରଦ ହୋଇପାରିବ । ଆଗାମୀ ଦୁଇ ବର୍ଷ ମଧ୍ୟରେ ଖାଦ୍ୟଶସ୍ୟରେ ଦେଶ ଯେପରି ସ୍ୱାବଲମ୍ବୀ ହୁଏ, ସେଥିପାଇଁ ଆମେ ପ୍ରତିଜ୍ଞାବଦ୍ଧ ହେବା ଉଚିତ । ତା'ହେଲେ ଚତୁର୍ଥ ଯୋଜନାର ଆରମ୍ଭରେ ବିଦେଶରୁ ଖାଦ୍ୟଶସ୍ୟ ଆମଦାନୀ କରିବାକୁ କୌଣସି ବ୍ୟବସ୍ଥା କରିବା ଆବଶ୍ୟକ ହେବ ନାହିଁ । ଏ ବର୍ଷ ସୌଭାଗ୍ୟ-କ୍ରମେ ଖୁବ ଭଲ ଫସଲ ହୋଇଛି ଏବଂ ପାଗ ଯଦି ଖରାପ ନ ହୁଏ ତେବେ ତୃତୀୟ ଯୋଜନା ଶେଷ ସୁଦ୍ଧା ଦେଶ ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ହେବା ସମ୍ଭବ ହେବ । କିନ୍ତୁ ଏଥିପାଇଁ ସରକାରୀ ଓ ବେସରକାରୀ ସବୁ ସଂସ୍ଥାଦ୍ୱାରା ବ୍ୟାପକ ଉଦ୍ୟମ କରିବାକୁ ହେବ । ବିଶେଷତଃ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା କରାଇବା, ଉନ୍ନତ ବିହନ ଓ ସାର ଯୋଗାଇବା ଆଦି କ୍ଷେତ୍ରରେ ବିଶେଷ ଉଦ୍ୟମ ଆବଶ୍ୟକ । ସମୂହ ବିକାଶ କାର୍ଯ୍ୟକ୍ରମ, କୃଷି ଉତ୍ପାଦନ ବୃଦ୍ଧି ପ୍ରତି ଅଗ୍ରାଧିକାର ଦେଇଛି । ଏଥିପ୍ରତି ଦେଶର କୋଟି କୋଟି ଲୋକଙ୍କୁ ଉତ୍ସାହିତ କରିବା ଯଦି ସମ୍ଭବ ହୁଏ, ତେବେ ସନ୍ତୋଷଜନକ

ଫଳେ କୃଷି ଉତ୍ପାଦନ ବଢ଼ାଇବା କଷ୍ଟସାଧ୍ୟ ହେବ ନାହିଁ । ଲୋକଙ୍କୁ ସାଧାରଣ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଇଦେବା ପାଇଁ ଶିଳ୍ପ ଉତ୍ପାଦନର ବିଶେଷତଃ କ୍ଷୁଦ୍ର ଶିଳ୍ପ ଉତ୍ପାଦନର ବୃଦ୍ଧି ଏକାନ୍ତ ଆବଶ୍ୟକ । ଆଗାମୀ ଦୁଇ ବର୍ଷ ମଧ୍ୟରେ ସମବାୟ ଭିତ୍ତିରେ ଦେଶସାରା ଯଦି ବହୁସଂଖ୍ୟକ କ୍ଷୁଦ୍ର କାରଖାନା ସ୍ଥାପନ କରାଯାଇ ପାରେ, ତା'ହେଲେ ତୃତୀୟ ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟକାରିତା ପାଇଁ ଏକ ଦୃଢ଼ ଭିତ୍ତି ସ୍ଥାପିତ ହୋଇ ପାରିବ ।

ଏହି ଦୃଷ୍ଟିରୁ ଦ୍ୱିତୀୟ ଯୋଜନାର ଅବଶିଷ୍ଟ ଦୁଇଟି ବର୍ଷ ଦେଶପକ୍ଷରେ ଅତି ଗୁରୁତ୍ୱପୂର୍ଣ୍ଣ । ତୃତୀୟ ଯୋଜନା ପାଇଁ ଆଜଠୁଁ ଚିନ୍ତା କରିବା ସଙ୍ଗେ ସଙ୍ଗେ ଏହି ଦୁଇ ବର୍ଷ ମଧ୍ୟରେ ଜାତିର ଯେଉଁ ଗୁରୁଦାୟିତ୍ୱ ରହିଛି, ସେଥିରେ କଦାପି ଅବହେଳା କରାଯାଇ ନ ପାରେ ।

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ( ଲୋକସଂପର୍କ ) ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧି ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଅଛନ୍ତି, ସେମାନଙ୍କ ହାତରେ ଏ ବହିରୁ ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ସମ୍ବନ୍ଧୀୟ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଏବଂ ଏଥିରେ ସନ୍ନିବେଶିତ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ୦୯ ମାତ୍ର ( ରେଜେଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

( ୧ ) ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗ ଅଫିସ
ପୋ: ଅ: କ୍ୟାପିଟାଲ ଭୁବନେଶ୍ୱର
( ପୁରୀ ) ଓଡ଼ିଶା

( ୨ ) ଆପଣଙ୍କ ଜିଲ୍ଲାର ଲୋକସମ୍ପର୍କ ଅଫିସ



ସାମାଜିକ ଶିକ୍ଷା ସଂଗଠନ ଦିବସ ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାର ଏକ ଦୃଶ୍ୟ



ସାମାଜିକ ସଂଗଠନ ଶିକ୍ଷା କେନ୍ଦ୍ରରେ ତାଲିମ ପାଉଥିବା ଶିକ୍ଷାର୍ଥୀମାନେ ଉଦ୍ୟାନ କର୍ମ କରୁଛନ୍ତି

# ଓଡ଼ିଶାରେ ଶିକ୍ଷକ ତାଲିମ

ଅଧ୍ୟକ୍ଷ ଶ୍ରୀ ବୈଦ୍ୟନାଥ ରଥ, ଏମ୍. ଏ. (ଲଣ୍ଡନ)

## ଶିକ୍ଷକ ତାଲିମର ସଂକ୍ଷିପ୍ତ ଇତିହାସ

ଓଡ଼ିଶାରେ ଶିକ୍ଷକ ତାଲିମ ସମ୍ପର୍କରେ ଜାଣିବାକୁ ହେଲେ ପ୍ରଥମେ ଶିକ୍ଷକ ତାଲିମର ଇତିହାସ ପର୍ଯ୍ୟାଲୋଚନା କରିବା ନିତାନ୍ତ ଆବଶ୍ୟକ । ତେଣୁ ଏହି ପ୍ରବନ୍ଧଟିରେ ଏହାର ଏକ ସଂକ୍ଷିପ୍ତ ଇତିହାସ ଦିଆଯାଇଛି ଓ ସ୍ୱାଧୀନତା ପରେ ଏହି କ୍ଷେତ୍ରରେ ହୋଇଥିବା ବିକାଶ ସଂପର୍କରେ ଆଲୋଚନା କରାଯାଇଛି । ୧୯୩୬ ମସିହାରେ ଉପକୂଳସ୍ଥ କେତେକ ସମତଳ ଅଞ୍ଚଳକୁ ନେଇ ପ୍ରଥମେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହୋଇଥିଲା । ସେତେବେଳେ ରାଜ୍ୟରେ ସ୍କୁଲ କଲେଜ ଯେ ନିତାନ୍ତ ଅଳ୍ପ ଥିଲା, ତାହା ନିମ୍ନଲିଖିତ ଉଦ୍ଧୃତିରୁ ବେଶ ଜଣାପଡ଼େ ।

| | ଅନୁଷ୍ଠାନର ସଂଖ୍ୟା | | ଛାତ୍ର ଓ ଛାତ୍ରୀସଂଖ୍ୟା |
|---|---|---|---|
| କଲେଜ | ୪ | ... | ୭୯୭ |
| ସେକେଣ୍ଡରୀ ସ୍କୁଲ | ୨୧୬ | ... | ୩୦,୪୨୭ |
| (ସେଥିରୁ ହାଇସ୍କୁଲ ୩୬ଟି ମାତ୍ର) | | | |
| ପ୍ରାଇମେରି ସ୍କୁଲ | ୭୬୬୪ | ... | ୨୭୯୭୧୫ |
| ଶିକ୍ଷକ ତାଲିମକେନ୍ଦ୍ର | ୨୨ | ... | ୭୬୧ |

ଓଡ଼ିଶାର ତତ୍‌କାଳୀନ ଅଶୀ ଲକ୍ଷରୁ ଅଧିକ ଜନସଂଖ୍ୟାର ଅନୁପାତରେ ପ୍ରଦେଶରେ ଯଥେଷ୍ଟ ସଂଖ୍ୟକ ଶିକ୍ଷାନୁଷ୍ଠାନ ନ ଥିଲା । ସମସ୍ତ ପ୍ରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟର ପୁରୁଷ ଜନସଂଖ୍ୟାର ଶତକଡ଼ା ୭·୦୬ ଓ ସ୍ତ୍ରୀ ଜନସଂଖ୍ୟାର ୧·୦୩ ଜଣ ଅଧ୍ୟୟନ କରୁଥିଲେ । ସମଗ୍ର ଓଡ଼ିଶା ପ୍ରଦେଶରେ ଗ୍ରାଜୁଏଟ୍ ଶିକ୍ଷକମାନଙ୍କ ପାଇଁ ଗୋଟିଏ ମାତ୍ର ଟ୍ରେନିଂ କଲେଜ ଓ ମାଟ୍ରିକ୍ ପାଶ୍ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ମାତ୍ର ଟ୍ରେନିଂ ସ୍କୁଲ ଥିଲା । ଏତଦ୍‌ବ୍ୟତୀତ ମାଟ୍ରିକରୁ କମ ପଢ଼ିଥିବା ଛାତ୍ରଛାତ୍ରୀଙ୍କପାଇଁ ମାତ୍ର ୧୯ଟି ଟ୍ରେନିଂ ସ୍କୁଲ ରହିଥିଲା ।

୧୯୩୬ ମସିହା ପୂର୍ବା ନବୋତ୍ଥଳର ଶିକ୍ଷକ ତାଲିମ ପରିସ୍ଥିତି ଯେ ବିଶେଷ ସନ୍ତୋଷଜନକ ନ ଥିଲା, ଏହା କହିଲେ ବାହୁଲ୍ୟ ହେବ ନାହିଁ । ତାଲିମପ୍ରାପ୍ତ ଶିକ୍ଷକଙ୍କର ପ୍ରୟୋଜନ ଥିଲେ ମଧ୍ୟ ସ୍କୁଲମାନଙ୍କରେ ସେମାନଙ୍କର ଉପଯୁକ୍ତ ବିନିଯୋଗ ହେଉ ନ ଥିଲା । ବହୁ ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷକତା କରିବାପାଇଁ ସ୍କୁଲର ଅଭାବ ମଧ୍ୟ ଥିଲା । ୧୯୪୦ ଠାରୁ ୧୯୪୩ ମସିହା ମଧ୍ୟରେ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ଏପରି ପରିସ୍ଥିତି ସୃଷ୍ଟି ହେଲା ଯେ ଏଲିମେଣ୍ଟାରି ତାଲିମପ୍ରାପ୍ତ ଶିକ୍ଷକମାନେ ଜିଲ୍ଲାବୋର୍ଡ଼ ଅଧୀନରେ ଥିବା ସ୍କୁଲମାନଙ୍କରେ ଉପଯୁକ୍ତ ଦରମା ପାଇଲେ ନାହିଁ ଓ ଏହି ସ୍ୱାୟତ୍ତଶାସିତ ଅନୁଷ୍ଠାନମାନ ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ବେଶୀ ସଂଖ୍ୟାରେ ନିଯୁକ୍ତି ଦେବାପାଇଁ ରାଜି ହେଲେ ନାହିଁ । ତେଣୁ ସରକାର ବାଧ୍ୟହୋଇ କେତୋଟି ଏଲିମେଣ୍ଟାରି ଟ୍ରେନିଂ ସ୍କୁଲ ବନ୍ଦ କରିଦେଲେ । ଏହି ସମୟରେ ଦ୍ୱିତୀୟ ମହାଯୁଦ୍ଧ ମଧ୍ୟ ସରକାରଙ୍କ ଶିକ୍ଷାଦିଗରେ ବ୍ୟୟକୁ ସଂକୁଚିତ କରିଥିଲା । ତାଲିମ ପାଉଥିବା ଶିକ୍ଷକମାନଙ୍କୁ ଭତ୍ତା ଦେବାକୁ ପଡୁଥିବାରୁ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ବହନ କରିବାକୁ ହେଉଥିବାରୁ ଶିକ୍ଷକ ତାଲିମ କେନ୍ଦ୍ରଗୁଡ଼ିକରେ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ତୁଳନାରେ ପ୍ରାୟ ଅଧିକ ଖର୍ଚ୍ଚ ହେଉଥିଲା । ଯୁଦ୍ଧପାଇଁ ଅର୍ଥର ଅଭାବ ଓ ଅନାଟନ ହେତୁ ସ୍ୱାୟତ୍ତଶାସିତ ଅନୁଷ୍ଠାନଗୁଡ଼ିକ ଆଉ ବେଶୀ ହାରରେ ଦରମା ଦେଇ ତାଲିମପ୍ରାପ୍ତ

ଶିକ୍ଷକ ରଖିବାପାଇଁ ସମର୍ଥ ହେଲେ ନାହିଁ । ଏହା ଫଳରେ ଅନୁଷ୍ଠାନମାନଙ୍କରୁ କ୍ରମଶଃ ଭାବରେ ତାଲିମ-ପ୍ରାପ୍ତ ଶିକ୍ଷକଙ୍କର ସଂଖ୍ୟା କମିଯାଇଥିଲା । ସେ ବିଷୟରେ ନିମ୍ନଲିଖିତ କେତେକ ଦୃଷ୍ଟାନ୍ତରୁ ସହଜରେ ଧାରଣା କରିହେବ । ୧୯୪୧ ଓ ୧୯୪୨ ମସିହାରେ ମାଧ୍ୟମିକ ସ୍କୁଲରେ ଶିକ୍ଷକଙ୍କର ସଂଖ୍ୟା ଥିଲା ୧୧୩୯ ଓ ସେଥିମଧ୍ୟରୁ ତାଲିମ ପାଇ ନ ଥିବା ଶିକ୍ଷକଙ୍କର ସଂଖ୍ୟା ଥିଲା ୩୫୫ । ୧୯୪୬-୪୭ ମସିହାବେଳକୁ ଏହି ଅବସ୍ଥା ଅଧିକ ନୈରାଶ୍ୟଜନକ ହୋଇଥିଲା । ସେ ସମୟରେ ମାଧ୍ୟମିକ ସ୍କୁଲର ଶିକ୍ଷକଙ୍କର ସଂଖ୍ୟା ଥିଲା ୧୩୨୪ ଓ ସେଥିମଧ୍ୟରୁ ତାଲିମ ପାଇ ନ ଥିବା ଶିକ୍ଷକଙ୍କର ସଂଖ୍ୟା ଥିଲା । ୫୪୭। ୧୯୪୧-୪୨ ମସିହାରେ ସମସ୍ତ ମାଧ୍ୟମିକ ସ୍କୁଲରେ ମୋଟ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଥିଲା ୧୦୨ ଓ ସେଥିମଧ୍ୟରୁ ୮ ଜଣ ତାଲିମ ପାଇ ନ ଥିଲେ । ୧୯୪୬-୪୭ରେ ସମସ୍ତ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଥିଲା ୧୦୬ ଓ ସେଥିମଧ୍ୟରୁ ତାଲିମ ପାଇ ନ ଥିବା ଶିକ୍ଷୟିତ୍ରୀ ଥିଲେ ୨୬ ଜଣ ।

ନବୋତ୍କଳ ଗଠନ ପରେ ଉତ୍ତର-ଓଡ଼ିଶା ଓ ଦକ୍ଷିଣ-ଓଡ଼ିଶା ମଧ୍ୟରେ ଶିକ୍ଷକ ତାଲିମ ପଦ୍ଧତିରେ ଯଥେଷ୍ଟ ପାର୍ଥକ୍ୟ ରହିଥିଲା । ଏହି ତାଲିମର ଭିନ୍ନତା ଦୃଷ୍ଟିରୁ ଦରମାହାର ମଧ୍ୟ ଭିନ୍ନ ପ୍ରକାରର ଥିଲା । କେବଳ ଦକ୍ଷିଣ-ଓଡ଼ିଶାରେ ଏକପ୍ରକାର ତାଲିମପ୍ରାପ୍ତ ଶିକ୍ଷକ ସମତଳ ଅଞ୍ଚଳରେ କାର୍ଯ୍ୟ କଲେ ଯେଉଁ ହାରରେ ଦରମା ପାଉଥିଲେ, ମାଳ ଅଞ୍ଚଳରେ କାର୍ଯ୍ୟ କଲେ ତାଠାରୁ ଭିନ୍ନ ହାରରେ ଦରମା ପାଉଥିଲେ । ଏ ଅଞ୍ଚଳରେ ହାୟର ଏଲିମେଣ୍ଟାରୀ ଟ୍ରେନିଂପ୍ରାପ୍ତ ଶିକ୍ଷକଙ୍କର ସ୍କେଲର ଆରମ୍ଭ ଟ୨୦ଙ୍କା ଦରମାରେ ହେଉଥିଲା । କିନ୍ତୁ ଉତ୍ତର-ଓଡ଼ିଶାରେ ଯେଉଁମାନେ ମାଧ୍ୟମିକ ସ୍କୁଲ ପରୀକ୍ଷା ( Middle School Examination )ରେ ପାଶ୍ କରି ତାଲିମପ୍ରାପ୍ତ ହେଉଥିଲେ, ସେମାନେ ୧୨ ଟଙ୍କା ଦରମାରେ ସ୍କେଲର ଆରମ୍ଭ କରୁଥିଲେ । କେବଳ ମାଧ୍ୟମିକ ସ୍କୁଲ ପରୀକ୍ଷାରେ ପାଶ୍ କରିଥିବା ତାଲିମ ହୋଇ ନ ଥିବା ଶିକ୍ଷକ ଆଠଟଙ୍କା ଦରମା ପାଉଥିଲେ । ଏଥିରୁ ଜଣାଯାଏ ଯେ ସବୁ ସ୍ତରରେ ଶିକ୍ଷକ ଦକ୍ଷିଣ-ଓଡ଼ିଶାରେ ଅଧିକ ବେତନ ପାଉଥିଲେ । ସରକାରୀ ସ୍କୁଲଗୁଡ଼ିକରେ ଥିବା ଶିକ୍ଷକମାନେ ପ୍ରୋଭିଡେଣ୍ଟ ଫଣ୍ଡ ଓ ପେନସନର ହକଦାର ଥିଲେ; କିନ୍ତୁ ଜିଲ୍ଲାବୋର୍ଡ଼ ଅଧୀନରେ ଥିବା ଶିକ୍ଷକମାନେ କେବଳ ପ୍ରୋଭିଡେଣ୍ଟ ଫଣ୍ଡର ସୁବିଧା ପାଉଥିଲେ । ସରକାରୀ ଓ ଜିଲ୍ଲାବୋର୍ଡ଼ ସ୍କୁଲଗୁଡ଼ିକୁ ବାଦ୍ ଦେଲେ ଗଞ୍ଜାମର ମାଳ ଅଞ୍ଚଳରେ ଥିବା ସାହାଯ୍ୟପ୍ରାପ୍ତ ପ୍ରାଇମେରୀ ସ୍କୁଲର ଶିକ୍ଷକମାନେ ଟ୨୦ରୁ କମ ଦରମା ପାଉ ନ ଥିଲେ ଓ ଏହାଛଡ଼ା ପ୍ରୋଭିଡେଣ୍ଟ ଫଣ୍ଡର ସୁବିଧା ମଧ୍ୟ ପାଉଥିଲେ । ପ୍ରାୟ ୧୯୪୭ ମସିହା ବେଳକୁ ଅଧିକାଂଶ ସ୍କୁଲରେ ଏକପ୍ରକାର ସିଲାବସ ବ୍ୟବହୃତ ହେଉଥିଲା; କିନ୍ତୁ ଦରମାହାରର ପାର୍ଥକ୍ୟ ପୂର୍ବପରି ରହିଥିଲା ।

ମାଧ୍ୟମିକ ସ୍କୁଲଗୁଡ଼ିକରେ ତାଲିମପ୍ରାପ୍ତ ହୋଇ ନ ଥିବା ଶିକ୍ଷକଙ୍କର ସଂଖ୍ୟା ପୂର୍ବରୁ ଦର୍ଶାଇ ଦିଆଯାଇଛି । ପ୍ରାଇମେରୀ ସ୍କୁଲଗୁଡ଼ିକରେ ଏହିପରି ଶିକ୍ଷକ ସଂଖ୍ୟା ଆହୁରି ଅସନ୍ତୋଷଜନକ ଥିଲା । ୧୯୪୬ ମସିହାରେ ୧୦,୩୭୭ ଜଣ ପ୍ରାଇମେରୀ ଶିକ୍ଷକଙ୍କ ମଧ୍ୟରୁ ୪୫୭୨ ଜଣ ତାଲିମ୍ ପାଇ ନ ଥିଲେ । କିନ୍ତୁ ଏହାପୂର୍ବରୁ ୧୯୪୨ ମସିହାରେ ସର୍ବମୋଟ ୧୧୧୪୨ ଜଣ ଶିକ୍ଷକଙ୍କ ମଧ୍ୟରୁ ତାଲିମ ପାଇ ନ ଥିବା ଶିକ୍ଷକଙ୍କର ସଂଖ୍ୟା ଥିଲା ୩୮୪ । ଏଥିରୁ ଜଣାଯାଏ ଯେ ହାରାହାରି ଶତକଡ଼ା ୫୭ ଜଣ ଶିକ୍ଷକ ତାଲିମପ୍ରାପ୍ତ ଥିଲେ । ଶିକ୍ଷକମାନଙ୍କର ଦରମାହାର ଅତ୍ୟନ୍ତ କମ ଥିବାରୁ ଓ ଉତ୍ତର-ଓଡ଼ିଶାର ଲୋକାଲ ବୋର୍ଡ଼ଗୁଡ଼ିକ କମ୍ ଦରମା ଦେଉଥିବାରୁ ବେଶୀ ଲୋକ ଶିକ୍ଷକ ହେବାପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ । ତେଣୁ ୧୯୪୭ ମସିହା ଏପ୍ରିଲ ମାସ ପରେ ତାଲିମପ୍ରାପ୍ତ ଓ ତାଲିମ ପାଇ ନ ଥିବା ଶିକ୍ଷକମାନଙ୍କୁ ବୃଦ୍ଧିହାରରେ ଦରମା ଦେବାପାଇଁ ସରକାର ସ୍ଥିର କଲେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦଶବର୍ଷପରେ ଶିକ୍ଷକ ତାଲିମର ସାମାନ୍ୟ ପରିବର୍ତ୍ତନ ଏହିପ୍ରକାରେ ଦେଖାଯାଇଥିଲା । କିନ୍ତୁ ସେତେବେଳେ ତାଲିମ ଦେବାପାଇଁ ଯଥେଷ୍ଟସଂଖ୍ୟକ ଅନୁଷ୍ଠାନ ନ ଥିଲା । ୧୯୪୬-୪୭ରେ ମାତ୍ର ୧୭ଟି ଅନୁଷ୍ଠାନ ସବୁପ୍ରକାର ଶିକ୍ଷକଙ୍କର ତାଲିମପାଇଁ ନିର୍ଦ୍ଦିଷ୍ଟ ଥିଲା । ଏହି ୧୭ଟି ଅନୁଷ୍ଠାନରେ ୭୮୯ ଜଣ ଛାତ୍ରଛାତ୍ରୀ ତାଲିମ ପାଉଥିଲେ । ଏତଦ୍‌ବ୍ୟତୀତ ଗୋଟିଏ ମାତ୍ର ଟ୍ରେନିଂ କଲେଜ ଥିଲା, ଯାହାର ଛାତ୍ର-ଛାତ୍ରୀ ମିଶି ମାତ୍ର ୧୩ ଥିଲେ । ଏହି ଅବସ୍ଥାରେ ଦେଶ ସ୍ୱାଧୀନ ହେଲା ଓ ଶିକ୍ଷାର ନାନାଦିଗର ଉନ୍ନତି ପାଇଁ ଯୋଜନାମାନ ପ୍ରସ୍ତୁତ ହେଲା । ଶିକ୍ଷକ ତାଲିମ କେନ୍ଦ୍ରଗୁଡ଼ିକ ଉପରେ ଦୃଷ୍ଟି ଦିଆଗଲା ଓ ତାହା ସହିତ ଦ୍ରୁତସଂଖ୍ୟାରେ ବଢ଼ି ଚାଲିଥିବା ସ୍କୁଲଗୁଡ଼ିକୁ କିପରି ଶିକ୍ଷକ ଯୋଗାଇ ଦିଆଯିବ ତାହାର ମଧ୍ୟ ବ୍ୟବସ୍ଥା ହୋଇଥିଲା । ୧୯୪୩ ମସିହାରେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଜନ୍ମ ନେଇଥିବାରୁ ପ୍ରଦେଶରେ କଲେଜ ଓ ହାଇ: ସ୍କୁଲର ସଂଖ୍ୟା ବଢ଼ୁଥିଲା । ଏଇ ନୂତନ ଶିକ୍ଷାନୁଷ୍ଠାନମାନଙ୍କୁ କିପରି ଭାବରେ ଉପଯୁକ୍ତ ତାଲିମପ୍ରାପ୍ତ ଶିକ୍ଷକ ଯୋଗାଇ ଦିଆଯିବ, ତାହା ବିଚାର କରାଗଲା ।

## ପ୍ରଥମ ପଞ୍ଚବାର୍ଷିକ ଯୋଜନା

ପ୍ରଥମ ପଞ୍ଚବାର୍ଷିକ ଯୋଜନା ୧୯୫୦-୫୧ରେ ଆରମ୍ଭ ହେଲା । ସେହି ସମୟରେ ପ୍ରଦେଶରେ ମାତ୍ର ୨୭ଟି ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲ ଥିଲା ଓ ତାର ଛାତ୍ରସଂଖ୍ୟା ଥିଲା ୮୭୫ । ଏହା ବ୍ୟତୀତ ଦୁଇଟି ମାତ୍ର ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଥିଲା, ଯାହାର ଛାତ୍ରସଂଖ୍ୟା ଥିଲା ୧୮୪ । ୧୯୩୬ ମସିହାଠାରୁ ଚାଲି ଆସୁଥିବା ଟ୍ରେନିଂ କଲେଜର ନୂତନ ନାମକରଣ ହୋଇ 'ରାଧାନାଥ ଟ୍ରେନିଂ କଲେଜ' ରଖାଗଲା । ଏଥିରେ ଛାତ୍ର-ଛାତ୍ରୀ ସଂଖ୍ୟା ସେତେବେଳକୁ ୫୦ । ନୂତନ ଅବସ୍ଥାର ସମ୍ମୁଖୀନ ହେବାପାଇଁ ଗୁଡ଼ିଏ ମୌଳିକ ଟ୍ରେନିଂ ସ୍କୁଲ ସ୍ଥାପନ କରିବା ବ୍ୟବସ୍ଥା ହୋଇଥିଲା ଓ ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲଗୁଡ଼ିକୁ ବେସିକ ଟ୍ରେନିଂ ସ୍କୁଲରେ ପରିଣତ କରିବାପାଇଁ ଯୋଜନା କରାଗଲା । ଟ୍ରେନିଂ ସ୍କୁଲର କାର୍ଯ୍ୟକ୍ରମରେ ମୌଳିକ ପନ୍ଥାର ପ୍ରୟୋଗପାଇଁ ପ୍ରସ୍ତାବ କରାଗଲା । ବଗିଚା କାମ ଓ ସଫାଇ ପ୍ରଭୃତି ଉପରେ ମଧ୍ୟ ଜୋର ଦିଆଗଲା । ଏହି ସମୟରେ ଏକ ମୌଳିକ ଟ୍ରେନିଂ କଲେଜ କରିବା କିମ୍ବା ରାଧାନାଥ ଟ୍ରେନିଂ କଲେଜକୁ ଏକ ମୌଳିକ ଟ୍ରେନିଂ କଲେଜରେ ପରିଣତ କରିବା ସଂପର୍କରେ ସରକାର ବିଚାର କଲେ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ପରେ ୧୯୫୫-୫୬ ମସିହାରେ ଶିକ୍ଷକ ତାଲିମରେ ଅଗ୍ରଗତି ଦେଖାଯାଇଥିଲା । ଅନଗୁଳରେ ଏକ ମୌଳିକ ଟ୍ରେନିଂ କଲେଜର କାର୍ଯ୍ୟାରମ୍ଭ ହେଲା । ଏଣୁ ୧୯୫୫-୫୬ରେ ଦୁଇଟି ଟ୍ରେନିଂ କଲେଜ ଓଡ଼ିଶାରେ କାର୍ଯ୍ୟ କରିବା ପାଇଁ ଆରମ୍ଭ କଲା । ଏହା ଛଡ଼ା ସେତେବେଳେ ଦୁଇଟି ସେକେଣ୍ଡାରୀ ଟ୍ରେନିଂ ସ୍କୁଲ, ୨୯ଟି ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲ, ୭ଟି ବେସିକ୍ ଟ୍ରେନିଂ ସ୍କୁଲ, ୨ଟି ଜୁନିଅର ଟ୍ରେନିଂ ସ୍କୁଲ ଓ ସ୍ତ୍ରୀମାନଙ୍କ ପାଇଁ ଏକ ଗୋଟି ସିନିଅର ଟ୍ରେନିଂ ସ୍କୁଲ କାର୍ଯ୍ୟ କରୁଥିଲା । ଏହି ବିଭିନ୍ନ ଧରଣର ଶିକ୍ଷକ ତାଲିମ କେନ୍ଦ୍ରଗୁଡ଼ିକ ଶିକ୍ଷକ ସ୍ୱଳ୍ପତା ମେଣ୍ଟାଇବା ଦିଗରେ ପାଞ୍ଚବର୍ଷ ଭିତରେ ଅନେକ ଦୂର ଆଗେଇ ଯାଇଥିଲେ । ବେସିକ୍ ତାଲିମ କେନ୍ଦ୍ରଗୁଡ଼ିକରେ ମଧ୍ୟ ନୂତନ ଧରଣର ତାଲିମର ବ୍ୟବସ୍ଥା ହୋଇଥିଲା । ଏହି ବେସିକ୍ ଟ୍ରେନିଂ ସ୍କୁଲଗୁଡ଼ିକରେ ୩୩୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଲିମ ପାଉଥିଲେ ଏବଂ ନନ୍ ବେସିକ ତାଲିମ ସ୍କୁଲଗୁଡ଼ିକରେ ୧୫୬୮ ପୁରୁଷ ଓ ୯୮ ଜଣ ସ୍ତ୍ରୀ ତାଲିମ ପାଉଥିଲେ । ଏତଦ୍‌ବ୍ୟତୀତ ଟ୍ରେନିଂ କଲେଜ ଓ ଟ୍ରେନିଂ ସ୍କୁଲଗୁଡ଼ିକରେ ଅଧିକ ଛାତ୍ରଛାତ୍ରୀ ପ୍ରବେଶ କରିବାର ସୁବିଧା ପାଇଥିଲେ । ଏହି ସମୟରେ ଆଇ. ଏ. ପାଠ୍ୟ ଭିତରେ ଯେଉଁ ଛାତ୍ର-ମାନେ ଶିକ୍ଷାକୁ ଗୋଟିଏ ବିଷୟରୂପେ ପଢ଼ୁଥିଲେ


ସେମାନଙ୍କ ପାଇଁ ଜଟକ ଟ୍ରେନିଂ ସ୍କୁଲରେ ଏକ ବାର୍ଷିକ ପାଠ୍ୟକ୍ରମ ପ୍ରଚଳିତ ହୋଇଥିଲା । ପରବର୍ତ୍ତିତ ମୌଳିକ ଶିକ୍ଷା ପ୍ରଣାଳୀର ବୈଶିଷ୍ଟ୍ୟ ସବୁ ଏଲିମେଣ୍ଟାରି ଟ୍ରେନିଂ ସ୍କୁଲଗୁଡ଼ିକରେ ଗ୍ରହଣ କରାଯାଇଥିଲା । ଧନ୍ଦା (craft), ସଫାଇ କାର୍ଯ୍ୟ, ସାମାଜିକ ଜୀବନଯାପନ ପ୍ରଣାଳୀ ପାଠ୍ୟକ୍ରମରେ ପ୍ରବର୍ତ୍ତିତ ହୋଇଥିଲା । ବେସିକ୍ ଟ୍ରେନିଂ ସ୍କୁଲରେ ଦୁଇ ବର୍ଷର ପାଠ୍ୟକ୍ରମ ନିର୍ଦ୍ଧାରିତ ହୋଇଥିଲା ଓ ଧନ୍ଦା ମାଧ୍ୟମରେ ଶିକ୍ଷା ଦିଆଯିବାର ସୁବ୍ୟବସ୍ଥା ହୋଇଥିଲା । ମୌଳିକ ଶିକ୍ଷାକୁ ଉତ୍ତମ ରୂପରେଖ ଦେବା ପାଇଁ ଓ ଉପଯୁକ୍ତ ଉଚ୍ଚ ସ୍ତରର ଶିକ୍ଷକ ତାଲିମ ପାଇଁ ଅନୁଗୁଳ ଟ୍ରେନିଂ କଲେଜରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରାଇମେରୀ ସ୍କୁଲ ଗୁଡ଼ିକରେ ଶିକ୍ଷକମାନେ କିପରି ଭାବରେ ବେସିକ ପ୍ରଣାଳୀର ଉପଯୁକ୍ତ ବ୍ୟବହାର କରିବେ, ତାହା ଶିଖାଇବା ପାଇଁ ଭ୍ରାମ୍ୟମାଣ ତାଲିମ କେନ୍ଦ୍ରମାନ ସ୍ଥାପନ କରାଯାଇଥିଲା । ଏହିପରି ୫ଟି ତାଲିମ କେନ୍ଦ୍ର ତିନି ତିନି ମାସର ମଧ୍ୟରେ ବିଭିନ୍ନାଞ୍ଚଳର ପ୍ରାଇମେରୀ ଶିକ୍ଷକମାନଙ୍କୁ ମୌଳିକ ପ୍ରଣାଳୀ ବିଷୟରେ ଶିକ୍ଷା ଦେଲେ । ଏହି ପ୍ରଣାଳୀରେ ୭୧୨୦ ଜଣ ଶିକ୍ଷକ ୧୯୫୫-୫୬ ମସିହା ମଧ୍ୟରେ ତାଲିମପ୍ରାପ୍ତ ହେଲେ; କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତାଲିମପ୍ରାପ୍ତ ଶିକ୍ଷକଙ୍କର ଅବସ୍ଥାର ବିଶେଷ ଉନ୍ନତି ହୋଇ ନ ଥିଲା । ଏହି ୧୯୫୫-୫୬ ମସିହାରେ ଦେଖାଯାଇଥିଲା ଯେ ୨୨୭୭୬ ପ୍ରାଇମେରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ୧୩୬୩ ଶିକ୍ଷକ ଓ ୧୨୮ ଶିକ୍ଷୟିତ୍ରୀ କୌଣସି ତାଲିମ ପାଇ ନାହାନ୍ତି । ଏବେ ସୁଦ୍ଧା ପ୍ରଦେଶରେ ୮୧୨୪ଟି ଏକଶିକ୍ଷକବିଶିଷ୍ଟ ବାଳକ ସ୍କୁଲ ରହିଅଛି । ଶ୍ରେଣୀ ଗୁଡ଼ିକରେ ହାରାହାରି ଗୋଟିଏ ଶିକ୍ଷକ ଅନୁପାତରେ ୩୦ ଜଣ ଛାତ୍ର ଶିକ୍ଷା ପାଇବା ପାଇଁ ରହିଛନ୍ତି । ଏହା ବ୍ୟତୀତ ସେକେଣ୍ଡେରୀ ସ୍କୁଲଗୁଡ଼ିକରେ ତାଲିମପ୍ରାପ୍ତ ଶିକ୍ଷକଙ୍କର ଅବସ୍ଥାର ମଧ୍ୟ ବିଶେଷ ପରିବର୍ତ୍ତନ ହୋଇ ନାହିଁ । ୧୯୫୫-୫୬ରେ ସମଗ୍ର ପ୍ରଦେଶରେ ତାଲିମପ୍ରାପ୍ତ ଗ୍ରାଜୁଏଟ ଶିକ୍ଷକଙ୍କର ସଂଖ୍ୟା ହେଉଛି ୭୮୩ । ତାଲିମପ୍ରାପ୍ତ ଆଇ. ଏ. ଓ ମାଟ୍ରିକଙ୍କର ସଂଖ୍ୟା ହେଉଛି ୧୧୯୭ ଓ ତାଲିମପ୍ରାପ୍ତ ମାଟ୍ରିକ ପାଶ କରି ନ ଥିବା ଶିକ୍ଷକଙ୍କର ସଂଖ୍ୟା ୭୨୫; କିନ୍ତୁ ସେହି ତୁଳନାରେ ତାଲିମ ପାଇ ନ ଥିବା ଗ୍ରାଜୁଏଟ ଆଇ.ଏ. ଓ ମାଟ୍ରିକ, ମାଟ୍ରିକ ପାଶ କରି ନ ଥିବା ଶିକ୍ଷକଙ୍କର ସଂଖ୍ୟା ଯଥାକ୍ରମେ ୫୧୫, ୨୭୩୫, ୪୧୦ ।

୧୯୫୨-୫୩ ମସିହାରେ ପରିବର୍ତ୍ତିତ ମୌଳିକ ଶିକ୍ଷା ପ୍ରଣାଳୀ ପ୍ରାଇମେରୀ ସ୍କୁଲ ଗୁଡ଼ିକରେ ପ୍ରବର୍ତ୍ତନ ଫଳରେ ଗୋଟିଏ ପ୍ରକାର ନୂଆ ତାଲିମର ଆବଶ୍ୟକତା ବିଶେଷ ଭାବରେ ଅନୁଭୂତ ହୋଇଥିଲା । ଏହା ଛଡ଼ା ଏକଶିକ୍ଷକବିଶିଷ୍ଟ ସ୍କୁଲମାନଙ୍କରେ ଗୋଟିଏ ଗୋଟିଏ ତାଲିମ ପାଇ ନ ଥିବା ମାଟ୍ରିକ୍ୟୁଲେଟ୍ ନିଯୁକ୍ତ କରି ସରକାର ବେକାର ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ । ଏ ମଧ୍ୟରେ ଲୋକମାନଙ୍କ ଭିତରେ ନୂଆ ନୂଆ ସ୍କୁଲ ଗଢ଼ିବାର ଆଗ୍ରହ ବୃଦ୍ଧି ପାଇଥିବାରୁ ସ୍କୁଲସଂଖ୍ୟା ମଧ୍ୟ ଯଥେଷ୍ଟ ପରିମାଣରେ ବଢ଼ିବାକୁ ଲାଗିଲା । ତେଣୁ ଶିକ୍ଷକମାନଙ୍କର ଦରମା ଓ ସ୍କୁଲଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଏକ ନିର୍ଦ୍ଦିଷ୍ଟ ପରିକଳ୍ପନା ସ୍ଥାନ ପାଇଲା ।

## ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା

୧୯୫୫-୫୬ ମସିହାରୁ ଏହି ଯୋଜନାର କାର୍ଯ୍ୟକାଳ ଆରମ୍ଭ ହୋଇଅଛି । ପ୍ରାଇମେରୀ ଓ ସେକେଣ୍ଡେରୀ ସ୍କୁଲର ଦ୍ରୁତ ସଂପ୍ରସାରଣ ଯୋଗୁ ସେ ଗୁଡ଼ିକୁ ଉପଯୁକ୍ତ ତାଲିମପ୍ରାପ୍ତ ଶିକ୍ଷକ ଯୋଗାଇବା ପାଇଁ ଓ ବର୍ତ୍ତମାନର ଏଲିମେଣ୍ଟାରୀ ଓ ବେସିକ ସ୍କୁଲର ଉନ୍ନତି ପାଇଁ ରାଜ୍ୟ ସରକାର ଏହି ଯୋଜନାକାଳ ମଧ୍ୟରେ ୫୦ ଗୋଟି ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲ ସ୍ଥାପନ କରିବା ପାଇଁ ମନସ୍ଥ କରିଅଛନ୍ତି । ଏଥିରେ ପରିବର୍ତ୍ତିତ ମୌଳିକ ପିରିୟଡସ ରୁଲ୍ ହେବ ଓ ଏ

[illegible]





ଗତ ତା'୧୯.୬.୧୯୬୧ ସନରେ କଟକଠାରେ ଅନୁଷ୍ଠିତ ଜାତୀୟ ସଞ୍ଚୟ ପକ୍ଷର
ପ୍ରାରମ୍ଭ ଦିବସରେ ରାଜ୍ୟପାଳ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍‌ରେ ଦସ୍ତଖତ କରୁଛନ୍ତି



ରାଜ୍ୟପାଳ କଟକ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଜାତୀୟ ସଞ୍ଚୟ ଯୋଜନା ସାର୍ଟିଫିକେଟ୍ ଗ୍ରହଣ କରୁଛନ୍ତି ।

# ଶିକ୍ଷା ପ୍ରସଙ୍ଗ

ବଗରେ ଯୋଜନାର ଯଥେଷ୍ଟ ଅଗ୍ରଗତି ହୋଇ ସାରିଛି । ଟ୍ରେନିଂ ସ୍କୁଲ ଓ ବେସିକ ସ୍କୁଲଗୁଡ଼ିକୁ ନାନା ଉପାୟରେ ସାହାଯ୍ୟ କରାଯାଉଛି । ଗତ ୧୯୫୬-୫୭ରେ ୭ ଗୋଟି ନୂତନ ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲ ଖୋଲାଯାଇଥିଲା ଓ ୧୯୫୭-୫୮ରେ ଓଡ଼ିଶାରେ ଆଉରି ଦଶଗୋଟି ସ୍କୁଲ ସରକାର ଖୋଲିଛନ୍ତି । ଚଳିତ ବର୍ଷ ଅର୍ଥାତ୍ ୧୯୫୮-୫୯ରେ ୧୦ ଗୋଟି ନୂଆ ସ୍କୁଲ ଖୋଲିବାର ବ୍ୟବସ୍ଥା ହୋଇଅଛି । କୁଣ୍ଡେଇଲ ନାମକ ସ୍ଥାନରେ ତୃତୀୟ ସେକେଣ୍ଡେରୀ ଟ୍ରେନିଂ ସ୍କୁଲର କାର୍ଯ୍ୟକ୍ରମ ଚଳିତ ବର୍ଷରୁ ଆରମ୍ଭ ହୋଇଅଛି । ବେସିକ୍ ଟ୍ରେନିଂ କଲେଜ ଓ ସ୍ନାତକ ଟ୍ରେନିଂ କଲେଜରେ ଅଧିକ ଛାତ୍ର-ଛାତ୍ରୀଙ୍କୁ ତାଲିମ ଦେବାପାଇଁ ପରିକଳ୍ପନା ହେଉଅଛି । ମାଟ୍ରିକ୍ ପାଶ୍ କରିଥିବା ସ୍ତ୍ରୀଲୋକଙ୍କପାଇଁ ଅନ୍ୟ ଗୋଟିଏ ତାଲିମ ସ୍କୁଲ କରିବା ସକାଶେ ମଧ୍ୟ ସରକାର ଯୋଜନା କରୁଛନ୍ତି । ଆଇ. ଏ. ପାଶ୍ କରିଥିବା ଛାତ୍ରମାନଙ୍କୁ ଗୋଟିଏ ବର୍ଷରେ ତାଲିମ ଦେବାପାଇଁ କାର୍ଯ୍ୟକ୍ରମ ଠିକ୍ ହେଉଅଛି ଓ ଅନେକ ଦିନ ସ୍କୁଲରେ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଥିବା ଶିକ୍ଷକମାନଙ୍କୁ ଅଳ୍ପସମୟ ମଧ୍ୟରେ ତାଲିମ ଦେବାପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି । ଏହି ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୨୫୦୦ ନୂତନ ପ୍ରାଇମେରୀ ସ୍କୁଲରେ ୫୦୦୦ ଶିକ୍ଷକଙ୍କର ନିଯୁକ୍ତିପାଇଁ ଅଟକଳ କରା ହୋଇଅଛି ଏବଂ ଏ ଦିଗରେ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି । ୧୯୫୬-୫୭ ଓ ୧୯୫୭-୫୮ ମସିହାରେ ୫୦୦ କରି ନୂତନ ସ୍କୁଲ ଖୋଲା ହୋଇ ସେଥିରେ ୧୦୦୦ ଲେଖାଏଁ, ଦୁଇ ହଜାର ଶିକ୍ଷକ ନିଯୁକ୍ତ ହୋଇଛନ୍ତି ଏବଂ ଚଳିତ ବର୍ଷ ଆଉରି ଏକ ହଜାର ଶିକ୍ଷକ ନିଯୁକ୍ତି ପାଇଁ ମଞ୍ଜୁରୀ ହୋଇଅଛି ।

ଶିକ୍ଷକମାନଙ୍କର ରହିବାପାଇଁ ଗୃହର ବିଶେଷ ଅଭାବ ଅନୁଭବ କରି ଏହି ଯୋଜନାକାଳ ମଧ୍ୟରେ ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ହୋଇଅଛି । ଅପେକ୍ଷାକୃତ ଅନୁନ୍ନତ ଜିଲ୍ଲାମାନଙ୍କରେ ୧୯୫୬-୫୭ ମସିହାରେ ୫୦ଟି ବାସଗୃହ ନିର୍ମିତ ହୋଇଅଛି । ଏଗୁଡ଼ିକ ସାଧାରଣତଃ କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ନିର୍ମାଣ କରାଯାଇଛି । ୧୯୫୭-୫୮ ମସିହାରେ କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୫ଟି ବାସଗୃହ ପ୍ରାଇମେରୀ ଶିକ୍ଷକମାନଙ୍କୁ ଯୋଗାଇ ଦେବାପାଇଁ ବ୍ୟବସ୍ଥା ହୋଇଅଛି । ତାଳଚେରରେ ଶିକ୍ଷୟିତ୍ରୀମାନଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଓଡ଼ିଶା ସରକାରଙ୍କ ତରଫରୁ ଏହିପ୍ରକାର ଗୃହନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇ ଅର୍ଥ ନିମିତ୍ତ କେନ୍ଦ୍ର ସରକାରଙ୍କୁ ଆବେଦନ କରାଯାଇଛି ।

ନିମ୍ନହାରରେ ଦରମା ପାଉଥିବା ହେତୁ ଶିକ୍ଷକମାନେ ଦରମାହାର ବଢ଼ାଇବା ପାଇଁ ପୂର୍ବରୁ ଆବେଦନ କରି ଆସୁଥିଲେ । ତେଣୁ ପ୍ରାଇମେରୀ ସ୍କୁଲରେ ଶିକ୍ଷକମାନଙ୍କର ଦରମାହାର ୧୯୫୬ ଜୁଲାଇ ମାସରୁ ବଢ଼ାଇ ଦିଆଯାଇଛି । ୧୯୫୭ ମସିହା ଏପ୍ରିଲ ମାସରୁ ଦ୍ୱିତୀୟ ମହର୍ଘଭତ୍ତା ପାଞ୍ଚଟଙ୍କା ମଧ୍ୟ ପ୍ରାଇମେରୀ ଶିକ୍ଷକଙ୍କୁ ଦିଆଯାଇଛି । ଏହି ସଂପର୍କରେ କେତୋଟି ଦୃଷ୍ଟାନ୍ତ ଦିଆଗଲେ ବିଷୟଟି ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଏ । ସାହାଯ୍ୟପ୍ରାପ୍ତ ସରକାରୀ ପ୍ରାଇମେରୀ ସ୍କୁଲଗୁଡ଼ିକରେ ଆଗେ ତାଲିମ ପାଇ ନ ଥିବା ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଥିବା ଶିକ୍ଷକ ଟ୨୨୲ ଦରମା ପାଉଥିବା ସ୍ଥଳେ ବର୍ତ୍ତମାନ ଟ୩୫୲ ପାଉଛନ୍ତି । ସ୍ପେଶାଲ ପ୍ରାଇମେରୀ ସ୍କୁଲର ତାଲିମ ପାଇ ନ ଥିବା ମାଟ୍ରିକୁଲେଟ୍ ଟ୪୦୲ରୁ ଟ୬୦୲ ପାଉଥିଲେ ଏବେ ସେ ଟ୪୦୲ରୁ ଟ୮୦୲ ପାଇବେ । ସରକାରୀ ସ୍କୁଲରେ ମେଟ୍ରିକ ଏଲିମେଣ୍ଟାରୀ ଶିକ୍ଷକ ଟ୨୨୲ରେ ଚାକିରୀ ଆରମ୍ଭ କରୁଥିଲେ, ଏବେ ସେ ସ୍ଥଳରେ ଟ୩୫୲ ପାଇବେ । ଏହି ଶିକ୍ଷକମାନଙ୍କର ଜ୍ଞାନର ଉନ୍ନତି ପାଇଁ ୧୯୫୬ଠାରୁ ୧୯୫୮ ମସିହା ପର୍ଯ୍ୟନ୍ତ ଆଠଗୋଟି ସେମିନାର କରାଯାଇଥିଲା । ଏହି ସେମିନାରଗୁଡ଼ିକରେ ଶିକ୍ଷକମାନଙ୍କୁ ନୂତନ ଶିକ୍ଷାପ୍ରଣାଳୀ ଓ ଆବଶ୍ୟକୀୟ ଶିକ୍ଷା ସମ୍ବନ୍ଧୀୟ ଉପଦେ

ବିଷୟମାନ ଜଣାଇ ଦିଆଯାଇଥିଲା । ମୌଳିକ ଶିକ୍ଷା-ପ୍ରଣାଳୀର ଉନ୍ନତିପାଇଁ ଊଣଶହ ବେସିକ ତାଲିମପ୍ରାପ୍ତ ମାଟ୍ରିକୁଲେଟ୍ ଶିକ୍ଷକ ଓ ୫୦ ଜଣ ବେସିକ-ତାଲିମପ୍ରାପ୍ତ ଗ୍ରାଜୁଏଟ୍ ଶିକ୍ଷକ ନିଯୁକ୍ତି ପାଇଁ ସ୍ଥିର କରାଯାଇଛି । ୧୯୫୬-୫୭ ମସିହାରେ ଏଥିମଧ୍ୟରୁ ୮୦ ଜଣ ମାଟ୍ରିକୁଲେଟ୍ ଓ ୧୦ ଜଣ ତାଲିମପ୍ରାପ୍ତ ଗ୍ରାଜୁଏଟ୍‌ଙ୍କର ନିଯୁକ୍ତି ହୋଇସାରିଛି । ସେହିପରି ୧୯୫୭-୫୮ ମସିହାରେ ୨୫ ଜଣ ବେସିକ ତାଲିମପ୍ରାପ୍ତ ମାଟ୍ରିକୁଲେଟ୍ ଓ ଜଣେ ଗ୍ରାଜୁଏଟ୍‌ଙ୍କର ନିଯୁକ୍ତି ହୋଇଅଛି । ଚଳିତ ବର୍ଷ ପୂର୍ବପରି କାର୍ଯ୍ୟାନୁଷ୍ଠାନ ଚାଲିଛି ।

ସେକେଣ୍ଡେରୀ ଶିକ୍ଷାର ଉନ୍ନତି ପାଇଁ ମଧ୍ୟ ନାନା-ପ୍ରକାର ବ୍ୟବସ୍ଥା ହୋଇଅଛି । ହାଇସ୍କୁଲ ଶିକ୍ଷକଙ୍କୁ ୫୦ଟି ଘର ଯୋଗାଇଦେବା ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ସ୍ଥିର କରାଯାଇଛି । ଏହା ମଧ୍ୟରୁ ୬ଟି ଗୃହର ନିର୍ମାଣ ସରିଛି ଓ ଚଳିତ ବର୍ଷ ସୁନ୍ଦରଗଡ଼ ଓ ବଉଦରେ ଏହି ଗୃହ ନିର୍ମାଣ ହେବାର ନିଶ୍ଚିତ ହୋଇଛି । ଏହାଦ୍ୱାରା ଶିକ୍ଷକମାନଙ୍କର ବିଶେଷ ଉପକାର ହେବ । ଶିକ୍ଷାର ମାନ ବଢ଼ାଇବା ପାଇଁ ସ୍କୁଲମାନଙ୍କରେ ତାଲିମ୍‌ପ୍ରାପ୍ତ ଆଇ. ଏ. ଶିକ୍ଷକଙ୍କ ବଦଳରେ ତାଲିମପ୍ରାପ୍ତ ଗ୍ରାଜୁଏଟ୍ ଶିକ୍ଷକ ରଖାଯିବାର ବ୍ୟବସ୍ଥା କରାଯାଇଛି । ପ୍ରଥମ ଦୁଇବର୍ଷ ଭିତରେ ୪୬ଟି ସ୍କୁଲରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ମାଧ୍ୟମିକ ସ୍କୁଲଗୁଡ଼ିକରେ ଧନ୍ଦା (Craft)ର ବ୍ୟବସ୍ଥା ହୋଇଥିବାରୁ ତାଲିମପ୍ରାପ୍ତ ଶିକ୍ଷକର ଅଭାବ ପୂରଣ ପାଇଁ ଖଲିକୋଟଠାରେ ଗୋଟିଏ ଆର୍ଟ ଆଣ୍ଡ କ୍ରାଫ୍ଟ ସ୍କୁଲ (Art and Craft School) ଖୋଲା ଯାଇଅଛି । ଛାତ୍ରମାନଙ୍କୁ ଏଠାରେ ବୃତ୍ତି ମିଳିଥାଏ । ୧୯୫୭ ମସିହାରେ ଶିକ୍ଷକମାନଙ୍କୁ ଉଚ୍ଚଶିକ୍ଷା ଦେବାନିମନ୍ତେ ରାଧାନାଥ ଟ୍ରେନିଂକଲେଜ୍‌ରେ ଏମ୍‌.ଇଡ଼. ଶ୍ରେଣୀ ଖୋଲା ହୋଇଅଛି ।

ଓଡ଼ିଶାରେ ଏପର୍ଯ୍ୟନ୍ତ ଛାତ୍ରମାନଙ୍କୁ ବ୍ୟାୟାମଶିକ୍ଷା ଦିଆଯିବା ପାଇଁ କୌଣସି ଉଚ୍ଚ ଦରର ଅନୁଷ୍ଠାନ ନ ଥିଲା । ଏଥିପାଇଁ ସରକାରଙ୍କ ତରଫରୁ ଗୋଟିଏ କଲେଜ୍ ହୋଇଅଛି । ଏହାର ନାମ କଲେଜ୍ ଅଫ ଫିଜିକାଲ୍ ଏଡ଼ୁକେସନ୍ (College of Physical Education) ଓ ଏହା କଟକରେ ଖୋଲାଯାଇ-ଅଛି । ଏହି କଲେଜ୍‌ର ଶିକ୍ଷା ଦୁଇବର୍ଷ ହେଲା ଆରମ୍ଭ ହୋଇଅଛି ।

ହିନ୍ଦୀ ଶିକ୍ଷାର ଉନ୍ନତି ପାଇଁ ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭାର ଆନୁକୂଲ୍ୟରେ ହିନ୍ଦୀ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଦୁଇବର୍ଷ ହେଲା ଖୋଲା ହୋଇଅଛି । ଏଠାରୁ ତାଲିମ୍ ପାଇଥିବା ଶିକ୍ଷକମାନେ ଉଚ୍ଚ ମାଧ୍ୟମିକ ଓ ମାଧ୍ୟମିକ ସ୍କୁଲମାନଙ୍କରେ ଶିକ୍ଷକତା କରିବା ପାଇଁ ଯୋଗ୍ୟ ହେବେ ବୋଲି ଆଶା କରାଯାଉଛି ।

ଶିକ୍ଷକମାନଙ୍କର ଶିକ୍ଷାଦାନ ପ୍ରଣାଳୀର ଉନ୍ନତି ପାଇଁ ରାଧାନାଥ ଟ୍ରେନିଂ କଲେଜର ଏକ୍‌ସ୍‌ଟେନ୍‌ସନ ସର୍ଭିସେସ୍ ଡିପାର୍ଟମେଣ୍ଟ (Extension Services Department) ଖୋଲା ଯାଇଅଛି । ଏହା ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର ସେକେଣ୍ଡେରୀ ଏଡ଼ୁକେସନ (All India Council for Secondary Education) ଠାରୁ ସାହାଯ୍ୟ ପାଏ । ୧୯୫୭ ମସିହାରୁ ଏହି କାର୍ଯ୍ୟ ଆରମ୍ଭ ହୋଇଅଛି । ଏହି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଶିକ୍ଷକମାନେ କପରି ଭାବରେ ନୂତନ ଚିନ୍ତା-ଧାରା ସହ ସମ୍ପୃକ୍ତ ରହିବେ ଓ ଶିକ୍ଷା-ପ୍ରଣାଳୀକୁ ଖୁବ୍ ଫଳପ୍ରଦ କରିବେ । ଏହା ବର୍ତ୍ତମାନ ତିନବର୍ଷ ପାଇଁ କାର୍ଯ୍ୟକାରୀ ହେବ । ଏହି ଡିପାର୍ଟମେଣ୍ଟ ଅଧୀନରେ ବର୍ତ୍ତମାନ କଟକ ଓ ପୁରୀ ଜିଲାର ୬୨ଟି ସ୍କୁଲକୁ ରଖାଯାଇଛି । ଏହି ବିଭାଗର କାର୍ଯ୍ୟକ୍ରମ ହେଉଛି— ସେମିନାର କରିବା ସେମିନାରର ରିପୋର୍ଟଗୁଡ଼ିକ ଛାପିବା, ଶିକ୍ଷଣୀୟ ଚଳଚ୍ଚିତ୍ର ପ୍ରଦର୍ଶନ କରିବା, ସ୍କୁଲମାନଙ୍କରେ ପ୍ରଦର୍ଶନୀ କରିବା, ଶିକ୍ଷାସମ୍ବନ୍ଧୀୟ ନାନା ଉପାଦେୟ ପୁସ୍ତକ ସ୍କୁଲଗୁଡ଼ିକୁ ଋଣ-

ସୂତ୍ରରେ ଦେବା, ସ୍କୁଲଗୁଡ଼ିକୁ ସାମୟିକ ଯାଞ୍ଚ କରି ପ୍ରକୃତରେ ସେମାନେ ପଢ଼ାଉଛନ୍ତି ତାହା ତନଖି କରିବା ।

ଏହି ଯୋଜନାଗୁଡ଼ିକ ଛଡ଼ା ବେସରକାରୀ ସ୍କୁଲରେ କାର୍ଯ୍ୟ କରୁଥିବା ଶିକ୍ଷକମାନଙ୍କର ଦରମାହାର ବୃଦ୍ଧି ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସାହାଯ୍ୟ ମାଗିଛନ୍ତି ଓ ପ୍ରସ୍ତାବ କରିଛନ୍ତି ଯେ କେନ୍ଦ୍ର ସରକାର ଯେତିକି ସାହାଯ୍ୟ ଦେବେ, ରାଜ୍ୟ ସରକାର ସେତିକି ସାହାଯ୍ୟ ଦେବେ । ଏହାଛଡ଼ା ସେମାନେ ଶିକ୍ଷୟିତ୍ରୀମାନଙ୍କୁ ବିନାଭଡ଼ାରେ ଘର ଯୋଗାଇ ଦେବା, ସ୍କୁଲ ମଦର୍ସ ନିଯୁକ୍ତ କରିବା ଓ ରିଫ୍ରେସର କୋର୍ସ ପାଇଁ କେନ୍ଦ୍ର ସରକାରଙ୍କର ଥିବା ଯୋଜନାଗୁଡ଼ିକୁ ଗ୍ରହଣ କରିଛନ୍ତି । ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ୧୯୫୭-୫୮ ମସିହାରୁ ଆରମ୍ଭ ହୋଇ ଯାଇଅଛି ।

ଶିକ୍ଷକ ତାଲିମ ପାଇଁ ଯାହା କିଛି ବ୍ୟବସ୍ଥା ଗ୍ରହଣ କରାଯାଇଛି, ତାହା ଉପରେ ଦର୍ଶାଇ ଦିଆଗଲା । ଯେପରି ଦ୍ରୁତଗତିରେ ନୂତନ ସ୍କୁଲମାନ ବଢ଼ିଚାଲିଛି, ସେପରି ତତ୍ପରତାର ସହିତ ତାଲିମପ୍ରାପ୍ତ ଶିକ୍ଷକ ଯୋଗାଇବା ପାଇଁ ସରକାର ଚେଷ୍ଟା କରୁଅଛନ୍ତି । ଓଡ଼ିଶା ବିଧାନସଭାର ମତ ଓ ସାଧାରଣ ଜନମତ ପ୍ରତି ଯଥେଷ୍ଟ ସମ୍ମାନ ଦିଆଯାଇ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଅଛି । ଅନୁନ୍ନତ ଅଞ୍ଚଳମାନଙ୍କରେ ଟ୍ରେନିଂ ସ୍କୁଲର ପ୍ରସାର ଓ ଶିକ୍ଷକଙ୍କ ପାଇଁ ବାସଗୃହର ବ୍ୟବସ୍ଥା ହେଉଛି । ଗତ ନଭେମ୍ବର ମାସରେ ରାଧାନାଥ ଟ୍ରେନିଂ କଲେଜରେ ଶିକ୍ଷାମନ୍ତ୍ରୀଙ୍କ ସଭାପତିତ୍ୱରେ ମାଧ୍ୟମିକ ଶିକ୍ଷା ବିଷୟରେ ଲୋକପ୍ରତିନିଧି, ବିଶିଷ୍ଟ ଶିକ୍ଷାବିତ୍ ଓ ବିଭିନ୍ନ ସଂପୃକ୍ତ ବିଭାଗର କର୍ମଚାରୀମାନଙ୍କର ଗୋଟିଏ ସଭା ହୋଇଥିଲା । ସେଥିରେ ମତର ଆଦାନପ୍ରଦାନ ଓ ଶିକ୍ଷାନୀତିର ପୂର୍ଣ୍ଣ ସମାଲୋଚନା ହୋଇଥିଲା । ଶିକ୍ଷକ ତାଲିମର ଭବିଷ୍ୟତ କଣ ହେବ, ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ୧୯୫୬-୫୭ ମସିହାରେ ତାଲିମ ପାଇଥିବା ଶିକ୍ଷକ ସଂଖ୍ୟା ଆଶାନୁରୂପ ନ ହେଲେ ମଧ୍ୟ ଏହା ଯେ ବର୍ଷକୁ ବର୍ଷ ଦ୍ରୁତ ଗତିରେ ବଢ଼ିଚାଲିଛି, ଏଥିରେ ସନ୍ଦେହର ଅବକାଶ ନାହିଁ । ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲଗୁଡ଼ିକରେ ୧୯୫୫-୫୬ରେ ୧୭୫୮ ଜଣ ପୁରୁଷ ତାଲିମ ପାଇଁ ଥିବା ସମୟରେ ଏକବର୍ଷ ପରେ ଏହି ସଂଖ୍ୟା ୧୯୯୯ ହୋଇଥିଲା । ଏଥିରୁ ଶିକ୍ଷକ ତାଲିମ କିପରି ଭାବରେ ଗତି କରୁଛି, ବେଶ୍ ଅନୁମାନ କରିହେବ । ଶିକ୍ଷକଙ୍କ ଦରମାହାରକୁ ବଢ଼ାଇ ଉପଯୁକ୍ତ ଯୁବକମାନଙ୍କୁ ଏହି ଜୀବିକା ପ୍ରତି ଆକୃଷ୍ଟ କରିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି । ଆଶା କରାଯାଏ, ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷକୁ ଦେଶରେ ଯଥେଷ୍ଟ ସଂଖ୍ୟାରେ ତାଲିମପ୍ରାପ୍ତ ଶିକ୍ଷକ ମିଳିବେ ।

# ଓଡ଼ିଶାରେ ମାଧ୍ୟମିକ ଶିକ୍ଷା


## ଡକ୍ଟର ଏସ୍. ସାହୁ, ଏମ୍. ଏ., ଡି. ଫିଲ୍. (ବନ୍)

### ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ର ସେକ୍ରେଟେରୀ


**ସେକେଣ୍ଡେରୀ** ଶିକ୍ଷା କମିଶନଙ୍କ ସିଦ୍ଧାନ୍ତ ପ୍ରକାଶିତ ହେବା ପୂର୍ବରୁ ସମଗ୍ର ମାଧ୍ୟମିକ ଶିକ୍ଷାର ତତ୍ତ୍ୱାବଧାନ କରିବା ସକାଶେ ଗୋଟିଏ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସ୍ଥାପନ କରିବାଲାଗି ଓଡ଼ିଶା ସରକାର ସ୍ଥିର କରିଥିଲେ ଓ ତତ୍କାଳୀନ ଶିକ୍ଷାମନ୍ତ୍ରୀ ୧୯୫୨ ମସିହାରେ ଗୋଟିଏ ବିଲ୍ ବିଧାନସଭାରେ ଆଗତ କରିଥିଲେ । ମାଧ୍ୟମିକ ଶିକ୍ଷା ଆଇନ ୧୯୫୩ରେ ପାସ୍ ହୋଇଥିଲା । ମାଧ୍ୟମିକ ଶିକ୍ଷାର ତତ୍ତ୍ୱ ନେବା ପାଇଁ ପ୍ରତି ରାଜ୍ୟରେ ଗୋଟିଏ ଲେଖାଏଁ ବୋର୍ଡ଼ ଗଠନର ଆବଶ୍ୟକତା ରହିଛି ବୋଲି ଦୃଢ଼ଭାବରେ ସୁପାରିଶ କରି କମିଶନ ମଧ୍ୟ ସେହି ବର୍ଷ ତାଙ୍କର ସିଦ୍ଧାନ୍ତ ଘୋଷଣା କରିଥିଲେ ।

ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବୁଝାଇ ମାଧ୍ୟମିକ ଶିକ୍ଷାର ଲକ୍ଷ୍ୟ ସମ୍ପର୍କରେ କୁହାଯାଇଛି । ସେଥିରୁ ବୁଝାଯାଉଛି ଯେ ଏହାର ଦୁଇଟି ପ୍ରଧାନ ଲକ୍ଷ୍ୟ ହେଉଛି—(୧) ଉଚ୍ଚତର ଶିକ୍ଷା ପାଇଁ ମାଧ୍ୟମିକ ଶିକ୍ଷାକୁ ଏକ ଉପଯୁକ୍ତ ପ୍ରସ୍ତୁତଭାବେ ଗ୍ରହଣ କରିବା; (୨) ଆଉ ମଧ୍ୟ ଉଚ୍ଚ ଶିକ୍ଷା ପାଇଁ ଯେଉଁ ଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ପାଇଁ ଅକ୍ଷମ ହେବେ, ସେମାନଙ୍କ ପାଇଁ ଉପଯୁକ୍ତ ପାଠ୍ୟ-ବିଷୟ ଯୋଗାଇଦେବା । ଉକ୍ତ ଆଇନରେ ମାଧ୍ୟମିକ ଶିକ୍ଷା ବୋର୍ଡ଼କୁ ଯଥେଷ୍ଟ କ୍ଷମତା ଦିଆଯାଇଛି । ବସ୍ତୁତଃ ମାଇନର ସ୍କୁଲ, ଆଶ୍ରମ ସ୍କୁଲ, ହାଇସ୍କୁଲ, ମୌଲକୋତ୍ତର ସ୍କୁଲ, କୃଷି ଉଚ୍ଚ-ବିଦ୍ୟାଳୟ, ବୈଷୟିକ ଉଚ୍ଚ-ବିଦ୍ୟାଳୟ, ବାଣିଜ୍ୟ ବିଦ୍ୟାଳୟ, ଶିଳ୍ପ ବିଦ୍ୟାଳୟ, ସିନିଅର ବୈଷୟିକ ବିଦ୍ୟାଳୟ, କଳା ଓ ଶିଳ୍ପ ବିଦ୍ୟାଳୟ, ସଙ୍ଗୀତ ବିଦ୍ୟାଳୟ, ଶାରୀରିକ ଶିକ୍ଷା ବିଦ୍ୟାଳୟ ଏବଂ ବୋର୍ଡ଼ର ମଞ୍ଜୁରୀ ପାଇଥିବା ଏଭଳି ଅନ୍ୟାନ୍ୟ ବିଦ୍ୟାଳୟମାନଙ୍କୁ ମାଧ୍ୟମିକ ସ୍କୁଲ ବୋଲି ଉକ୍ତ ଆଇନରେ ବ୍ୟାଖ୍ୟା କରାଯାଇଛି ।

୧୯୫୩ ମସିହାରେ ଆଇନଟି ପାସ ହୋଇଥିଲେ ସୁଦ୍ଧା ୧୯୫୭ ମସିହା ଅପ୍ରେଲ ମାସରେ ବୋର୍ଡ଼ର ପ୍ରଥମ ବୈଠକ ବସାଇବା ସମ୍ଭବ ହୋଇଥିଲା । ଉକ୍ତ ଆଇନରେ ସୂଚିତ ସବୁ ଶ୍ରେଣୀର ବିଦ୍ୟାଳୟ ବିଷୟରେ ଏକା ସମୟରେ ଆଲୋଚନା କରିବା ଅସମ୍ଭବ ହେବାରୁ ଏବଂ ହାଇସ୍କୁଲ ଓ ମାଇନର ସ୍କୁଲର ସଂଖ୍ୟା ସର୍ବୋଚ୍ଚ ହୋଇଥିବାରୁ ପ୍ରଥମ ବୈଠକରେ ଏହି ସ୍କୁଲଗୁଡ଼ିକର ନିୟମାବଳୀ ଓ ନିୟନ୍ତ୍ରଣ ସମ୍ପର୍କରେ ବୋର୍ଡ଼ ବିଚାର କରିଥିଲେ । ବୋର୍ଡ଼ର ପ୍ରଥମ ବୈଠକରେ ସ୍ଥିର ହେଲା ଯେ ମାଧ୍ୟମିକ ସ୍ତରରେ ଶିକ୍ଷାର ଢାଞ୍ଚା ବଦଳାଇବା ଦରକାର ଏବଂ ଉପରୋକ୍ତ ଲକ୍ଷ୍ୟ ହାସଲ କରିବାକୁ ହେଲେ ଦୁଇଟି ଦିଗରୁ କାର୍ଯ୍ୟ ଆରମ୍ଭ କରିବାକୁ ହେବ; ଯଥା :— (୧) ମାଧ୍ୟମିକ ପର୍ଯ୍ୟାୟ ଶେଷରେ ଯୋଗ୍ୟତାର ମାନ ବଢ଼ାଇବା ଉଦ୍ଦେଶ୍ୟରେ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟମାନ ଖୋଲିବାର ସିଦ୍ଧାନ୍ତ କରାଗଲା । ବର୍ତ୍ତମାନର ଇଣ୍ଟରମିଡ଼ିଏଟ୍ ସାଙ୍ଗରେ ଏହି ମାନ ପ୍ରାୟ ସମାନ ହେବାର ଲକ୍ଷ୍ୟ ରଖାଯାଇ ଥିଲା; (୨) ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ପାଠ୍ୟ ବିଷୟଗୁଡ଼ିକୁ ପୂର୍ବପରି ପୁସ୍ତକଗତ ନ କରି ସେଥିରେ ଇଞ୍ଜିନିୟରିଂ, ବିଜ୍ଞାନ ଓ କୃଷିକଳା ପ୍ରଭୃତିରୁ କିଛି



ଯବକ୍ଷର ବନ୍ଦୋବସ୍ତ ସମ୍ବନ୍ଧରେ ଓଡ଼ିଶା ପରିଭ୍ରମଣରେ ଆସିଥିବା ଆସାମ
ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି



ଅଳସୁ ୨ ବନୋଦନ ଉନନ୍ତ୍ରେ ଶିକ୍ଷାକୁ ଉନ୍ନତରେ ଆଣିବା ଅପୂର୍ବ ଛାତ୍ରବୃନ୍ଦ ।
ପୁସ୍ତଠାରେ ଏକ ସାଂସ୍କୃତିକ ପ୍ରତିଯୋଗିତା ସେମାନଙ୍କ ଭିତରେ ହୋଇଥିଲା ।
ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଦେଉଛନ୍ତି

ନିଷ୍ଠ ବିଷୟ ସ୍ଥାନ ପାଇବା ଉଚିତ । ତାହାହେଲେ ଯେଉଁ ପିଲାମାନେ ଇଚ୍ଛା ବା ସୁବିଧା ଅଭାବରୁ ବିଶ୍ୱବିଦ୍ୟାଳୟ-ଶିକ୍ଷା ପାଇବାକୁ ଅସମର୍ଥ ହେବେ, ସେମାନେ ସ୍କୁଲ ଛାଡ଼ିବା ପରେ ନିଜ ନିଜ ବୃତ୍ତି ବା ବ୍ୟବସାୟରେ ବ୍ୟବହାର କରିପାରିବା ଭଳି ବିଜ୍ଞାନ ବା ବୈଷୟିକ ଜ୍ଞାନ ଓ ଅଭ୍ୟାସ ହାସଲ କରିପାରିବେ । ଉଦାହରଣ ସ୍ୱରୂପ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଣିଜ୍ୟ ବିଷୟ ପଢୁଥିବା ଛାତ୍ରମାନଙ୍କୁ ବୁକ୍ କିପିଙ୍ଗ ବା ହିସାବ ରକ୍ଷା (ଆକାଉଣ୍ଟାନ୍‌ସି) ବା ହିସାବ ବିଦ୍ୟା, ବାଣିଜ୍ୟିକ ପତ୍ରାଳାପ, ସର୍ଟହାଣ୍ଡ ବା ଆଶୁଲିପି ଓ ଟାଇପ କରିବା ବିଷୟରେ ଶିକ୍ଷା ଦିଆଯାଇଥାଏ । ତେଣୁ କେବଳ ପୁସ୍ତକଗତ ଶିକ୍ଷା ହାସଲ କରିଥିବା ଜଣେ ଛାତ୍ର ଯେତେ ବୁଦ୍ଧିମାନ ହେଲେ ବି ତାଠାରୁ ପୂର୍ବୋକ୍ତ ଛାତ୍ର ଅଧିକ ଯୋଗ୍ୟ ସହକାରୀ ହୋଇ ପାରିବ ।

ଆଉ ମଧ୍ୟ ସେତେବେଳେ ହୃଦୟଙ୍ଗମ କରାଯାଇ ଥିଲା ଯେ ପ୍ରଚଳିତ ହାଇସ୍କୁଲଗୁଡ଼ିକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ହେଲେ ବହୁ ସମୟ ଓ ବହୁ ଧନ ଦରକାର ହେବ । ତେଣୁ ବୋର୍ଡ଼ ସିଦ୍ଧାନ୍ତ କଲେ ଯେ ଆସନ୍ତା କେତେ ବର୍ଷ ପାଇଁ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ପାଖାପାଖି ଚଳାଇବାକୁ ପଡ଼ିବ ।

ଆଉ ମଧ୍ୟ ବୋର୍ଡ଼ ବୈଠକରେ ସିଦ୍ଧାନ୍ତ କରାଯାଇଥିଲା ଯେ ଶେଷରେ ମାଧ୍ୟମିକ ଶିକ୍ଷାରେ ଯେଉଁ ଢାଞ୍ଚା ରଖାଯିବ, ସେଥିରେ ପ୍ରାଥମିକ ସୋପାନ ପରେ ୭ ବର୍ଷ ଶିକ୍ଷା ଦେବାର ବ୍ୟବସ୍ଥା ରହିବ; ଅର୍ଥାତ୍ ମଧ୍ୟମ ସୋପାନରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ରଖାଯିବ ଏବଂ ଉଚ୍ଚ ମାଧ୍ୟମିକ ସୋପାନରେ ୯ମ, ୧୦ମ, ୧୧ଶ ଓ ୧୨ଶ ଶ୍ରେଣୀ ରଖାଯିବ । କିନ୍ତୁ ରାଜ୍ୟରେ ଥିବା ୭୦୦ଟି ମାଇନର ସ୍କୁଲରେ ୮ମ ଶ୍ରେଣୀ ଖୋଲିବା ଅସମ୍ଭବ ହେଉଥିବାରୁ ଆସନ୍ତା କେତେ ବର୍ଷ ପାଇଁ ମାଇନର ସ୍କୁଲମାନଙ୍କରେ ୬ଷ୍ଠ ଓ ୭ମ ଶ୍ରେଣୀ ରଖିବା ସିଦ୍ଧାନ୍ତ କରାଯାଇଥିଲା ।

ମାଧ୍ୟମିକ ବିଦ୍ୟାଳୟର ଛାତ୍ରମାନଙ୍କୁ ଶିକ୍ଷା ଦିଆଯାଉଥିବା ବିଷୟର ତାଲିକାରେ ସାମାନ୍ୟ ପରିବର୍ତ୍ତନ ମଧ୍ୟ କରାଯାଇଅଛି । ଏ ପର୍ଯ୍ୟନ୍ତ ମାଧ୍ୟମିକ ବିଦ୍ୟାଳୟର ଛାତ୍ରମାନଙ୍କ ପାଇଁ ଇଂରାଜୀ, ମାତୃଭାଷା ଓ ପ୍ରାଚୀନ ଭାଷା (ସଂସ୍କୃତ) ଏହି ତିନୋଟି ଭାଷା ଶିକ୍ଷା କରିବା ବାଧ୍ୟତାମୂଳକ ଥିଲା । ଭାରତ ସ୍ୱାଧୀନ ହେବା ପରେ ସାରା ଦେଶ ପାଇଁ ଏକ ଉପଯୁକ୍ତ କଥିତ ଭାଷା ବାଛିବା ପ୍ରଶ୍ନ ଉଠିଲା ଏବଂ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ହିନ୍ଦୀ ଚଳାଇବା ଦରକାର ପଡ଼ିଲା । ତେଣୁ ଜାତୀୟ ଭାଷା ହିନ୍ଦୀ ଓ ଆଞ୍ଚଳିକ ଭାଷା ଓଡ଼ିଆକୁ ବୋର୍ଡ଼ର ପରୀକ୍ଷା ଦେବାକୁ ଇଚ୍ଛୁକ ସବୁ ଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ କରିବାକୁ ବୋର୍ଡ଼ ପ୍ରସ୍ତାବ କଲେ । ଯାହା ହେଉ, ଭାରତର ନାଗରିକମାନେ ଅତୀତରେ ଯେପରି ଇଂରାଜୀ ଭାଷା ଜାଣିବା ଆବଶ୍ୟକ ହେଉଥିଲା, ଭବିଷ୍ୟତରେ ସେହିପରି ଜାଣିବା ନିତାନ୍ତ ଆବଶ୍ୟକ ହେଉଥିବାରୁ ଇଂରାଜୀ ଭାଷାକୁ ମଧ୍ୟ ରଖାଯାଇଅଛି ।

ବୋର୍ଡ଼-ପରିକଳ୍ପିତ ଢାଞ୍ଚାରେ ଶିକ୍ଷା ପ୍ରଣାଳୀ ଚଳାଇବାପକ୍ଷେ ପ୍ରଧାନ ପ୍ରତିବନ୍ଧକ ହେଉଛି ଉପଯୁକ୍ତ ଶିକ୍ଷକର ଅଭାବ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ସ୍ନାତକୋତ୍ତର ଉପାଧି ଲାଭ କରିଥିବା ଲୋକ ଆମର ଦରକାର । ବର୍ଷକୁ ହାରାହାରି ୧୦୦ ଜଣ ଏମ୍. ଏ. ପାଶ କରିଥିବା ସ୍ନାତକ ଉତ୍ତୀର୍ଣ୍ଣ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ଅନ୍ୟପ୍ରକାର ନିଯୁକ୍ତିରେ ରହିବାକୁ ପସନ୍ଦ କରନ୍ତି । ତେଣୁ ଖୁବ କମ ସଂଖ୍ୟକ ଲୋକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ମିଳିବେ । ବର୍ତ୍ତମାନ ରହିଥିବା ହାଇସ୍କୁଲ ମଧ୍ୟରୁ ପ୍ରତ୍ୟେକ ହାଇସ୍କୁଲ ପାଇଁ ଅନ୍ତତଃ ୪ ଜଣ ଟ୍ରେଣ୍ଡ ଗ୍ରାଜୁଏଟ ଦରକାର, ଅଥଚ ଅଧିକାଂଶ ସ୍କୁଲରେ ଜଣେ ବା ଦୁଇ ଜଣ ହିସାବରେ ଟ୍ରେଣ୍ଡ ଗ୍ରାଜୁଏଟ ଅଛନ୍ତି । ଏହି ସବୁ ହାଇସ୍କୁଲରେ ଉପଯୁକ୍ତ ଶିକ୍ଷକ ରଖା ନ ଗଲେ

ଶିକ୍ଷାର ମାନ କେବେହେଲେ ଉନ୍ନତ ହୋଇପାରିବ ନାହିଁ । ଆମ ରାଜ୍ୟରେ ପ୍ରତ୍ୟେକ ବର୍ଷର ମୋଟ ଗ୍ରାଜୁଏଟ ସଂଖ୍ୟା ହାରାହାରି ପ୍ରାୟ ୧,୧୦୦ । ପୁନଶ୍ଚ ଏମାନଙ୍କ ଭିତରୁ ଖୁବ୍ କମ ଲୋକ ସ୍କୁଲମାନଙ୍କରେ ଶିକ୍ଷା ଦେବାପାଇଁ ମିଳିବେ । ଏହା ଏକ ବିଷଚକ୍ର । ଆମର ଅଧିକ ମାଟ୍ରିକ୍ୟୁଲେଟ ନ ହେଲେ ଅଧିକ ଗ୍ରାଜୁଏଟ ମିଳିବେ ନାହିଁ । ଅଥଚ ଅଧିକ ଗ୍ରାଜୁଏଟ ନ ଥିଲେ ଅଧିକ ମାଟ୍ରିକ୍ୟୁଲେଟ ଗଢ଼ିବା ପାଇଁ ଯଥେଷ୍ଟ ଶିକ୍ଷକ ମିଳିବେ ନାହିଁ । ଯଥେଷ୍ଟ ସଂଖ୍ୟକ ଗ୍ରାଜୁଏଟ ନ ମିଳିବା ପର୍ଯ୍ୟନ୍ତ ମାଧ୍ୟମିକ ସ୍କୁଲଗୁଡ଼ିକରେ ନ୍ୟୂନ ଯୋଗ୍ୟତାସମ୍ପନ୍ନ ଶିକ୍ଷକ ନିଯୁକ୍ତ କରିବାଦ୍ୱାରା ଏହି ବିଷଚକ୍ରକୁ ଛେଦନ କରାଯାଇ ପାରିବ । ଏହା ଫଳରେ ଶିକ୍ଷାର ମାନ କମିଯିବ । ତେଣୁ ଆମ୍ଭେମାନେ ହାଇସ୍କୁଲ-ଶିକ୍ଷାର ମାନ କେତେ ଦୂର ପର୍ଯ୍ୟନ୍ତ କମାଇ ପାରିବା ତାହା ଏକ ବାସ୍ତବ ସମସ୍ୟା । ବୋର୍ଡ଼ ଏହି ସବୁ ଅସୁବିଧା ବୁଝିପାରି ହାଇସ୍କୁଲଗୁଡ଼ିକୁ ମଞ୍ଜୁରି ଦେବା ପାଇଁ ବର୍ତ୍ତମାନ ବହୁପରିମାଣରେ କୋହଳ କରି ଦେଇଛନ୍ତି ।

ଏହି ବୋର୍ଡ଼ ପ୍ରତିଷ୍ଠା ପୂର୍ବରୁ ମାଧ୍ୟମିକ ସୋପାନର ଶେଷ ମାଟ୍ରିକ୍ୟୁଲେସନ ପରୀକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟ-ଦ୍ୱାରା ପରିଚାଳିତ ହେଉଥିଲା ଏବଂ ଶିକ୍ଷା ବିଭାଗର ଡିରେକ୍ଟର ସ୍କୁଲଗୁଡ଼ିକୁ ସ୍ୱୀକୃତି ଦେଉଥିଲେ । ବର୍ତ୍ତମାନ ଏହି ଦୁଇଟିଯାକ କାର୍ଯ୍ୟର ଭାର ବୋର୍ଡ଼ ଉପରେ ନ୍ୟସ୍ତ ।

ମାଧ୍ୟମିକ ସ୍ତରରେ ଶିକ୍ଷାର ମାନ ବଢ଼ାଇବା ବା କମାଇବା ଦିଗରେ ଆଉରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ କାର୍ଯ୍ୟ କରୁଛି । ତାହା ହେଉଛି ପାଠ୍ୟପୁସ୍ତକ । ବର୍ତ୍ତମାନ ମାଧ୍ୟମିକ ସୋପାନରେ ବିଭିନ୍ନ ଶ୍ରେଣୀରେ ବ୍ୟବହାର ପାଇଁ ପାଠ୍ୟ-ପୁସ୍ତକମାନ ବୋର୍ଡ଼ଦ୍ୱାରା ନିର୍ଦ୍ଧାରିତ ବା ସୁପାରିଶପ୍ରାପ୍ତ ହୁଏ । ଏପରି କରିବା ବେଳେ ସର୍ବୋତ୍କୃଷ୍ଟ ପୁସ୍ତକଗୁଡ଼ିକ ପାଠ୍ୟ-ପୁସ୍ତକରୂପେ ଗୃହୀତ ହେବା ଦିଗରେ ଏହି ବୋର୍ଡ଼ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରିଥାନ୍ତି; କିନ୍ତୁ ତଥାପି ସବୁଠାରୁ ଭଲ ବହି ମଧ୍ୟ ସାଧାରଣତଃ ନିର୍ଦ୍ଧାରିତ ମାନରୁ କମ ପଡ଼ିଯାଇଥାଏ । ଆଶା କରାଯାଉଛି ଯେ, କୌଣସି ବିଷୟରେ ବହୁ ବର୍ଷ ଧରି ଶିକ୍ଷାଦାନରେ ଅଭିଜ୍ଞତା ଅର୍ଜନ କରିଥିବା ଓ ପାଠ୍ୟ-ପୁସ୍ତକ ଲେଖିବାର ଦକ୍ଷତା ଥିବା ଅଧିକ ଶିକ୍ଷକ ଏହି କାର୍ଯ୍ୟ ହାତକୁ ନେଲେ ଭବିଷ୍ୟତରେ ଭଲ ଭଲ ବହି ମିଳିପାରିବ ।

ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଶିକ୍ଷକମାନଙ୍କର ଚାକିରିର ସର୍ତ୍ତ ସଂପର୍କରେ ନିୟମାବଳୀ ପ୍ରଣୟନ କରିବାପାଇଁ ବୋର୍ଡ଼କୁ ମଧ୍ୟ କ୍ଷମତା ଦିଆଯାଇଅଛି । ଏ ସଂପର୍କୀୟ ଚୂଡ଼ାନ୍ତ ନିୟମାବଳୀ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ । କିନ୍ତୁ ବୋର୍ଡ଼ ହୃଦୟଙ୍ଗମ କରୁଛନ୍ତି ଯେ ଅଧ୍ୟାପନା ବୃତ୍ତିପ୍ରତି ଉପଯୁକ୍ତ ଲୋକ ଆକୃଷ୍ଟ ହେବା ପୂର୍ବରୁ କେତେକ ପରିମାଣରେ ନିରାପତ୍ତା ଆବଶ୍ୟକ ।

ଶିକ୍ଷାକ୍ଷେତ୍ରରେ ଖୁବ୍ ଆସ୍ତେ ଆସ୍ତେ ପରିବର୍ତ୍ତନ ଘଟିଥାଏ । କାରଣ ମନୁଷ୍ୟ ଏହାର ମାଧ୍ୟମ । କୌଣସି ଇଞ୍ଜିନିୟରିଙ୍ଗ୍ ବା କୃଷି ଯୋଜନା ଫଳପ୍ରଦ ହେଉଛି କି ନାହିଁ, ତାହା ଏକ ସୀମାବଦ୍ଧ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରମାଣ କରିହେବ ଏବଂ ଲୋକବଳ ଓ ଉପକରଣର ସୁଲଭତା ଅନୁସାରେ କାର୍ଯ୍ୟର ଗତି ଦ୍ରୁତତର ହୋଇପାରେ କିମ୍ବା ଧିମେଇ ଯାଇପାରେ । କିନ୍ତୁ ଯେଉଁଠି ମଣିଷ ନେଇ କାରବାର, ସେଠାରେ କୌଣସି ଯୋଜନା ଶୀଘ୍ର ଫଳପ୍ରଦ ହେବ ବୋଲି ଆଶା କରିବା ମୂଢ଼ତା ମାତ୍ର । ତେଣୁ କୌଣସି କାର୍ଯ୍ୟକ୍ରମକୁ ସାଙ୍ଗ ବଦଳାଇ ନ ଦେଇ କେତେକ ବର୍ଷଯାଏ ଧୈର୍ଯ୍ୟ-ସହକାରେ ଫଳାଫଳ ଲକ୍ଷ୍ୟ କରିବା ଆବଶ୍ୟକ । କିନ୍ତୁ ପାଠ୍ୟ-ବିଷୟ ଯାହା ହେଉ ପଛକେ, ସବୁଠାରୁ ବଡ଼ କଥା ହେଲା ଶିକ୍ଷକ ଏବଂ ଉପଯୁକ୍ତ ଓ ଅଧିକ ଉପଯୋଗୀ ଶିକ୍ଷକ ପାଇବା ନିମନ୍ତେ ସବୁ ପ୍ରକାର ଚେଷ୍ଟା କରାଯିବା ଉଚିତ । ତାହାସତ୍ତ୍ୱେ, ରାଜ୍ୟର ବିଭିନ୍ନ ସ୍କୁଲରେ ବର୍ତ୍ତମାନ ନିଯୁକ୍ତ ଥିବା ଶିକ୍ଷକଙ୍କୁ ନେଇ

ମଧ୍ୟ, ମାଧ୍ୟମିକ ସ୍କୁଲଗୁଡ଼ିକରେ ବିଜ୍ଞାନ ଶିକ୍ଷା ବ୍ୟବସ୍ଥା ଶୁରୁ କରିବାଦ୍ୱାରା ଶିକ୍ଷାଦାନର ମାନ ବଢ଼ାଇବା ପାଇଁ ବୋର୍ଡ଼ ଚେଷ୍ଟା କରୁଛନ୍ତି । ଇଂରାଜୀ, ସାଧାରଣ ବିଜ୍ଞାନ ଓ ସାମାଜିକ ଶିକ୍ଷା—ଏହି ତିନିଟି ବିଷୟ ପାଇଁ ବିଶେଷଜ୍ଞ ନିଯୁକ୍ତ କରିବାଦ୍ୱାରା ଏ ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଟିଏ ଗ୍ରହଣ କରାଯାଇଛି । ଏହି ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ସ୍କୁଲକୁ ଯାଇ ଶିକ୍ଷକମାନଙ୍କୁ ଆଧୁନିକତମ ଶିକ୍ଷାଦାନ ପ୍ରଣାଳୀସହ ପରିଚିତ କରାଇଦେବାଦ୍ୱାରା ଓ ସ୍କୁଲମାନଙ୍କରେ ଆହୁରି ଭଲ ଫଳ ପାଇବା ନିମନ୍ତେ ଉପାୟ ସୂଚାଇ ଦେବାଦ୍ୱାରା ସାହାଯ୍ୟ କରନ୍ତି । ଆସନ୍ତା ବର୍ଷ-ମାନଙ୍କରେ ବିଶେଷଜ୍ଞସଂଖ୍ୟା ବଢ଼ାଇଦେବାର ଲକ୍ଷ୍ୟ ରଖାଯାଇଛି ।

ଏହାଛଡ଼ା ସମୟେ ସମୟେ ବିଭିନ୍ନ ବିଷୟରେ ପୁନରବୃତ୍ତି ପାଠ୍ୟକ୍ରମ ଶୁରୁ କରାଯାଇଥାଏ ଏବଂ ଏଥିରେ ବିଭିନ୍ନ ସ୍କୁଲରୁ ବହୁ ବହୁ ଶିକ୍ଷକମାନେ ଭାଗ ନେଇଥାନ୍ତି । ଯେଉଁ ଶିକ୍ଷକ ଯେଉଁ ବିଷୟ ଶିକ୍ଷା ଦିଅନ୍ତି, ସେହି ବିଷୟର ଅଧୁନାତମ ଉନ୍ନୟନ ସମ୍ପର୍କରେ ଏହିସବୁ ପାଠ୍ୟକ୍ରମରେ ଉକ୍ତ ଶିକ୍ଷକଙ୍କୁ ଧାରଣା ଦିଆଯାଏ ।

ଆଉ ଗୋଟିଏ ଗୁରୁତର ପ୍ରଶ୍ନ ବର୍ତ୍ତମାନ ଶିକ୍ଷାବିତ୍ ତଥା ଅଭିଭାବକ ଓ ଅନ୍ୟମାନଙ୍କ ମନକୁ ଆନ୍ଦୋଳିତ କରୁଛି । ତାହା ହେଉଛି—ପରୀକ୍ଷା ସମସ୍ୟା । ବହୁ ସମୟରେ ପ୍ରଚଳିତ ପରୀକ୍ଷା ପ୍ରଣାଳୀ ଉପରେ ବହୁତ ସମାଲୋଚନା ହୋଇଥାଏ; କିନ୍ତୁ ଆଜଯାଏ ଏହା ବଦଳରେ ଅନ୍ୟ କୌଣସି ପଦ୍ଧତି ପ୍ରସ୍ତୁତ କରାଯାଇ ନାହିଁ । ଏହି ପ୍ରଶ୍ନସହ ଭାରତ ସରକାର ମଧ୍ୟ ସଂଶ୍ଳିଷ୍ଟ । ଭାରତରେ ଥିବା ବିଭିନ୍ନ ବୋର୍ଡ଼ଗୁଡ଼ିକୁ ଅଧିକତର ଉପଯୁକ୍ତ ପ୍ରଣାଳୀ ଉଦ୍ଭାବନ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଏହି ଅନୁସାରେ ଗୋଟିଏ ପରୀକ୍ଷା ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାପାଇଁ ବୋର୍ଡ଼ ସ୍ଥିର କରିଛନ୍ତି । ଆଶା କରାଯାଉଛି ଯେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ମାଧ୍ୟମିକ ସ୍କୁଲ-ଛାତ୍ରମାନଙ୍କ ଯୋଗ୍ୟତା ଅବଧାରଣ କରିବାପାଇଁ ଅଧିକତର ଉପଯୋଗୀ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇ ପାରିବ ଏବଂ ପରୀକ୍ଷା-ପଦ୍ଧତି ଏକ ଭୀତିପ୍ରଦ ବିଷୟ ହୋଇ ଆଉ ରହିବ ନାହିଁ ।

ମାଧ୍ୟମିକ ସ୍କୁଲର ଛାତ୍ରମାନଙ୍କ ସାମାଜିକ କଲ୍ୟାଣ ନିମନ୍ତେ ବୋର୍ଡ଼ 'ପରିଭ୍ରମଣ ଦଳ' ପ୍ରଥା ଚଳାଇ ଅଛନ୍ତି । ପ୍ରତ୍ୟେକ ବର୍ଷ ୯ ବର୍ଷରୁ ୧୬ ବର୍ଷ ବୟଃକ୍ରମର ମାଧ୍ୟମିକ ସ୍କୁଲ ଛାତ୍ରମାନଙ୍କ ପାଇଁ ହିରାକୁଦ ଓ ପୁରୀଠାରେ ଦୁଇଟି ଶିବିର ଖୋଲାଯାଏ । ଛାତ୍ରମାନଙ୍କର ସାଧାରଣ ଦୃଷ୍ଟିକୋଣର ଅଭିବୃଦ୍ଧି ସାଧନ ଏହାର ଲକ୍ଷ୍ୟ । ଏହା ଛଡ଼ା ଦରିଦ୍ର ଓ ମେଧାବୀ ଛାତ୍ରମାନଙ୍କ ଉପକାର ପାଇଁ ରାଜ୍ୟର ପ୍ରତ୍ୟେକ ହାଇସ୍କୁଲରେ ବିନାବେତନରେ ଦୁଇଜଣ ଛାତ୍ର ପଢ଼ି ପାରିବା ଭଳି ବ୍ୟବସ୍ଥା ଚଳାଇ ଅଛନ୍ତି ।

# ଲଳିତଗିରି, ଉଦୟଗିରି, ରତ୍ନଗିରି

ଉଇଲିୟମ ଉଇଲଷ୍ଟାସ୍, ଏମ୍. ଏ., (ଲଣ୍ଡନ), ବି. ଏ. (ଅକ୍ସ୍‌ଫୋର୍ଡ଼), ବି.ଏସସି.

**କଟକ** ଜିଲ୍ଲାରେ ଥିବା ଏସିଆ ପର୍ବତଶ୍ରେଣୀର ପୂର୍ବ-ସୀମାରେ ଲଳିତଗିରି, ଉଦୟଗିରି ଓ ରତ୍ନଗିରି ନାମକ ତିନୋଟି ବୌଦ୍ଧପୀଠ ଅଛି । କଟକ ସହର-ଠାରୁ ପ୍ରାୟ ୪୦ ମାଇଲ ଦୂରରେ ଏ ପୀଠସବୁ ଅବସ୍ଥିତ । ରତ୍ନଗିରିରେ ବର୍ତ୍ତମାନ ଖୋଦନ କାର୍ଯ୍ୟ ହେଉଅଛି ଓ ଉଦୟଗିରି ଓ ଲଳିତଗିରିରେ ଥିବା ପାହାଡ଼ମାନଙ୍କର ଚତୁଃପାର୍ଶ୍ୱରୁ ବିକ୍ଷିପ୍ତଭାବରେ ବାହାରୁଥିବା ବହୁତ ବହୁତ ଅନେକ ବୌଦ୍ଧକୀର୍ତ୍ତିରୁ ନିଃସନ୍ଦେହଭାବେ ପ୍ରମାଣ ମିଳେ ଯେ ୭ମଠାରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ପୂର୍ବ-ଭାରତରେ ଏହା ବୌଦ୍ଧଧର୍ମର ଏକ କେନ୍ଦ୍ରସ୍ଥଳୀରୂପେ ଥିଲା । ବୌଦ୍ଧ ଧର୍ମ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବାପାଇଁ ଏହି କେନ୍ଦ୍ରକୁ ପୃଥିବୀର ସମସ୍ତ ବୌଦ୍ଧଧର୍ମାବଲମ୍ବୀ ଅଞ୍ଚଳରୁ ବୌଦ୍ଧ ପରିବ୍ରାଜକମାନେ ଆସୁଥିଲେ ।

ପୃଥିବୀର ଜଣେ ଶ୍ରେଷ୍ଠ ଆବିଷ୍କାରକ ଚୀନଦେଶର ବୌଦ୍ଧ ପରିବ୍ରାଜକ ହୁଏନ୍‌ସାଂ ୬୨୯ ଓ ୬୪୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ମହାଯାନ ବୌଦ୍ଧଧର୍ମାବଲମ୍ବୀ ଦେଶମାନଙ୍କରେ ପର୍ଯ୍ୟଟନ କରୁଥିବା କାଳରେ ପରିଶେଷରେ ଆସି ଉ-ଚ୍ଛ (ଓଡ୍ର) ନାମକ ଦେଶରେ ପଦାର୍ପଣ କରିଥିଲେ । ଉତ୍ତର-ଓଡ଼ିଶାକୁ ଉ-ଚ୍ଛ ବୋଲି ସେତେବେଳେ ସେ କହୁଥିଲେ । ତାଙ୍କ ଯାତ୍ରାପଥରେ ସେ ଦୁଇ ଗୋଟି ପାହାଡ଼ ମଧ୍ୟରେ ଅବସ୍ଥିତ ବୌଦ୍ଧ ଅନୁଷ୍ଠାନରେ ଉପନୀତ ହୋଇଥିଲେ । ଏହି ଅନୁଷ୍ଠାନଟି ପୁଷ୍ପଗିରି ନାମରେ ଖ୍ୟାତ ଥିଲା । ଏ ସବୁ ପାହାଡ଼ର ଶିଖର-ଦେଶରେ ସ୍ତୂପମାନ ଥିବାର ସେ ଦେଖିଥିଲେ । ବର୍ତ୍ତମାନ ଯେଉଁ ସ୍ଥାନ ବିଷୟରେ ଆଲୋଚନା ହେଉଛି, ପୁଷ୍ପଗିରି ନିଃସନ୍ଦେହରୂପେ ତାହାର ଅଂଶବିଶେଷ ଥିଲା ।

ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବାନାର୍ଜୀ ଓ ବମସ୍ ଏହି ତିନ ଗୋଟି ପାହାଡ଼ ପରିଦର୍ଶନ କରିଥିଲେ । ତାହା ପରଠାରୁ ଏହି ପାହାଡ଼ମାନଙ୍କର ବିଭିନ୍ନ ସ୍ଥାନରୁ ଗୋଟିଏ ଗୋଟିଏ ବୌଦ୍ଧ ମୂର୍ତ୍ତି ଆବିଷ୍କୃତ ହେଉଛି; କିନ୍ତୁ ଗତ କେତେ ବର୍ଷ ହେଲା ଏ ଅଞ୍ଚଳର ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ପ୍ରତି ଓଡ଼ିଶାର ମହାବୋଧି ସୋସାଇଟିର ପି. ମୁଖାର୍ଜୀଙ୍କ ଭଳି ପର୍ଯ୍ୟବେକ୍ଷକମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ପଣ୍ଡିତମାନେ ଯେଉଁ ସବୁ ଜିନିଷ ଦେଖିବେ ବୋଲି ଆଶା କରିଥିଲେ, ବର୍ତ୍ତମାନ ରତ୍ନଗିରିରେ ଖୋଦନ କାର୍ଯ୍ୟ ଫଳ କ୍ରମେ ସେ ସବୁ ଦୃଷ୍ଟିପଥକୁ ଆସୁଛି । ପ୍ରତ୍ୟେକ ପାହାଡ଼ରୁ ଗୋଟିଏ ଲେଖାଏଁ ପୂର୍ବକାଳର ଦ୍ୱାର ଆବିଷ୍କୃତ ହୋଇଛି । ଗତ ଶତାବ୍ଦୀର ଶେଷଭାଗରେ ଜଣେ ପୁଣ୍ୟାତ୍ମା ସାଧୁ ଗୋଟିଏ ମଠ ନିର୍ମାଣ କରିଥିଲେ । ବର୍ତ୍ତମାନ ଲଳିତଗିରିର ଲଣ୍ଡା ପାହାଡ଼ରେ ଥିବା ଏହି ମଠର ପ୍ରବେଶଦ୍ୱାରର ବନ୍ଧ ନାହିଁ । ପ୍ରଥମେ ଉଦୟ-ଗିରିଠାରେ ଯେଉଁ ବନ୍ଧଟି ଥିଲା, ବମସ୍ ସାହେବ ତାହାକୁ ପାଟନାକୁ ନେଇଯାଇଥିଲେ । ରତ୍ନଗିରିଠାରେ ଥିବା ଦ୍ୱାରଟି ଏ ବର୍ଷ ଖୋଦିତ ହୋଇ ବାହାର କରାଯାଇ-ଥିଲା । ଓଡ଼ିଶାରେ ମୁଁ ଯେଉଁସବୁ ଚମତ୍କାର କାରୁ-କାର୍ଯ୍ୟ ଦେଖିଛି, ଏହା ସେଥିମଧ୍ୟରେ ଅନ୍ୟତମ । ଯେଉଁ ମଠର ପ୍ରବେଶ-ପଥରେ ଏହି ଦ୍ୱାରଟି ଖଞ୍ଜା ଯାଇଥିଲା, ତାହା ଗୋଟିଏ ଅତ୍ୟନ୍ତ କାରୁକାର୍ଯ୍ୟଖଚିତ ସୌଧ । ଏହି ମଠର ବହୁତ ସମତଳ ଆୟତାକାର-ବିଶିଷ୍ଟ ଅଗଣାର ବାମ ଓ ଦକ୍ଷିଣ ପାର୍ଶ୍ୱରେ ପ୍ରକୋଷ୍ଠ



ଲଳିତଗିରି, ଉଦୟଗିରି ଓ ରତ୍ନଗିରି ପାହାଡ଼
ଗୁଡ଼ିକରୁ ମିଳିଥିବା ବିଭିନ୍ନ ଆକାର ଓ ପ୍ରକାରର
ବୌଦ୍ଧ ମୂର୍ତ୍ତି







ଓ ଗର୍ଭାଗାର ଥିଲା । ଅଗଣାର ଉତ୍ତର ପାର୍ଶ୍ୱରେ ଗୋଟିଏ ପ୍ରାର୍ଥନା ମନ୍ଦିରରେ ଭୂମିସ୍ପର୍ଶ ଅବସ୍ଥାରେ ଗୋଟିଏ ବିରାଟକାୟ ବୁଦ୍ଧ ମୂର୍ତ୍ତି ଆସୀନ । ଯେତେବେଳେ ଏହି ଅଞ୍ଚଳଟି ସମ୍ପୂର୍ଣ୍ଣ ଖୋଦିତ ହୋଇଯିବ, ସେତେବେଳେ ଜନସାଧାରଣ ଏହି ସ୍ଥାନର ମହନୀୟତାରେ ନିଶ୍ଚୟ ମୁଗ୍ଧ ହୋଇଯିବେ ଓ ଏହି ବୌଦ୍ଧପୀଠ ରାଜ୍ୟରେ ଥିବା ପର୍ଯ୍ୟଟକଙ୍କ ଦର୍ଶନୋପଯୋଗୀ ପ୍ରଧାନ ପ୍ରଧାନ ସ୍ଥାନମାନଙ୍କ ମଧ୍ୟରେ ଅନ୍ୟତମ ବୋଲି ପ୍ରମାଣିତ ହେବ ।

ବର୍ତ୍ତମାନ ଏ ଅଞ୍ଚଳକୁ ଯାତାୟାତ କରିବାପାଇଁ ବହୁତ ଅସୁବିଧା ହେଉଛି । ସେଠାକୁ ଯିବା ବାଟରେ କିଲୁଆ ଭଳି ନଦୀ ଓ ନାଳ ସବୁକୁ ଅତିକ୍ରମ କରିବାକୁ ହେଉଛି । ବର୍ଷାଦିନେ ଏ ଅଞ୍ଚଳ ପ୍ରାୟ ପୂର୍ଣ୍ଣତଃ ବିଚ୍ଛିନ୍ନ ହୋଇ ରହୁଛି । ଶୁଖିଲା ଋତୁରେ କେବଳ ଜିପ୍ ଯୋଗେ ଏଠାକୁ ଯିବା ସମ୍ଭବ ହୁଏ । ଜିପ୍‌ରେ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼େ । ବର୍ତ୍ତମାନ ସ୍ପଷ୍ଟ ଜଣାପଡୁଛି ଯେ ମାହାଙ୍ଗାଠାରୁ ଲଳିତଗିରି ପର୍ଯ୍ୟନ୍ତ ଓ ସେଠାରୁ ଗୋପାଳପୁର ଡାକବଙ୍ଗଳା ପର୍ଯ୍ୟନ୍ତ ଗୋଟିଏ ରାସ୍ତା ଖୋଲିଗଲେ ଯାତାୟାତ ସମସ୍ୟାର ସମାଧାନ ହୋଇ ପାରିବ । ରାସ୍ତା ତିଆରି ହେବା ପରେ ଓଡ଼ିଶା ପୃଥିବୀ ଆଗରେ ଗୋଟିଏ ନୂତନ ପ୍ରତ୍ନତାତ୍ତ୍ୱିକ ତଥା ଐତିହାସିକ ଆଶ୍ଚର୍ଯ୍ୟ ଉପସ୍ଥାପିତ କରିପାରିବ ।

### ଜାଣନ୍ତି କି ?

ଲୋକସଭାରେ ୧୯୫୭-୫୮ ଓ ୧୯୫୮-୫୯ ମସିହାରେ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ଦରମା ବଢ଼ାଇବା ପାଇଁ ଭାରତ ସରକାର ବିଭିନ୍ନ ରାଜ୍ୟ ସରକାରଙ୍କୁ କି ପରିମାଣରେ ସାହାଯ୍ୟ ଦେଇଛନ୍ତି, ସେ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ୍. ଶ୍ରୀମାଳୀ ଦେଇଥିବା ବିବୃତିରୁ ଜଣାଯାଏ ଯେ ଓଡ଼ିଶା ପାଇଁ ୧୯୫୭-୫୮ରେ ୫,୬୩,୫୦୦ ଟଙ୍କା ସାହାଯ୍ୟ ମଞ୍ଜୁର ହୋଇଛି ଏବଂ ସେହି ବର୍ଷ ଓଡ଼ିଶାରେ କେନ୍ଦ୍ରରୁ ଏହି ଉଦ୍ଦେଶ୍ୟରେ ମଞ୍ଜୁର ହୋଇଥିବା ମୋଟ ସାହାଯ୍ୟରୁ ୫,୭୦,୫୦୦ ଟଙ୍କା ବିନିଯୋଗ କରାଯାଇଛି ।

# କମ୍ୟୁନିଟି ରେଡ଼ିଓ ରଖିଥିବା ଅନୁଷ୍ଠାନମାନଙ୍କ ଜାଣିବାପାଇଁ

ଓଡ଼ିଶା ସରକାରଙ୍କ **ସ୍ୱାସ୍ଥ୍ୟ ( ଲୋକସମ୍ପର୍କ )** ବିଭାଗ ପକ୍ଷରୁ ଦିଆଯାଇଥିବା କମ୍ୟୁନିଟି ରେଡ଼ିଓଗୁଡ଼ିକ ଯେଉଁ ଅନୁଷ୍ଠାନମାନଙ୍କ ନିକଟରେ ରହିଛି ବା ଭବିଷ୍ୟତରେ ଯେଉଁମାନଙ୍କ ନିକଟରେ ରହିବ, ସେମାନଙ୍କ ସୁବିଧା ପାଇଁ ସ୍ୱାସ୍ଥ୍ୟ (ଲୋକସମ୍ପର୍କ) ବିଭାଗ ପକ୍ଷରୁ ପ୍ରତି ଜିଲ୍ଲା ପାଇଁ ଜଣେ ଜଣେ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି । ସେମାନେ ରେଡ଼ିଓଗୁଡ଼ିକ ଫିଟ୍ କରି ଦେବେ ଏବଂ ଦରକାର ହେଲେ ରେଡ଼ିଓଗୁଡ଼ିକ ବିନା ଫିସ୍‌ରେ ମରାମତି କରିଦେବେ । ଆବଶ୍ୟକୀୟ ରେଡ଼ିଓ ପାର୍ଟସ ମାରଫତଦାରଙ୍କୁ ଯୋଗାଇବାକୁ ପଡ଼ିବ । ରେଡ଼ିଓ ଇନ୍‌ସପେକ୍ଟରଙ୍କ ନାମ ଓ ହେଡ଼କ୍ୱାଟର୍ସ 'ଉତ୍କଳ ପ୍ରସଙ୍ଗ'ରେ ଅଗଷ୍ଟ ଜଣାଇ ଦିଆଯାଇଛି । ରେଡ଼ିଓ କିଛି ଖରାପ ହେଲେ ଜିଲ୍ଲା ଲୋକସମ୍ପର୍କ ବିଭାଗ ଅଫିସରଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ସେମାନେ ଆସି ମରାମତି କରି ଦେବେ । ରେଡ଼ିଓ ସଂପର୍କୀୟ ଆବଶ୍ୟକୀୟ ସମ୍ବାଦ ରେଡ଼ିଓ ଇନ୍‌ସପେକ୍ଟରମାନଙ୍କଠାରୁ ମିଳିପାରିବ ।

ଯେଉଁମାନେ ରେଡ଼ିଓ ପାଇଁ ଆଗତୁରା ଟଙ୍କା ପଠାଇବାକୁ ଚାହାନ୍ତି, ସେମାନେ ଆସେମ୍ବ୍ଲି ସଭ୍ୟ, ସ୍ଥାନୀୟ ପଞ୍ଚାୟତର ସରପଞ୍ଚ କିମ୍ବା କୌଣସି ଗେଜେଟେଡ୍ ଅଫିସରଙ୍କର ଏବଂ ଅନ୍ୟାନ୍ୟ ସ୍ଥାନୀୟ ସୁପାରିସ ସହ ଟ ୭୫୯ ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କଠାରେ ଜମା ଦେଇ ପାରନ୍ତି । ପ୍ରତି ରେଡ଼ିଓ ପାଇଁ ବର୍ଷକୁ ୨ଟି ବ୍ୟାଟେରୀ ଦରକାର ହେବ ଓ ତାର ଦାମ ଆନୁମାନିକ ଟ ୧୦୦୯ ହେବ ଏବଂ ଲାଇସେନ୍‌ସ ପାଇଁ ଟ ୧୦୯ ପଡ଼ିବ—ଏହିପରି ବାର୍ଷିକ ଟ ୧୬୦୯ ଦେବାଭଳି **ଯେଉଁ ଅନୁଷ୍ଠାନମାନଙ୍କର ଶକ୍ତି ଥିବ, କେବଳ ସେହିମାନେ ରେଡ଼ିଓ ପାଇଁ ଟଙ୍କା ଜମା କରି ଦରଖାସ୍ତ କରିବା ଦରକାର ।**

# ଗାଁଗହଳରେ ବାସଗୃହ ନିର୍ମାଣ ଯୋଜନା

ଗାଁଗହଳରେ ବାସଗୃହ ନିର୍ମାଣ କରିବା ଉଦ୍ଦେଶ୍ୟରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ସମଗ୍ର ଦେଶରେ କେତେକ ବଛା ବଛା ଗ୍ରାମରେ କେତେକ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଟଙ୍କାର ଉପଯୋଗ କରାଯିବ । ଏହି ଯୋଜନା କାର୍ଯ୍ୟକାରୀ ହେବା ଫଳରେ କେତେକ ବଛା ବଛା ଗ୍ରାମରେ ଯଥେଷ୍ଟ ବାସଗୃହ ନିର୍ମାଣ କରାଯାଇ ପାରିବ ଓ ଅନ୍ୟାନ୍ୟ ସୁବିଧାସୁଯୋଗର ବ୍ୟବସ୍ଥା କରାଯାଇ ପାରିବ ଓ ସନ୍ନିକଟ ଗ୍ରାମର ଲୋକମାନେ ଏସବୁ ଦେଖି ପ୍ରେରଣା ଲାଭ କରି ପାରିବେ । ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମରେ ବାସଗୃହର ଉନ୍ନତିବିଧାନ ବା ଗ୍ରାମଟିର ପୁନର୍ଗଠନ ଗୋଟିଏ ଦୀର୍ଘ-ମିଆଦି କାର୍ଯ୍ୟ ହେବ ଓ ଏ କାର୍ଯ୍ୟ ପ୍ରାୟ ଦଶବର୍ଷ ପର୍ଯ୍ୟନ୍ତ ଚାଲିବ ।

## ୨ । ଯୋଜନାର ପରିସର

(୧) ଯେଉଁ ଗ୍ରାମ ଅଞ୍ଚଳରେ ଗୃହନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ, ତାହାର ସର୍ବାଙ୍ଗୀନ ଆର୍ଥନୀତିକ ଉନ୍ନୟନର ଗୋଟିଏ ଅଂଶ ହେବ ଗ୍ରାମ୍ୟ ବାସଗୃହ ନିର୍ମାଣ । ଗ୍ରାମବାସୀମାନେ ଯେପରି ସେମାନଙ୍କର ଉନ୍ନତ ବା ପୁନର୍ନିର୍ମିତ ଘରଗୁଡ଼ିକର ରକ୍ଷଣାବେକ୍ଷଣ କରି ପାରିବେ ଓ ଏହି ଉଦ୍ଦେଶ୍ୟରେ ନେଇଥିବା ଋଣ ଅନାୟାସରେ ସୁଝିପାରିବେ, ସେଥିପାଇଁ କୃଷିର ଉତ୍ପାଦନ ଉତ୍ତରୋତ୍ତର ବଢ଼ିବା ଦରକାର ଓ ଗ୍ରାମରେ ରହି କାର୍ଯ୍ୟରେ ନିଯୁକ୍ତ ହେବାପାଇଁ ଅଧିକରୁ ଅଧିକ ସୁବିଧା ମିଳିବା ଦରକାର । ଏହି କାର୍ଯ୍ୟକ୍ରମ ସହିତ ଗ୍ରାମ୍ୟ ବାସଗୃହ ନିର୍ମାଣ ଯୋଜନାକୁ ମିଶାଇ ଦିଆଯାଇଛି । ଏହା ଫଳରେ ମାଲପତ୍ରର ଚାହିଦା ବଢ଼ିବ ଓ ତାହା ସଙ୍ଗେ ସଙ୍ଗେ ସେ ସବୁ ଉତ୍ପାଦନ କରିବାର ଦକ୍ଷତା ମଧ୍ୟ ବୃଦ୍ଧି ପାଇବ ।

(୨) ଲୋକେ ଯେପରି ଆଗ୍ରହୀ ହୋଇ କାମ କରିବାକୁ ବାହାରିବେ ଓ ଗାଁଗହଳରେ ମିଳୁଥିବା ଜିନିଷର ବ୍ୟବହାର ସର୍ବୋଚ୍ଚ ପରିମାଣରେ କରିବେ, ସେଥିପାଇଁ ବାହାରର ସାହାଯ୍ୟ, ବିଶେଷ କରି ଆର୍ଥିକ ସାହାଯ୍ୟ ସବୁଠାରୁ କମ୍ ଦିଆଯିବ । ତେବେ ସରକାର ବିନା ପଇସାରେ ସବୁଠାରୁ ବେଶୀ ପରିମାଣରେ କାରିଗରୀ ସାହାଯ୍ୟ ଓ ପରାମର୍ଶ ଦେବେ । ବଛା ବଛା ଗ୍ରାମମାନଙ୍କରେ ଯେଉଁସବୁ ଘର ତିଆରି ହେବ, ତାହାର ନକ୍ସା ସାଧାସିଧା ହେବ, ଯେପରି କି ଗ୍ରାମବାସୀମାନଙ୍କର ଆର୍ଥିକ ଅବସ୍ଥା ସହିତ ତାହା ଖାପ ଖାଇବ । ଘର ତିଆରିରେ ଯାହା ଖର୍ଚ୍ଚ ହେବ ତାହାର ଶତକଡ଼ା ୫୦ ଭାଗ ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ଋଣ ଆକାରରେ ଦିଆଯିବ । ତେବେ ଯେଉଁଠାରେ ବନ୍ୟାଗ୍ରସ୍ତ ଅଞ୍ଚଳମାନଙ୍କରେ ନୂଆ ସ୍ଥାନରେ ଗ୍ରାମ ପୁନର୍ନିର୍ମିତ ହେଉଥିବ, ସେ ସ୍ଥଳରେ ଜମିର ମୂଲ୍ୟ ଏହି ଖର୍ଚ୍ଚରେ ସାମିଲ ହେବ । କିନ୍ତୁ ଘରପିଛା ସବୁଠାରୁ ବେଶୀରେ ଟ ୧୫୦୦୲ରୁ ଅଧିକ ଋଣ ଦିଆଯିବ ନାହିଁ । ଯଦି ଘରପିଛା ହାରାହାରି ଟ ୭୫୦୲ ଋଣ ଦିଆଯାଏ ଓ ପ୍ରତି ଗ୍ରାମରେ ଶତକଡ଼ା ୭୦ରୁ ଅଧିକ ଲୋକ ଋଣ ଚାହିଁବେ ନାହିଁ ବୋଲି ଯଦି ଧରାଯାଏ, ତାହାହେଲେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ବ୍ୟବସ୍ଥା କରାଯାଇଥିବା ୧୦ କୋଟି ଟଙ୍କା ପ୍ରାୟ ୨,୦୦୦ ଘରବିଶିଷ୍ଟ ୫,୦୦୦ ଗ୍ରାମରେ ପ୍ରାୟ ୧,୩୩,୦୦୦ ଘର ତିଆରିପାଇଁ ଯଥେଷ୍ଟ ହେବ । ଏହି ଲକ୍ଷ୍ୟକୁ ୧୯୫୭-୫୮ରେ ୫୦୦ଟି ଗ୍ରାମରେ କାର୍ଯ୍ୟରେ ପରିଣତ କରିବାପାଇଁ ଓ ୧୯୫୮-୫୯ରେ

୧,୫୦୦ଟି ଗ୍ରାମ, ୧୯୫୯-୬୦ରେ ୩,୦୦୦ଟି ଗ୍ରାମ ଓ ୧୯୬୦-୬୧ରେ ୫,୦୦୦ଟି ଗ୍ରାମରେ କାର୍ଯ୍ୟକାରୀ କରିବାପାଇଁ ପ୍ରସ୍ତାବ କରାଯାଇଥିଲା । ତେଣୁ ପ୍ରଥମ ପଞ୍ଚ-ବାର୍ଷିକ ଯୋଜନାକାଳର ଶେଷସୁଦ୍ଧା ଏହି ପରିକଳ୍ପନା ମୋଟରେ ୫,୦୦୦ଟି ଗ୍ରାମରେ ଚାଲୁ ହେବ ବୋଲି ସ୍ଥିର କରାଯାଇଛି । ବାର୍ଷିକ ଶତକଡ଼ା ଟ ୫% ସୁଧ ହାରରେ ଏ ସମ୍ପର୍କରେ ଗ୍ରହଣ କରାଯାଇ-ଥିବା ଋଣ ୨୦ ବର୍ଷରେ ପରିଶୋଧ କରାଯାଇ ପାରିବ ବୋଲି ନିର୍ଦ୍ଧାରିତ ହୋଇଥିଲା । ଏହି ସର୍ତ୍ତ ଅନୁଯାୟୀ ଋଣ ସୂତ୍ରରେ ଟ ୭୫% ଗ୍ରହଣ କରିଥିବା ଜଣେ ବ୍ୟକ୍ତିଙ୍କୁ ବାର୍ଷିକ ପ୍ରାୟ ଟ ୬% ପରିଶୋଧ କରିବାକୁ ପଡ଼ିବ ।

(ଖ) ଏହି ପରିକଳ୍ପନାରେ ଥିବା କାର୍ଯ୍ୟକ୍ରମ, ଆରମ୍ଭରେ କେବଳ କେତେକ ଜାତୀୟ ସମ୍ପ୍ରସାରଣ ଓ ସମୂହ-ଉନ୍ନୟନ ବ୍ଲକଗୁଡ଼ିକ ମଧ୍ୟରେ ପଡ଼ୁଥିବା ଗ୍ରାମମାନଙ୍କ ମଧ୍ୟରେ ସୀମିତ ରହିବ । ଜାତୀୟ ସଂପ୍ରସାରଣ ସେବା ଓ ସମୂହଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଉକ୍ତ ବ୍ଲକଗୁଡ଼ିକରେ ଥିବା ଗ୍ରାମମାନଙ୍କରେ କେତେକାଂଶରେ ଉନ୍ନତ ଜୀବନଧାରଣର ମାନ ଓ କୃଷି ଉତ୍ପାଦନର ବୃଦ୍ଧି ସମ୍ପର୍କୀୟ ଚେତନା ଜାଗ୍ରତ କରି ଦିଆହୋଇଛି । ସ୍ଥାନୀୟ ଅବସ୍ଥା ଭଲ ଭାବରେ ଜାଣିଥିବା କେତେକ ଶାସନ-ବ୍ୟବସ୍ଥା ମଧ୍ୟ ରହିଛି । ପ୍ରତି ବ୍ଲକରେ ୪ । ୬ଟି ଗ୍ରାମକୁ ନେଇ ଗୋଟିଏ ଗୋଟିଏ ଗ୍ରାମପୁଞ୍ଜ ବଛାଯିବ । ପ୍ରଥମେ ଗ୍ରାମ ସମ୍ବନ୍ଧରେ ସାମାଜିକ ଓ ଆର୍ଥ-ନୈତିକ ଅନୁସନ୍ଧାନ କରାଯାଇ ଗ୍ରାମ୍ୟ-ବାସଗୃହ ସଂସ୍ଥାଦ୍ୱାରା ଘରପାଇଁ ଉପଯୁକ୍ତ ଆଦର୍ଶ ଯୋଜନା ଓ ନକ୍ସା ପ୍ରସ୍ତୁତ ହେବ । ରାଜ୍ୟ ସରକାରଙ୍କ ସଦର ମହକୁମାରେ "ଗ୍ରାମ୍ୟ ବାସଗୃହ ସଂସ୍ଥା" (Rural Housing Cell) ପ୍ରତିଷ୍ଠିତ ହେବ । ଗ୍ରାମକୁ କେତେକ ଭାଗରେ ବିଭକ୍ତ କରାଯାଇ ଗୋଟିକ ପରେ ଗୋଟିଏ ଭାଗରେ ଏହି ଆଦର୍ଶ ଯୋଜନା କାର୍ଯ୍ୟକାରୀ ହେବ ଓ ଗୃହଗୁଡ଼ିକର ପୁନର୍ନିର୍ମାଣ କରାଯିବ । ୧୦ ବର୍ଷ ମଧ୍ୟରେ ସମୁଦାୟ ଗ୍ରାମଟିକୁ ପୁନର୍ନିର୍ମିତ କରିବାର ଲକ୍ଷ୍ୟ ରଖାଯିବ । ଇଟା, ଟାଇଲ୍, ଚୋଲପ, କବ୍ଜା, କବାଟ, ଝରକା, ଚୌକାଠ ଓ ବର୍ଗା ପ୍ରଭୃତି ତିଆରି କରିବା ପାଇଁ ସମବାୟ ଅନୁଷ୍ଠାନମାନ ସ୍ଥାପନ କରିବାକୁ ହେବ । ସମ୍ଭବ ହେଲେ ବିଭିନ୍ନ ଗ୍ରାମପୁଞ୍ଜରେ ବିଭିନ୍ନ ଜିନିଷ ତିଆରି କରିବା ପାଇଁ ସମବାୟ ସମିତି ଗଢ଼ିବାକୁ ହେବ । ଉକ୍ତ ସମବାୟ ସମିତିମାନେ ଆଖପାଖର ଗ୍ରାମପୁଞ୍ଜର ସୁବିଧା ମେଣ୍ଟାଇବେ । ଏହି ସମବାୟ ସମିତିଗୁଡ଼ିକରେ ଯେଉଁସବୁ ଜିନିଷ ତିଆରି ହେବ, ସେଗୁଡ଼ିକର ମୂଲ୍ୟ ବଜାର ଜିନିଷର ମୂଲ୍ୟଠାରୁ କମ୍ ହେବା ଉଚିତ । ସମବାୟ ସମିତି ଅଧୀନରେ ଧୀରେ ଧୀରେ ଲୋକ-ମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯିବ ।

(।) ଏହି ଯୋଜନାଟି ସମୂହଉନ୍ନୟନ ମନ୍ତ୍ରାଳୟ-ଦ୍ୱାରା କାର୍ଯ୍ୟକାରୀ ହେବ । ଏହି ମନ୍ତ୍ରାଳୟ ଗ୍ରାମୋଦ୍ୟୋଗର ଉନ୍ନତିବିଧାନ, ଉତ୍ତମ ପାନୀୟ ଜଳ ଯୋଗାଣ, ପରିମଳ ଓ ଜଳସେଚନ ବ୍ୟବସ୍ଥା ପାଇଁ ବଛା ହୋଇଥିବା ଗ୍ରାମମାନଙ୍କୁ ଟଙ୍କା ଦେବାର ବ୍ୟବସ୍ଥା କରିବେ । ଏ ଯୋଜନା ଅନୁସାରେ ବଛା ହୋଇଥିବା ଗ୍ରାମଗୁଡ଼ିକର ସୁଷମ ଉନ୍ନୟନ ପାଇଁ ଗ୍ରାମୋନ୍ନତିର ବିଭିନ୍ନ ବିଭାଗ ସହିତ ସଂପୃକ୍ତ ଅନ୍ୟାନ୍ୟ ମନ୍ତ୍ରାଳୟ, ଯଥା—ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ, ଖାଦ୍ୟ ଓ କୃଷି ଏବଂ ବାଣିଜ୍ୟ ଓ ଶିଳ୍ପ-ମନ୍ତ୍ରାଳୟ ସେମାନଙ୍କ କାର୍ଯ୍ୟଗୁଡ଼ିକୁ ସମୂହଉନ୍ନୟନ ଓ ନିର୍ମାଣ, ବାସଗୃହ ଏବଂ ଯୋଗାଣ ମନ୍ତ୍ରାଳୟର କାର୍ଯ୍ୟ ସହିତ ସମନ୍ୱିତ କରିବେ ।

## ୩ । ରାଜ୍ୟ ସରକାରମାନଙ୍କୁ ଆର୍ଥିକ ସାହାଯ୍ୟ

(୧) ସାଧାରଣ ସୁଧରେ ଭାରତ ସରକାର ରାଜ୍ୟ ସରକାରମାନଙ୍କୁ ଋଣ ଅଗ୍ରିମ ଦେବେ । ସୁଧର ହାର ବର୍ଷକୁ ବର୍ଷ ବଦଳିବାର ସମ୍ଭାବନା । ଏହି ଋଣକୁ ୨୦ଟି ସମାନ ବାର୍ଷିକ କିସ୍ତିରେ ଆଦାୟ

କରାଯିବ । ଋଣ ଯେଉଁ ତାରିଖଠାରୁ ଦିଆଯିବ, ସେହି ତାରିଖଠାରୁ ସୁଧ ଆଦାୟ କରାଯିବ ଓ ସେହି ତାରିଖର ଦ୍ୱିତୀୟ ବର୍ଷଠାରୁ ତାହା ସୁଝିବାକୁ ହେବ ।

(୨) ଭାରତ ସରକାର ଯେଉଁ ଋଣ ଦେବେ ତାହା ଘରର ଆନୁମାନିକ ନିର୍ମାଣ ଖର୍ଚ୍ଚର ଶତକଡ଼ା ୫୦ ଭାଗରୁ ଅଧିକ ହେବ ନାହିଁ ଓ ତାହାରିକୁ ଟ ୧୫୦୦ଙ୍କରୁ ଅଧିକ ଋଣ ଦିଆଯିବ ନାହିଁ । ଆନୁମାନିକ ଖର୍ଚ୍ଚରୁ ଜମିର ମୂଲ୍ୟ ବାଦ୍ ଦିଆଯିବ । କିନ୍ତୁ ଯେଉଁ ବନ୍ୟାଗ୍ରସ୍ତ ଗ୍ରାମଗୁଡ଼ିକୁ ବନ୍ୟାବାଧାରୁ ମୁକ୍ତ କରିବା ପାଇଁ ନୂତନ ସ୍ଥାନରେ ପୁନର୍ନିର୍ମିତ କରାଯାଉଥିବ ସେହି ଗ୍ରାମଗୁଡ଼ିକରେ ସମୁଦାୟ ଖର୍ଚ୍ଚରୁ ଜମିର ମୂଲ୍ୟକୁ ବାଦ୍ ଦିଆଯିବ ନାହିଁ ।

ସୁଧ ସହିତ ଋଣ ପରିଶୋଧ କରିବାର ଦାୟିତ୍ୱ ନିର୍ଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ଉପରେ ରହିବ ।

## ୪ । ରାଜ୍ୟ ସରକାରଙ୍କଦ୍ୱାରା ଋଣର ଉପଯୋଗ

(୧) ରାଜ୍ୟ ସରକାରମାନେ ଭାରତ ସରକାରଙ୍କଠାରୁ ଯେଉଁ ଅଗ୍ରିମ ପାଇଥିବେ, ତାହାକୁ ସେମାନେ ନିଜ ଇଚ୍ଛାନୁସାରେ ମନୋନୀତ ଗ୍ରାମର ବାସିନ୍ଦାମାନଙ୍କୁ ବା ଉକ୍ତ ବାସିନ୍ଦାମାନଙ୍କର ସମବାୟ ସମିତିମାନଙ୍କୁ ଗୃହ ନିର୍ମାଣ ପାଇଁ ଋଣ ଦେବାରେ ଉପଯୋଗ କରିପାରିବେ ।

(୨) ଦରଖାସ୍ତକାରୀମାନଙ୍କୁ ଯେଉଁ ଋଣ ଦିଆଯିବ, ରାଜ୍ୟ ସରକାରମାନେ ଯଥାସମ୍ଭବ ତାହାର ପରିମାଣ କମ୍ ରଖିବେ ବୋଲି ଆଶା କରାଯାଏ । ଦିଆଯାଇଥିବା ଋଣ ଘରର ଅନୁମାନିକ ଖର୍ଚ୍ଚର ଶତକଡ଼ା ୫୦ ଭାଗରୁ ଅଧିକ ହେବ ନାହିଁ ଓ ପ୍ରତି ଘର ପିଛା ସବୁଠାରୁ ବେଶି ହେଲେ ଟ ୧୫୦୦ ପର୍ଯ୍ୟନ୍ତ ଦିଆଯିବ । [ ୩ (୨) ଅନୁଚ୍ଛେଦ ଦ୍ରଷ୍ଟବ୍ୟ ]

(୩) ରାଜ୍ୟ ସରକାରମାନେ ଦରଖାସ୍ତକାରୀମାନଙ୍କୁ ସ୍ୱେଚ୍ଛାକ୍ରମେ ଗୃହନିର୍ମାଣର ବିଭିନ୍ନ ପର୍ଯ୍ୟାୟକୁ ଦେଖି ଉପଯୁକ୍ତ କିସ୍ତିରେ ଋଣ ଦେବେ ।

(୪) ଋଣ ଦେଲାବେଳେ ରାଜ୍ୟ ସରକାରମାନେ ସ୍ୱଳ୍ପ-ଆୟକାରୀ ଶ୍ରେଣୀର ଲୋକମାନଙ୍କ କଥା ବା ଏହି ଶ୍ରେଣୀର ଯେଉଁ ଲୋକମାନେ ସମବାୟ ସମିତିର ସଭ୍ୟ ହୋଇଥିବେ, ସେମାନଙ୍କ କଥା ପ୍ରଥମେ ବିଚାର କରିବେ ।

(୫) କୌଣସି ଆର୍ଥିକ ବର୍ଷ ଯେତେ ଜଣଙ୍କୁ ଋଣ ଦିଆଯିବ, ସେମାନଙ୍କ ସଂଖ୍ୟା ଗ୍ରାମରେ ଥିବା ପରିବାରଙ୍କର ସଂଖ୍ୟାର ଶତକଡ଼ା ୧୦ । ୧୨ ଭାଗରୁ ଅଧିକ ହେବ ନାହିଁ । ଏପରି କରିବାର କାରଣ ହେଉଛି, ସମୁଦାୟ ଗ୍ରାମଟିକୁ ୮।୧୦ ବର୍ଷ ମଧ୍ୟରେ ପୁନର୍ନିର୍ମିତ କରିବାକୁ ହେବ ।

(୬) ରାଜ୍ୟ ସରକାରମାନେ ସାଧାରଣତଃ ୨୦ଟି ସମାନ ବାର୍ଷିକ କିସ୍ତିରେ ଋଣ ଆଦାୟ କରିବେ । ଋଣର ପ୍ରଥମ କିସ୍ତି ଯେଉଁ ତାରିଖରେ ଦିଆଯାଇଥିବ, ସେହି ତାରିଖଠାରୁ ୧୨ମାସ ପୂରିଯିବା ପରେ ପ୍ରଥମ କିସ୍ତି ସୁଝିବାର ସମୟ ଆରମ୍ଭ ହେବ । ଋଣଗ୍ରହୀତାମାନେ ଇଚ୍ଛା କଲେ ୨୦ ବର୍ଷରୁ କମ୍ ସମୟରେ ମଧ୍ୟ ଋଣ ସୁଝିପାରିବେ ।

(୭) ରାଜ୍ୟ ସରକାରମାନେ କେନ୍ଦ୍ର ସରକାରଙ୍କୁ ଶତକଡ଼ା ଯେଉଁ ହାରରେ ସୁଧ ଦେବେ, ସେମାନେ ତାହାଠାରୁ ଶତକଡ଼ା ½ ଭାଗରୁ ଅଧିକ ସୁଧ ଧାର୍ଯ୍ୟ କରି ପାରିବେ ନାହିଁ ।

## ୫ । ଋଣ ପ୍ରାର୍ଥୀମାନଙ୍କୁ ନିମ୍ନଲିଖିତ ସର୍ତ୍ତସବୁ ପୂରଣ କରିବାକୁ ହେବ

(୧) ଯୋଜନା ଯେଉଁ ଗ୍ରାମରେ କାର୍ଯ୍ୟକାରୀ ହେବ, ଦରଖାସ୍ତକାରୀମାନେ ସେହି ଗ୍ରାମର ପ୍ରକୃତ ବାସିନ୍ଦା ହୋଇଥିବା ଦରକାର । ସେମାନେ ନିର୍ମାଣ ଖର୍ଚ୍ଚର ଶତକଡ଼ା ଅନ୍ତତଃ ୫୦ ଭାଗ ଦେବାପାଇଁ ସମର୍ଥ ଓ ଇଚ୍ଛୁକ ଥିବା ଦରକାର ( ଯେଉଁଠାରେ ଗ୍ରହଣୀୟ ସେଠାରେ ଜମିର ମୂଲ୍ୟ ନିର୍ମାଣ ଖର୍ଚ୍ଚର ଅନ୍ତର୍ଭୁକ୍ତ ହେବ [ ୩ (୨) ଅନୁଚ୍ଛେଦ ଦେଖ ] ।

ଋଣ-ପ୍ରାର୍ଥୀମାନେ ଘର ତିଆରି ସକାଶେ ସେମାନଙ୍କର ଦେୟ ନଗଦ ଟଙ୍କା ଆକାରରେ ବା ଗୃହନିର୍ମାଣ ଉପକରଣ ଆକାରରେ କିମ୍ବା ନିଜର ବା ନିଜ ପରିବାର ଲୋକଙ୍କର ଶ୍ରମ ଆକାରରେ ଦେଇ ପାରିବେ ।

(୨) ଦରଖାସ୍ତକାରୀମାନେ ରାଜ୍ୟ ସରକାରଙ୍କ ପାଖରେ ଜମି ଓ ଘର ବନ୍ଧା ଦେବାପାଇଁ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରେ ଗ୍ରହଣୀୟ ହେବା ଭଳି ଅନ୍ୟ କୌଣସି ମାଲବନ୍ଧକ ଦେବାପାଇଁ ଇଚ୍ଛୁକ ଥିବା ଦରକାର । ଯେ ପର୍ଯ୍ୟନ୍ତ ସୁଧ ସହିତ ଋଣ ପୁରାପୁରି ସୁଝା ସରି ନ ଥିବ, ସେ ପର୍ଯ୍ୟନ୍ତ ଜମି ଓ ଘର ବନ୍ଧକରେ ରହିବ ।

(୩) ଦରଖାସ୍ତକାରୀମାନେ ସାଧାରଣତଃ ରାଜ୍ୟ ସରକାରଙ୍କଦ୍ୱାରା ନିର୍ଦ୍ଧାରିତ ହୋଇଥିବା ବିନ୍ୟାସ, ନକ୍ସା ଓ ମାପଚୁପ ଅନୁସାରେ ଘର ତିଆରି କରିବାକୁ ଇଚ୍ଛୁକ ଥିବା ଦରକାର । ତେବେ ବ୍ୟକ୍ତିଗତ ଆବଶ୍ୟକତାକୁ ଦୃଷ୍ଟି ଘରର ନକ୍ସା ଓ ମାପଚୁପରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ-ପାରେ ।

## ୭ । ଗ୍ରାମ ମନୋନୟନ

(୧) ଉପରେ ୨ (୩) ଅନୁଚ୍ଛେଦରେ ସୂଚିତ ହୋଇଥିବାପରି ଏହି ଯୋଜନାଟି ଜାତୀୟ ସମ୍ପ୍ରସାରଣ ବ୍ଲକ ଓ ସମୂହବିକାଶ ବ୍ଲକରେ ସୀମିତ ହୋଇ ରହିବ ।

(୨) ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମଗୁଡ଼ିକ ବଛାଯିବ । ଗ୍ରାମଗୁଡ଼ିକ ବାଛିଲାବେଳେ ରାଜ୍ୟ ସରକାରମାନେ ନିମ୍ନଲିଖିତ ଶ୍ରେଣୀର ଗ୍ରାମଗୁଡ଼ିକ ବିଷୟ ପ୍ରଥମେ ବିଚାର କରିବେ :—

(କ) ଯେଉଁ ଗ୍ରାମଗୁଡ଼ିକ ବନ୍ୟାଗ୍ରସ୍ତ ଅଞ୍ଚଳରେ ଅବସ୍ଥିତ ହୋଇଥିବ ଓ ସେଗୁଡ଼ିକୁ ବନ୍ୟାବିପଦ-ମୁକ୍ତ ଅଞ୍ଚଳରେ ପୁନର୍ନିର୍ମିତ କରିବାର ପ୍ରସ୍ତାବ କରାଯାଉଥିବ ।

(ଖ) ଜନସଂଖ୍ୟା ବୃଦ୍ଧି ହେତୁ ଯେଉଁ ଗ୍ରାମ ବିଶେଷ ଜନାକୀର୍ଣ୍ଣ ହୋଇଯାଇଥିବ । ଏ ସମ୍ପର୍କରେ ନଦୀକୋଣଭୂମି ଅଞ୍ଚଳ ବା ଶିଳ୍ପାଞ୍ଚଳ ନିକଟବର୍ତ୍ତୀ ଅନ୍ୟାନ୍ୟ ଜଳସେଚିତ ଅଞ୍ଚଳର ଉଦାହରଣ ଦିଆଯାଇପାରେ ।

(ଗ) ଯେଉଁ ଗ୍ରାମମାନଙ୍କରେ ବହୁସଂଖ୍ୟକ ଅନୁନ୍ନତ ଶ୍ରେଣୀର ଲୋକ ବାସ କରୁଥିବେ ଓ ସେମାନେ ସମ୍ବଳଶୂନ୍ୟ ହୋଇଥିବାରୁ ଏବଂ ଘର ତିଆରି କରିବାପାଇଁ ଜାଗା ପାଇ ନ ଥିବାରୁ ସେମାନଙ୍କର ଜୀବନଯାପନ ପ୍ରଣାଳୀ ଭଲ ହୋଇ ନ ଥିବ ।

(ଘ) ଯେଉଁ ଗ୍ରାମମାନଙ୍କର ଜମିକୁ ଚକବନ୍ଦୀ କରାଯାଇ ସାରିଥିବ ବା ଯେଉଁ ଗ୍ରାମମାନଙ୍କରେ ଲୋକେ ଜମିକୁ ଚକବନ୍ଦୀ କରିବାକୁ ରାଜି ହେଉଥିବେ ଓ ବାସଗୃହର ଉନ୍ନତିବିଧାନ ଏବଂ ସମାଜର ସୁବିଧାନୁଯୋଗର ବ୍ୟବସ୍ଥା କରିବା ପାଇଁ ବିନା ମୂଲ୍ୟରେ ଆବଶ୍ୟକୀୟ ଜମି ଦେବାପାଇଁ ରାଜି ହେଉଥିବେ ।

(ଙ) ଯେଉଁ ଗ୍ରାମମାନଙ୍କରେ କୃଷି ଉତ୍ପାଦନ ବୃଦ୍ଧି କରିବାପାଇଁ ସଫଳତାସହକାରେ କାର୍ଯ୍ୟ ହୋଇଥିବ ବା ହେଉଥିବ ।

(୩) ସୁବିଧାରେ ଗୃହ-ନିର୍ମାଣର ତତ୍ତ୍ୱାବଧାନ ଓ ସମବାୟ ଭିତ୍ତିରେ ଗୃହନିର୍ମାଣ ଉପକରଣ ଉତ୍ପାଦନ କରିବା ପାଇଁ ଲଗାଲଗି ହୋଇ ରହିଥିବା ୪।୫ଟି ଗ୍ରାମ ବାଛିବାକୁ ହେବ । ଏହିପରି ଗ୍ରାମ-ପୁଞ୍ଜରେ ଉପକରଣ ତିଆରି କରିବା ପାଇଁ ବ୍ୟବସ୍ଥା କରିବାକୁ ହେବ । ଗାଁଗହଳରେ ମିଳୁଥିବା ଉପକରଣ ଯଥାସମ୍ଭବ ବ୍ୟବହାର କରିବାକୁ ହେବ ।

(୪) ଗ୍ରାମଗୁଡ଼ିକ ବାଛିଲାବେଳେ ରାଜ୍ୟ ସରକାର-ମାନେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ଦେବେ ।

(କ) ଗ୍ରାମର ଅଧିକାଂଶ ଲୋକ ରାଜ୍ୟ ସରକାରଙ୍କ-ଦ୍ୱାରା ତିଆରି ହେବା ଆଦର୍ଶ ଯୋଜନା ଅନୁଯାୟୀ

ନିଜର ଘରର ଉନ୍ନତବିଧାନ ବା ପୁନର୍ନିର୍ମାଣ ପାଇଁ ଇଚ୍ଛୁକ ଥିବା ଦରକାର ।

(ଖ) ୪୦ଟି ଗ୍ରାମକୁ ନେଇ ଯେଉଁ ଗ୍ରାମ ପୁଞ୍ଜଟି ଗଠିତ ହେବ, ସେଠାରେ ସମବାୟ ଇଟା ଓ ଚୂନଭାଟି ବସାଇବାର ସୁବିଧା ଥିବା ଆବଶ୍ୟକ । କବାଟ, ଝରକା, କୋଲପ ଓ କବ୍ଜା ପ୍ରଭୃତି ତିଆରି କରିବା ପାଇଁ କାରଖାନା ଖୋଲିବା ସୁବିଧା ମଧ୍ୟ ଥିବା ଦରକାର । ଏହି ବିଭିନ୍ନ-ଗୃହ-ନିର୍ମାଣ-ଉପକରଣ-ଗୁଡ଼ିକ ତିଆରି କରିବା ପାଇଁ ଗ୍ରାମପୁଞ୍ଜର ବିଭିନ୍ନ ଗ୍ରାମରେ ସମବାୟ ଅନୁଷ୍ଠାନମାନ ସ୍ଥାପନ କରିବା ଉଚିତ । ଯେଉଁଠାରେ ସୁବିଧା ହେବ, ସେଠାରେ ଜଳଯୋଗାଣ, ସ୍ୱାସ୍ଥ୍ୟ ଓ ଜଳସେଚନ ବ୍ୟବସ୍ଥାର ମଧ୍ୟ ଉନ୍ନତି କରିବା ଉଚିତ । ଯେତେ ଦୂର ସମ୍ଭବ ବଛାଯାଇଥିବା ଗ୍ରାମଗୁଡ଼ିକରେ ହାରାହାରି ୧୦୦ଟି ଲେଖାଏଁ ଘର ଥିବା ଉଚିତ ।

## ୭ । ବୈଷୟିକ ନିଯୁକ୍ତି

ଯୋଜନାଟିକୁ ସଫଳତାସହକାରେ କାର୍ଯ୍ୟକାରୀ କରାଇବା ବହୁପରିମାଣରେ ବୈଷୟିକ କର୍ମ-ନିଯୁକ୍ତି ବ୍ୟବସ୍ଥା ଉପରେ ନିର୍ଭର କରୁଛି । ଏ' ଦିଗରେ ରାଜ୍ୟ ସରକାରମାନେ ନିମ୍ନଲିଖିତ ଲକ୍ଷ୍ୟ ରଖି କାର୍ଯ୍ୟ କରିବା ଆବଶ୍ୟକ:—

(କ) ସଦର ମହକୁମାଗୁଡ଼ିକରେ ଜଣେ ଟେକ୍ନିକାଲ୍ ଅଫିସର ନିଯୁକ୍ତ କରି ତାଙ୍କ ଅଧୀନରେ "ଗ୍ରାମ୍ୟ ବାସଗୃହ ନିର୍ମାଣ ସଂସ୍ଥା" ବସାଇବାକୁ ହେବ । ଏହି ଅଫିସର୍ ଜଣେ ସୁପରିନ୍‌ଟେଣ୍ଡିଂ ଇଂଜିନିୟରଙ୍କ ପାହ୍ୟାର ହୋଇଥିବା ଆବଶ୍ୟକ । 'ସଂସ୍ଥା' ଗୁଡ଼ିକ ନିମ୍ନଲିଖିତମତେ କାର୍ଯ୍ୟ କରିବେ:—

(୧) ବଛାଯାଇଥିବା ଗ୍ରାମଗୁଡ଼ିକର ସ୍ୱାସ୍ଥ୍ୟ ସମ୍ପର୍କୀୟ ଓ ସାମାଜିକ ଏବଂ ଆର୍ଥିକ ସର୍ଭେ କରିସାରିବା ପରେ ସେହି ଗ୍ରାମଗୁଡ଼ିକ ପାଇଁ ଆଦର୍ଶ ଯୋଜନାମାନ ପ୍ରସ୍ତୁତ କରିବେ । ଗ୍ରାମକୁ ଗୋଟିଏ ଗୋଟିଏ ଏକକ ଯେପରି ପୁନର୍ନିର୍ମିତ ହୋଇପାରିବ ସେ ଦୃଷ୍ଟିରୁ ବିନ୍ୟାସ କରିବାକୁ ହେବ । ଏହି କାର୍ଯ୍ୟ ୫।୧୦ ବର୍ଷ ମଧ୍ୟରେ ଶେଷ କରିବାକୁ ହେବ । ବିନ୍ୟାସ କଲାବେଳେ ପକ୍କା ଘର ଓ କୂଅକୁ ଯଥାସମ୍ଭବ ରଖିବାକୁ ହେବ ।

(୨) ଗ୍ରାମସ୍ଥ ଅବସ୍ଥା ପ୍ରତି ଯଥାର୍ଥ ଧ୍ୟାନ ଦେଇ ଘରଗୁଡ଼ିକ ପାଇଁ ଉପଯୁକ୍ତ ନକସା ଓ ମାପଚୂପର ବ୍ୟବସ୍ଥା କରିବାକୁ ହେବ । ଗ୍ରାମରେ ମିଳୁଥିବା ଉପକରଣଗୁଡ଼ିକ ଯେତେଦୂର ସମ୍ଭବ ବ୍ୟବହାର କରିବାକୁ ହେବ । ଅତି ମିତବ୍ୟୟର ଭାବରେ ଘରଗୁଡ଼ିକର ନକସା ପ୍ରସ୍ତୁତ କରିବାକୁ ହେବ, ଯେପରି କି ଗ୍ରାମର ଅଧିକାଂଶ ଲୋକଙ୍କର ଆର୍ଥିକ ଅବସ୍ଥା ଓ ବିଭିନ୍ନ ଲୋକଙ୍କର ଆୟର ଅବସ୍ଥା ସହିତ ତାହା ଖାପ ଖାଇବ । ସାଧାରଣତଃ ଗୋଟିଏ ଘରର ମେଜିଆର ଆୟତନ ୩୦୦ ବର୍ଗଫୁଟରୁ କମ୍ ହେବ ନାହିଁ ।

(୩) ଏ ଯୋଜନା ଅନୁସାରେ କାର୍ଯ୍ୟ ସମ୍ପାଦନ ହେଲାବେଳେ ଗ୍ରାମସ୍ଥ କାରିଗରମାନଙ୍କୁ କାରିଗରୀ ସାହାଯ୍ୟ ଦେବାର ବ୍ୟବସ୍ଥା କରିବାକୁ ହେବ । ରାସ୍ତା, ନର୍ଦ୍ଦମା, ପରମଳ, ଗ୍ରାମସ୍ଥ ଜଳଯୋଗାଣ ଓ ଗ୍ରାମବାସୀଙ୍କର ଅନ୍ୟାନ୍ୟ ସୁବିଧାସୁଯୋଗ ଦେବା ଦିଗରେ ଯଥେଷ୍ଟ ଧ୍ୟାନ ଦେବାକୁ ହେବ ।

(୪) ଗୃହ-ନିର୍ମାଣ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଟଙ୍କା ମିଳୁଛି ତାହା ଯେପରି ଯଥାର୍ଥ ଭାବରେ ଖର୍ଚ୍ଚ ହୁଏ, ସେଥିପ୍ରତି ନଜର ଦେବାକୁ ହେବ ।

(ଖ) ଗ୍ରାମବାସୀମାନଙ୍କୁ ଉପଯୁକ୍ତ କାରିଗରୀ ପରାମର୍ଶ ଦେବାର ବ୍ୟବସ୍ଥା କରିବା ପାଇଁ ଗୃହ-ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ଜାତୀୟ ସଂପ୍ରସାରଣ ଓ ସମୂହବିକାଶ ଦପ୍ତରର କାରିଗରୀ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ହେବ ।

(ଗ) ଗୃହନିର୍ମାଣ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଯେଉଁ କାରିଗରୀ କର୍ମୀବୃନ୍ଦ ସମ୍ପୃକ୍ତ ଥିବେ, ଗ୍ରାମପ୍ରତି ସେମାନଙ୍କର ସହାନୁଭୂତି ଆକର୍ଷଣ କରିବାପାଇଁ ବ୍ୟବସ୍ଥା କରିବାକୁ ହେବ ।

୮ । ଭାରତ ସରକାର କେତୋଟି ଆଞ୍ଚଳିକ ଗବେଷଣା ଓ ତାଲିମ କେନ୍ଦ୍ର ସ୍ଥାପନ କରିବାପାଇଁ ବିବେଚନା କରୁଛନ୍ତି । ଗାଁଗହଳରେ ଗୃହନିର୍ମାଣ ପାଇଁ ଯେଉଁସବୁ ଉପକରଣ ମିଳୁଛି, ସେ ସମ୍ପର୍କରେ ଏହି କେନ୍ଦ୍ରମାନଙ୍କରେ ଗବେଷଣା କରାଯିବ । ଗ୍ରାମମାନଙ୍କରେ ଗୃହନିର୍ମାଣ ଶୈଳୀର ଉନ୍ନତିବିଧାନ କରାଯିବ । ଏହି ଯୋଜନା ଅନୁସାରେ ଗୃହନିର୍ମାଣପାଇଁ ଯେଉଁସବୁ କାରିଗରୀ କର୍ମୀବୃନ୍ଦ ଆବଶ୍ୟକ ହେବେ ଉକ୍ତ କେନ୍ଦ୍ରରେ ସେମାନଙ୍କୁ ତାଲିମ ଦିଆଯିବ । ଏହିସବୁ ଆଞ୍ଚଳିକ କେନ୍ଦ୍ର ସ୍ଥାପିତ ହେବାପୂର୍ବରୁ ରାଜ୍ୟ ସରକାରମାନେ କର୍ମୀବୃନ୍ଦମାନଙ୍କୁ ତାଲିମ ଦେବାପାଇଁ ନିଜେ ବ୍ୟବସ୍ଥା କରିବେ ।

## ୯ । ଅନୁସୂଚିତ ଜାତି, ଅନୁସୂଚିତ ସଂପ୍ରଦାୟ ଓ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ବିଶେଷ ବ୍ୟବସ୍ଥା

ସ୍ୱରାଷ୍ଟ୍ର ମନ୍ତ୍ରାଳୟଦ୍ୱାରା ଇତିପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରମାନେ ନିମ୍ନଲିଖିତ କାର୍ଯ୍ୟ କରିବେ :—

(୧) ରାଜ୍ୟ-ଯୋଜନାର ଅନ୍ତର୍ଭୁକ୍ତ ହୋଇ ଅନୁସୂଚିତ ଜାତି, ଅନୁସୂଚିତ ସମ୍ପ୍ରଦାୟ ଓ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀପାଇଁ ଗୃହ-ନିର୍ମାଣ କାର୍ଯ୍ୟକ୍ରମ ସମ୍ପାଦନ କଲାବେଳେ ଏ ଯୋଜନା ଅନୁସାରେ ବଛାଯାଇଥିବା ଗ୍ରାମଗୁଡ଼ିକ ବିଷୟ ପ୍ରଥମେ ବିଚାର କରିବେ । ଏହାଫଳରେ ବଛା ହୋଇଥିବା ଗ୍ରାମମାନଙ୍କରେ ଏହି ଜାତିର ଅଭାବଗ୍ରସ୍ତ ବ୍ୟକ୍ତିମାନେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ତରଫରୁ ଗୃହନିର୍ମାଣ ପାଇଁ ମିଳୁଥିବା ଆର୍ଥିକ ସାହାଯ୍ୟ ପାଇ ପାରିବେ ।


(୨) ସେମାନଙ୍କର ଯେଉଁ ବିଭାଗମାନେ ଏହିସବୁ ଜାତିର କଲ୍ୟାଣପାଇଁ କାର୍ଯ୍ୟ କରୁଛନ୍ତି, ସମୁଦାୟବିକାଶ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ଯୋଗସୂତ୍ର ରଖିବାପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେବେ । କାରଣ ସମୁଦାୟବିକାଶ କର୍ତ୍ତୃପକ୍ଷ ଗୃହନିର୍ମାଣ ପାଇଁ ଗ୍ରାମ ବା ଗ୍ରାମପୁଞ୍ଜ ବାଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରାଳୟଦ୍ୱାରା ଅନୁମୋଦିତ ହୋଇଥିବା ଯୋଜନା ଅନୁସାରେ ଅନୁସୂଚିତ ଜାତି, ଅନୁସୂଚିତ ସମ୍ପ୍ରଦାୟ ଓ ଅନ୍ୟାନ୍ୟ ଅନୁନ୍ନତ ଜାତିଙ୍କ ପାଇଁ ବସତି ଓ ଆଦର୍ଶ ସ୍ଥାପନ କରିବା ସକାଶେ ଉଲ୍ଲିଖିତ ବିଭାଗମାନେ ସ୍ଥାନ ନିର୍ବାଚନ କରିବେ । ବିଭିନ୍ନ ବିଭାଗ ଓ ସମୁଦାୟବିକାଶ କର୍ତ୍ତୃପକ୍ଷଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି, ଏହି ଯୋଜନା ଅନୁସାରେ ବଛା ହୋଇଥିବା ଗ୍ରାମମାନଙ୍କରେ ଉଲ୍ଲିଖିତ ବସତି ଓ ଆଦର୍ଶ ଗ୍ରାମଗୁଡ଼ିକ ଯେପରି ସ୍ଥାପିତ ହୁଏ, ସେଥିର ବ୍ୟବସ୍ଥା କରିବା । ତାହାହେଲେ ବଛାଯାଇଥିବା ଗ୍ରାମଗୁଡ଼ିକର ସର୍ବାଙ୍ଗୀନ ଉନ୍ନତିପାଇଁ ଯେଉଁସବୁ ସୁବିଧାସୁଯୋଗର ବ୍ୟବସ୍ଥା କରାଯିବ ଉକ୍ତ ବସତି ଓ ଆଦର୍ଶ ଗ୍ରାମର ଅଧିବାସୀମାନେ ତଦ୍ଦ୍ୱାରା ଉପକୃତ ହୋଇପାରିବେ ।

## ବୁଣାକାରମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା

ବାଣିଜ୍ୟ ଓ ବ୍ୟବହାର୍ଯ୍ୟ ଶିଳ୍ପ ମନ୍ତ୍ରାଳୟ (ବର୍ତ୍ତମାନର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ)ର ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାରମାନେ ବଛା ହୋଇଥିବା ଗ୍ରାମମାନଙ୍କରେ ପ୍ରଥମେ ବୁଣାକାରମାନଙ୍କ ପାଇଁ ଗୃହନିର୍ମାଣ କରିବାର ବ୍ୟବସ୍ଥା କରିବେ । ଏ ଯୋଜନା ଅନୁସାରେ ବଛାଯାଇଥିବା ଗ୍ରାମମାନଙ୍କରେ ବୁଣାକାରମାନଙ୍କ ପାଇଁ ଯଥେଷ୍ଟ ଗୃହନିର୍ମାଣ କରିବା ଏହାର ଉଦ୍ଦେଶ୍ୟ ।



ପଣ୍ଡିତେସ୍ଥଠାରେ ପିଲାମାନଙ୍କୁ ବହୁପ୍ରୟୋଜନ-ଖାଦ୍ୟ ଦିଆ ହେଉଛି । ଓଡ଼ିଶା ସରକାର
ବହୁପ୍ରୟୋଜନ-ଖାଦ୍ୟ ଉତ୍ପାଦନ କରିବାପାଇଁ ମଞ୍ଜୁରି କରିଛନ୍ତି



ପ୍ରୋଟିନ୍ ଜାତୀୟ ଖାଦ୍ୟାଭାବ ପୂରଣ କରିବା ନିମନ୍ତେ ବହୁ-ପ୍ରୟୋଜନ-ଖାଦ୍ୟ ସଫଳତାର ସହିତ ବ୍ୟବହାର କରାଯାଇଛି । ଏହି ଖାଦ୍ୟ ବ୍ୟବହାର କରିବାର ମାତ୍ର ୬ ସପ୍ତାହ ପରେ ଗୋଟିଏ ପିଲାର କି ପରିବର୍ତ୍ତନ ଘଟିଛି ତା'ର ଏକ ନମୁନା

# ବହୁପ୍ରୟୋଜନ ଖାଦ୍ୟ

ଭି. ବାଲୁ
( ପବ୍ଲିସିଟି ଡାଇରେକ୍ଟର, ମିଲ୍‌ସ୍ ଫର୍ ମିଲିଅନ୍‌ସ ଆସୋସିଏସନ ଅଫ୍ ଇଣ୍ଡିଆ )

ଦେଶରେ ଜାତୀୟ ସ୍ୱାସ୍ଥ୍ୟ ପ୍ରଥମ ସ୍ଥାନ ଅଧିକାର କରିଥାଏ । ପୁଷ୍ଟିର ଯେପରି ଅଭାବ ନ ଘଟେ ସେଥିପ୍ରତି ସତର୍କ ରହିବାକୁ ପଡ଼ିବ । କାରଣ ଖାଦ୍ୟ ବିନା ମନୁଷ୍ୟ ମୃତ୍ୟୁ ମୁଖରେ ପିନା ପଡ଼େ; କିନ୍ତୁ ପୁଷ୍ଟିର ଅଭାବରେ ଧୀରେ ଧୀରେ ତାହାର ସ୍ୱାସ୍ଥ୍ୟ ନଷ୍ଟ ହୋଇଯାଏ । ବର୍ତ୍ତମାନ ତୁଷାର ଖଣ୍ଡ ପରି ସମୁଦାୟ ଲୋକଙ୍କ ମଧ୍ୟରୁ ଅଳ୍ପ କେତେକଙ୍କର ସ୍ୱାସ୍ଥ୍ୟ ବାହାରକୁ ଭଲ ଥିଲା ପରି ଦେଖାଯାଉ ଥିଲେ ମଧ୍ୟ ବହୁ ସଂଖ୍ୟକ ଲୋକଙ୍କର ସ୍ୱାସ୍ଥ୍ୟ ପୁଷ୍ଟିର ଅଭାବରେ ଭଲ ନ ଥାଏ ଓ ସେମାନଙ୍କୁ ସଂକ୍ରାମକ ରୋଗ ଆକ୍ରମଣ କରିବାର ସମ୍ଭାବନା ଥାଏ । ପୁଷ୍ଟିକର ଖାଦ୍ୟର ଅଭାବରେ ଲୋକର କାର୍ଯ୍ୟ କରିବା ଓ ଉତ୍ପାଦନ କରିବାର ଶକ୍ତି କମିଯାଏ, ଜାତୀୟ ସ୍ୱାସ୍ଥ୍ୟ ମଧ୍ୟ ନିମ୍ନଗାମୀ ହୁଏ ।

ଖାଦ୍ୟରେ ସମ ପରିମାଣରେ ବିଭିନ୍ନ ପ୍ରକାର ପୁଷ୍ଟିକର ଜିନିଷ ଥିଲେ ତାହା ପୁଷ୍ଟିକର ବା ସନ୍ତୁଳିତ ଖାଦ୍ୟରୂପେ ପରିଗଣିତ ହୁଏ । ଖାଦ୍ୟ ଏପରି ସନ୍ତୁଳିତ ହେବା ସକାଶେ ଯେଉଁ ସବୁ ବିଭିନ୍ନ ପ୍ରକାର ପ୍ରାକୃତିକ ଖାଦ୍ୟ ଦରକାର ଅନେକ ସମୟରେ ଭାରତୀୟ ଖାଦ୍ୟରେ ସେ ସବୁ ନ ଥାଏ ।

## ଆଶ୍ଚର୍ଯ୍ୟଜନକ ଖାଦ୍ୟ-ଗୁଣ

ଯେଉଁ ସବୁ ଖାଦ୍ୟରେ ପୁଷ୍ଟିର ଅଭାବ ରହିଥାଏ, ସେ ସବୁରେ ତାହା ପୂରଣ କରିବା ଉଦ୍ଦେଶ୍ୟରେ ମହୀଶୂରରେ ଥିବା ସେଣ୍ଟ୍ରାଲ ଫୁଡ଼ ଟେକ୍ନୋଲୋଜିକାଲ ଇନ୍‌ଷ୍ଟିଚ୍ୟୁଟରେ ଡକ୍ଟର ଭି. ସୁବ୍ରମନିଅମ ଓ ତାଙ୍କ ସହକର୍ମୀମାନେ ଗୋଟିଏ ଶସ୍ତା ଓ ସମ୍ପୂର୍ଣ୍ଣ ଅଭିନବ ଖାଦ୍ୟ ଉଦ୍ଭାବନ କରିଛନ୍ତି । ତାହା କରିବାକୁ ଯାଇ ଯେଉଁ ସବୁ ପ୍ରୋଟିନ ଜାତୀୟ ଖାଦ୍ୟ ବ୍ୟାପକ ଭାବରେ ମନୁଷ୍ୟମାନେ ବ୍ୟବହାର କରନ୍ତି ନାହିଁ; ଭିନ୍ନ ଖାଦ୍ୟରେ ସେମାନେ ତାହା ପ୍ରୟୋଗ କରିଛନ୍ତି । ଦେଶର ଲୋକମାନେ ଚିରାଚରିତ ଭାବରେ ଯେଉଁ ଖାଦ୍ୟ ବ୍ୟବହାର କରନ୍ତି ତାହା ଯେପରି ନଷ୍ଟ ନ ହୁଏ ସେଥିପ୍ରତି ସେମାନେ ଦୃଷ୍ଟି ଦେଇଛନ୍ତି । ଏହି ଖାଦ୍ୟକୁ ଭାରତୀୟ ବହୁ-ପ୍ରୟୋଜନ ଖାଦ୍ୟ କୁହାଯାଏ । ବିଶେଷ ପ୍ରଣାଳୀରେ ତିଆରି ହୋଇଥିବା ବାଦାମ ଗୁଣ୍ଡ ଓ ବୁଟ ଛତୁଆ ସହିତ ଭିଟାମିନ ଓ ଖଣିଜ ସାର ଯୋଗକରି ଦିଆଯାଏ । ଶିଶୁ, ଅନ୍ତଃସତ୍ତ୍ୱା ଓ ପ୍ରସୂତି-ମାନଙ୍କ ପାଇଁ ଏହି ବହୁପ୍ରୟୋଜନ ଖାଦ୍ୟ ପ୍ରଧାନତଃ ଉଦ୍ଦିଷ୍ଟ; କିନ୍ତୁ ସମସ୍ତେ ଏହି ଖାଦ୍ୟବ୍ୟବହାର କରି ସ୍ୱାସ୍ଥ୍ୟ ଲାଭ କରି ପାରିବେ । ବହୁ ପ୍ରୟୋଜନ ଖାଦ୍ୟରେ ଆଶ୍ଚର୍ଯ୍ୟଜନକ ଖାଦ୍ୟ-ଗୁଣ ଅଛି; କାରଣ ଦୁଇ ଆଉନ୍‌ସ ବା ୫୬ ଗ୍ରାମଠାରେ ୧୦ ଗ୍ରାମର ଖାଦ୍ୟର ମୂଲ୍ୟ ୮ ନୂ. ପ. ହୋଇଥିବା ସ୍ଥଳେ ଏଥିରେ ଜଣେ ଲୋକ ଦୈନିକ ପ୍ରୟୋଜନ ମେଣ୍ଟାଇ ପାରିବା ଭଳି ବହୁ ପରିମାଣର ପ୍ରୋଟିନ, ଖଣିଜ ସାର ଓ ଭିଟାମିନ ଅଛି ।

ଏକ ଆଉନ୍‌ସ ବହୁପ୍ରୟୋଜନ ଖାଦ୍ୟରେ ୧୦୦ କ୍ୟାଲୋରି ଓ ନିମ୍ନଲିଖିତ ପୁଷ୍ଟିସାରମାନ ଅଛି :—

| | |
|---|---|
| ପ୍ରୋଟିନ (ଗ୍ରା) | ୧୨.୦ |
| କାଲସିୟମ (ଏମ୍. ଜି.) | ୧୯୦ |
| ଫସ୍‌ଫରସ୍ (ଏମ୍. ଜି.) | ୨୩୪ |
| ଆଇରନ୍ ବା ଲୌହ (ଏମ୍. ଜି.) | ୧.୫ |

| | |
|---|---|
| ଭିଟାମିନ ଏ (ଆଇ. ୟୁ.) | ୮୫୭ |
| ଭିଟାମିନ ବି ୧ (ଏମ୍. ଜି.) | ୦.୪ |
| ଭିଟାମିନ ବି ୨ (ଏମ୍. ଜି.) | ୦.୪ |
| ନିକୋଟିନିକ ଏସିଡ୍ (ଏମ୍. ଜି.) | ୪.୦ |
| ଭିଟାମିନ ଡି (ଆଇ. ୟୁ.) | ୭୧ |

## ଅତ୍ୟନ୍ତ ଫଳପ୍ରଦ

ବହୁପ୍ରୟୋଜନ ଖାଦ୍ୟ ଅତ୍ୟନ୍ତ ପୁଷ୍ଟିକର ଓ ଉପକାରୀ ବୋଲି ପରୀକ୍ଷା କରାଯାଇ ଜଣାଯାଇଛି । ମାଡ୍ରାଜ କର୍ପୋରେସନ ସ୍କୁଲ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସମୟରେ ଏହି ବହୁପ୍ରୟୋଜନ ଖାଦ୍ୟ ଖାଇବାକୁ ଦେଇ ଚମତ୍କାର ଫଳ ହାସଲ କରିଛନ୍ତି । ଯେଉଁ ପିଲାମାନଙ୍କୁ ଭାତ ଓ ଡାଲି ଆଦି ସାଧାରଣ ମାଡ୍ରାଜୀ ଖାଦ୍ୟ ଖାଇବାକୁ ଦିଆଯାଇଥିଲା ଛଅ ମାସ ମଧ୍ୟରେ ସେମାନଙ୍କର ଉଚ୍ଚତା ୦.୧ ଇଞ୍ଚ ଓ ଓଜନ ୩.୫ ପାଉଣ୍ଡ ବଢ଼ିଯାଇ ଥିଲା; କିନ୍ତୁ ଯେତେବେଳେ ସେମାନଙ୍କୁ ଦୈନିକ ½ ଆଉନ୍ସ ହିସାବରେ ଏହି ବହୁ-ପ୍ରୟୋଜନ ଖାଦ୍ୟ ସାଧାରଣ ଖାଦ୍ୟ ସହିତ ଖାଇବାକୁ ଦିଆଗଲା, ସେତେବେଳେ ସେମାନଙ୍କର ଉଚ୍ଚତା ୦.୮ ଇଞ୍ଚ ଓ ଓଜନ ୮.୯ ପାଉଣ୍ଡ ବଢ଼ିଯାଇଥିଲା । ଏହି ଚମତ୍କାର ଫଳକୁ ସମସ୍ତେ ପସନ୍ଦ କରିଛନ୍ତି ଓ ପ୍ରାୟ ୧୦,୦୦୦ ଶିଶୁଙ୍କୁ ସେମାନଙ୍କ ମଧ୍ୟାହ୍ନ ଭୋଜନ ସହିତ ଏହି ଖାଦ୍ୟ ଦେବାପାଇଁ ମାଡ୍ରାଜ କର୍ପୋରେସନ ସ୍ଥିର କରିଛନ୍ତି ।

ଦୁଇ ବର୍ଷଠାରୁ ଆରମ୍ଭ କରି ଛ ବର୍ଷ ବୟସ ମଧ୍ୟରେ ଯେଉଁ ପିଲାମାନଙ୍କଠାରେ ପ୍ରୋଟିନ୍ ଅଭାବ ଦେଖାଯାଇ ଥିଲା ସେହି ପିଲାମାନଙ୍କୁ ବହୁପ୍ରୟୋଜନ ଖାଦ୍ୟ ଓ ଗୁଣ୍ଡ ଦୁଧ ଖାଇବାକୁ ଦିଆଯାଇ ସେମାନଙ୍କର ସେହି ଅଭାବ ପୂରଣ କରାଯାଇ ଥିଲା । କୁନୁରରେ ଥିବା ନ୍ୟୁଟ୍ରିସନ ରିସର୍ଚ୍ଚ ଲାବରେଟରି, ମାଡ୍ରାଜର ଜେନେରାଲ ହସପିଟାଲ, କଲିକତାରେ ଥିବା ସ୍କୁଲ ଅଫ୍ ଟ୍ରପିକାଲ ମେଡ଼ିସିନ, ହାଇଦରାବାଦରେ ଥିବା ଓସମାନିଆ ଜେନେରାଲ ହସପିଟାଲ ଓ ମହୀଶୂରରେ ଥିବା ସେଣ୍ଟ୍ରାଲ ଫୁଡ୍ ଟେକ୍ନୋଲଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଗବେଷଣା କରାଯାଇ ଦେଖାଯାଇଛି ଯେ ଏହି ବହୁପ୍ରୟୋଜନ ଖାଦ୍ୟ ପ୍ରୋଟିନ ଅଭାବ-ଜନିତ ରୋଗ ଆରୋଗ୍ୟ କରିବାରେ ଅତ୍ୟନ୍ତ ଫଳପ୍ରଦ । କ୍ୱାସିଓର୍କରର ଭାରତର ବହୁଳ ଅଂଶରେ, କଳକାରଖାନାମାନଙ୍କରେ ଥିବା କ୍ୟାଣ୍ଟିନଗୁଡ଼ିକରେ ଏହି ବହୁପ୍ରୟୋଜନ ଖାଦ୍ୟ ବ୍ୟବହାର କରୁଛନ୍ତି । ଏହି ଖାଦ୍ୟ ବ୍ୟବହାର କରି ଗୋଟିଏ ଅଞ୍ଚଳରେ ଶ୍ରମିକ-ମାନଙ୍କର କାର୍ଯ୍ୟଦକ୍ଷତା ବିଶେଷ ଭାବରେ ବଢ଼ି ଯାଇଥିବାର ଲକ୍ଷ୍ୟ କରାଯାଇଛି ।

## ଖାଦ୍ୟାଭ୍ୟାସରେ କୌଣସି ପରିବର୍ତ୍ତନ ଅନାବଶ୍ୟକ

ବହୁପ୍ରୟୋଜନ ଖାଦ୍ୟ ଗୋଟିଏ ପ୍ରକୃତ ଖାଦ୍ୟ । ଏହା ଗୋଟିଏ ଔଷଧ ନୁହେଁ କିମ୍ବା ଗୋଟିଏ କୃତ୍ରିମ ଜିନିଷ ନୁହେଁ । ଏହା ଆମର ଆବଶ୍ୟକତା ପୂରଣ କରି ପାରିବ ଓ ଏହା ବ୍ୟବହାର କଲେ ଖାଦ୍ୟାଭ୍ୟାସ ପରିବର୍ତ୍ତନ କରିବା ଦରକାର ହେବ ନାହିଁ । ପାକ ହୋଇ ବା ପାକ ନ ହୋଇ ଏହା ଲୁଣ ମସଲା ଦିଆଯାଇ ତିଆରି ହୋଇଥାଏ । ବିଶେଷ କରି ଶିଶୁ ଓ ହସପିଟାଲର ବ୍ୟବହାର ଉଦ୍ଦେଶ୍ୟରେ ପାକ ହୋଇ ନ ଥିବା ଖାଦ୍ୟର ଶତକଡ଼ା ୮୦ ଭାଗ ସହିତ ଶତକଡ଼ା ୨୦ ଭାଗ ଗୁଣ୍ଡ ଦୁଧ ମଧ୍ୟ ବହୁପ୍ରୟୋଜନ ଖାଦ୍ୟ ସହିତ ମିଶ୍ରିତ ହୋଇଥାଏ ।

ପାକ ହୋଇଥିବା ବହୁ ପ୍ରୟୋଜନ ଖାଦ୍ୟକୁ ଚଟଣୀ ସହିତ ବ୍ୟବହାର କରାଯାଇ ପାରିବ । ଉପମା, ଖେଚଡ଼ି, ପକୁଡ଼ା ତରକାରି ଓ ଡାଲି ସହିତ ଅନ୍ୟାନ୍ୟ ମସଲା ମସଲି ସଙ୍ଗରେ ଏହାକୁ ପକାଇ ରନ୍ଧାଯାଇ ପାରିବ । ପାକ ନ ହୋଇଥିବା ବହୁ-ପ୍ରୟୋଜନ ଖାଦ୍ୟ ଅଣ୍ଡା ତରକାରିରେ ଓ ଖିରିରେ ପକାଇ ରନ୍ଧାଯାଇ ପାରେ । ଏହି ଭଳି ଖିରିରେ ଦୁଧ

ଶୁଖାଇଲେ ଚଳେ, ନ ଶୁଖାଇଲେ ବି ଚଳେ । ରୁଟି ଓ ବିସ୍କୁଟ ତିଆରି କରିବା ପାଇଁ ଏହାକୁ ମଇଦା ସହିତ ମିଶାଇ ଦିଆଯାଇ ପାରେ । ମିଠା ଜିନିଷ ସଙ୍ଗରେ ଏହାକୁ ମିଶାଇ ଦେଲେ ତାହା ଅଧିକ ପୁଷ୍ଟି-କାରକ ହୋଇଥାଏ । ବିସ୍କୁଟ ସହିତ ମଧ୍ୟ ଏହାକୁ ମିଶାଇ ଖିଆଯାଇ ପାରେ । ବିସ୍କୁଟ ତିଆରି କରୁଥିବା କାରଖାନାମାନେ ଏହି ବହୁପ୍ରୟୋଜନ ଖାଦ୍ୟ ମଗାଇ ବ୍ୟବହାର କରିପାରନ୍ତି । ସାଧାରଣତଃ ଯେଉଁ ସବୁ ଦାମିକା ଜୈବିକ ପ୍ରୋଟିନ ଜାତୀୟ ଖାଦ୍ୟ କିଣି ଖାଇବା ସମ୍ଭବ ହୁଏ ନାହିଁ, ସେ ସବୁ ପରିବର୍ତ୍ତରେ ବହୁପ୍ରୟୋଜନ ଖାଦ୍ୟ ବ୍ୟବହାର କରିଯାଇ ପାରେ । ଅନ୍ୟାନ୍ୟ ଖାଦ୍ୟ ସହିତ ବହୁ-ପ୍ରୟୋଜନ ଖାଦ୍ୟ ମିଶାଇଲା ବେଳେ ପ୍ରଥମୋକ୍ତ ଖାଦ୍ୟର ଶତକଡ଼ା ୧୦ ବା ୧୫ ଭାଗ ଶେଷୋକ୍ତ ଖାଦ୍ୟ ସହିତ ମିଶାଇବାକୁ ହେବ । ତାହାହେଲେ ଆମ୍ଭେମାନେ ଯେଉଁ ଖାଦ୍ୟରେ ଅଭ୍ୟସ୍ତ ସେହି ଖାଦ୍ୟର ସ୍ୱାଦ କିମ୍ବା ରଙ୍ଗ ବଦଳି ଯିବନାହିଁ । ପାଗ ହୋଇ-ଥିବା ବହୁପ୍ରୟୋଜନ ଖାଦ୍ୟକୁ ୧ ବର୍ଷ ପର୍ଯ୍ୟନ୍ତ ଓ ପାଗ ନ ହୋଇଥିବା ଖାଦ୍ୟକୁ ପ୍ରାୟ ୬ ମାସ ପର୍ଯ୍ୟନ୍ତ ସାଇତି ରଖାଯାଇ ପାରିବ ।

## ବହୁ ପରିମାଣରେ ଉତ୍ପାଦନ

ମହୀଶୂରଠାରେ ସେଣ୍ଟ୍ରାଲ ଫୁଡ଼ ଟେକନୋ-ଲଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଯେଉଁ ଆଦର୍ଶ କାରଖାନାଟି ଅଛି ସେଠାରେ ଦୈନିକ ୧ ଟନ୍ ବହୁ-ପ୍ରୟୋଜନ ଖାଦ୍ୟ ଉତ୍ପାଦିତ ହୋଇପାରେ । ଏହି କାରଖାନାରୁ ଦେଶର ବିଭିନ୍ନ ଅନୁଷ୍ଠାନକୁ ୧୪ ଲକ୍ଷ ପାଉଣ୍ଡରୁ ଅଧିକ ବହୁପ୍ରୟୋଜନ ଖାଦ୍ୟ ଯୋଗାଇ ଦିଆଯାଇଛି । ଭାରତର ପଡ଼ୋଶୀ ଦେଶ ଯଥା ମଧ୍ୟ-ପ୍ରାଚ୍ୟ ଓ ଦକ୍ଷିଣ-ପୂର୍ବ ଏସିଆ ଅନ୍ତର୍ଗତ ଦେଶ-ମାନଙ୍କରୁ ଏହି ଖାଦ୍ୟର ଚାହିଦା ବଢ଼ୁଛି । ଭାରତର ବିଭିନ୍ନ ରାଜ୍ୟର ସରକାରମାନେ ବହୁପ୍ରୟୋଜନ ଖାଦ୍ୟକୁ ପୁଲିସ କ୍ୟାଣ୍ଟିନ, ହସପିଟାଲ ଓ ଅନ୍ୟାନ୍ୟ କେନ୍ଦ୍ରରେ ବ୍ୟବହାର କରିବା ପାଇଁ ଯେ କେବଳ ସ୍ଥିର କରିଛନ୍ତି ତାହା ନୁହେଁ; କିନ୍ତୁ ବହୁ ପରିମାଣରେ ଏହି ଖାଦ୍ୟ ଉତ୍ପାଦନ କରିବା ପାଇଁ କାରଖାନା ସ୍ଥାପନ କରିବା ବିଷୟରେ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି । ଦୈନିକ ୧୦ ଟନ୍ ବହୁପ୍ରୟୋଜନ ଖାଦ୍ୟ ଉତ୍ପାଦନ କରିପାରିବା ଭଳି ଗୋଟିଏ କାରଖାନା ସ୍ଥାପନ କରିବା ପାଇଁ ମାନ୍ଦ୍ରାଜ ସରକାର ସମ୍ମତି କରିଛନ୍ତି । ପ୍ରସ୍ତାବିତ କାରଖାନାରେ ଯେଉଁ ବହୁ-ପ୍ରୟୋଜନ ଖାଦ୍ୟ ଉତ୍ପାଦିତ ହେବ, ମାନ୍ଦ୍ରାଜ ସରକାର ତାହାକୁ ପ୍ରାୟ ୬ ଲକ୍ଷ ସ୍କୁଲ-ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହିତ ଖାଇବାକୁ ଦେବେ ।

## ଅଗଣିତ ଜନତାଙ୍କୁ ଖାଦ୍ୟ ଯୋଗାଇ ଦେବାପାଇଁ ଅନୁଷ୍ଠାନ

ପ୍ରଥମେ ଲସ ଏଞ୍ଜେଲସ୍‌ର ଜଣେ ହୋଟେଲ-ମାଲିକ ମି. କ୍ଲିଫୋର୍ଡ଼ କ୍ଲିନ୍‌ଟନ୍ ବହୁପ୍ରୟୋଜନ ଖାଦ୍ୟ ଉତ୍ପାଦନ କରିବା ବିଷୟରେ ଚିନ୍ତା କରିଥିଲେ । କାଲିଫର୍ଣ୍ଣିଆରେ ଥିବା ଇନଷ୍ଟିଚ୍ୟୁଟ ଅଫ ଟେକନୋଲଜିରେ ଡଃ ହେନେରି ବରଶୁଜ, ସୋୟାବିନ ମଞ୍ଜିରୁ ଏହି ଖାଦ୍ୟ ପ୍ରସ୍ତୁତ କରିଥିଲେ । ତାହାପରେ ମି. କ୍ଲିନ୍‌ଟନ ପୁଷ୍ଟିହୀନତାଜନିତ ରୋଗ ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ଓ ବହୁପ୍ରୟୋଜନ ଖାଦ୍ୟକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ କାଲିଫର୍ଣ୍ଣିଆଠାରେ 'ଆମେରିକାର ଅଗଣିତ ଜନତାଙ୍କ ପାଇଁ ଖାଦ୍ୟ' ନାମରେ ଗୋଟିଏ ଅନୁଷ୍ଠାନ ସ୍ଥାପନ କରିଥିଲେ । ଏହି ଅନୁଷ୍ଠାନର ଉପସ୍ଥାପିକା କୁମାରୀ ଫ୍ଲୋରେନସ୍ ରେଜ ୧୯୫୫ ମସିହା ଜୁନ ମାସରେ ଭାରତ ପରିଦର୍ଶନ କରିଥିଲେ । ତାଙ୍କର ପରିଦର୍ଶନ ଉପଲକ୍ଷେ ନୂଆ ଦିଲ୍ଲୀଠାରେ * 'ମିଲସ୍

* ଏହି ଆସୋସିଏସନର କାର୍ଯ୍ୟାଳୟ ନୂଆ ଦିଲ୍ଲୀଠାରେ ୧୬ ନମ୍ବର ଜନପଥରେ ଅବସ୍ଥିତ

ଫର ମିଲିଅନସ୍ ଆସୋସିଏସନ ଅଫ୍ ଇଣ୍ଡିଆ' ନାମକ ଆସୋସିଏସନ ସ୍ଥାପିତ ହୋଇଥିଲା । ଭାରତର କୃଷି ମନ୍ତ୍ରୀ ଡ଼: ପଞ୍ଜାବରାଓ ଦେଶମୁଖ ଏହାର ସଭାପତି ଓ ଲେଡ଼ି ରମାରାଓ ଓ ଶ୍ରୀମତୀ ମେରୀ କ୍ଲବଓ୍ୱାଲସ୍ ଯାଦବ ଏହାର ଉପସଭାପତି ଅଟନ୍ତି ।

## ପୁଷ୍ଟିସାରଯୁକ୍ତ ବିସ୍କୁଟ୍

୧୯୫୭ ମସିହାରେ ଏହି ଖାଦ୍ୟରୁ ବିସ୍କୁଟ ତିଆରି କରିବା ପାଇଁ ପ୍ରଧାନ ମନ୍ତ୍ରୀ ତାଙ୍କ ସାହାଯ୍ୟ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଦାନ କରିଥିଲେ । ସେହି ଦିନଠାରୁ ଏହି ଖାଦ୍ୟ ଖ୍ୟାତି ଅର୍ଜନ କରିଛି । ମହୀଶୂରଠାରେ ଥିବା ସେଣ୍ଟ୍ରାଲ ଫୁଡ୍ ଟେକନୋଲଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ବିସ୍କୁଟ ତିଆରି କରିବା ପାଇଁ ଗୋଟିଏ ସୂତ୍ର ବାହାର କରିଥିଲେ ଓ ଉତ୍ତର-ପ୍ରଦେଶର ମୋହନନଗରଠାରେ ଥିବା ମେସର୍ସ ମୋହନ ସମ୍ରାଟ କର୍ପୋରେସନ ସାହାଯ୍ୟରେ ବିସ୍କୁଟ ତିଆରି କରିଥିଲେ । ଏହି ବିସ୍କୁଟର ନାମ ନଉଟ୍ରୋ ବିସ୍କୁଟ । ଏହିଭଳି ୧ ଲକ୍ଷ ପାଉଣ୍ଡ ବିସ୍କୁଟ ତିଆରି ହୋଇଥିଲା ଓ ଭାରତୀୟ ରେଡ଼୍ କ୍ରସ ଅନୁଷ୍ଠାନ ସାହାଯ୍ୟରେ ଦେଶର ବିଭିନ୍ନ ବନ୍ୟା ବିପନ୍ନ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ବହୁପ୍ରୟୋଜନ ଖାଦ୍ୟର ଉପାଦାନରେ ସାମାନ୍ୟ ଅଦଳ ବଦଳ କରି ଉପର ବିସ୍କୁଟ ତିଆରି କରାଯାଇ ପାରିବ ସେ ସମ୍ପର୍କୀୟ ତଥ୍ୟ ବିସ୍କୁଟ-ଶିଳ୍ପ-ଅନୁଷ୍ଠାନମାନଙ୍କୁ ବିନା-ମୂଲ୍ୟରେ ଯୋଗାଇ ଦିଆଯାଇଛି । କଲିକତାରେ ଥିବା ବ୍ରିଟାନିଆ ବିସ୍କୁଟ କମ୍ପାନୀ ବର୍ତ୍ତମାନ ବିଶେଷ କରି 'ମିଲ୍ସ ଫର ମିଲିଅନସ ଆସୋସିଏସନ ଅଫ୍ ଇଣ୍ଡିଆ' ପାଇଁ ବିସ୍କୁଟ ତିଆରି କରୁଛନ୍ତି । ଏହି ବିସ୍କୁଟର ଦାମ ଅନ୍ୟାନ୍ୟ ବିସ୍କୁଟର ଦାମଠାରୁ କମ । ସାଧାରଣ ବିସ୍କୁଟରେ ଯେତିକି ପ୍ରୋଟିନ୍ ଥାଏ ଏଥିରେ ତାହାର ୩ ଗୁଣ ଥାଏ । ଜଣେ ବୟସ୍କ ବ୍ୟକ୍ତିପାଇଁ ଦୈନିକ ସର୍ବନିମ୍ନ ପ୍ରାୟ ୬୫ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହେଉଥିବା ସ୍ଥଳେ ଭାରତରେ ଜଣେ ଲୋକ ତାହାର ଦୈନିକ ଖାଦ୍ୟରୁ ୪୫ ଗ୍ରାମ ପର୍ଯ୍ୟନ୍ତ ପ୍ରୋଟିନ୍ ପାଇବା ସମ୍ଭବ ହୁଏ ନାହିଁ । ତେଣୁ ତାଙ୍କ ପକ୍ଷରେ ଏହି ପ୍ରକାର ବିସ୍କୁଟ ଅତ୍ୟନ୍ତ ପ୍ରୟୋଜନୀୟ । ନଉଟ୍ରୋ ବିସ୍କୁଟରେ ଆଉନସ୍ ପ୍ରତି ଶତକଡ଼ା ୧୫ ଭାଗ ପ୍ରୋଟିନ ଥିବା ଛଡ଼ା ନିମ୍ନଲିଖିତ ଅଧିକା ପୁଷ୍ଟିସାର ଥାଏ;

| | | | | |
|---|---|---|---|---|
| ଭିଟାମିନ | ଏ | ... | ୦.୯୭୮ | ମିଲିଗ୍ରାମ୍ |
| ,, | ବି-୧ | ... | ୦.୫୮୩ | ,, |
| ,, | ବି-୨ | ... | ୦.୫୮୩ | ,, |
| ,, | ସି | ... | ୦.୦୪୭ | ,, |
| ନିକୋଟିନିକ୍ ଏସିଡ଼ | | ... | ୫.୧୬୩ | ,, |
| କ୍ୟାଲସିଅମ | | ... | ୧୬୩.୮୦୦ | ,, |

ଅଳ୍ପଦିନ ତଳେ ଭାରତ ସରକାରଙ୍କ ଖାଦ୍ୟ ଓ କୃଷି ମନ୍ତ୍ରାଳୟ, ମିଲ୍ସ୍ ଫର ମିଲିଅନସ୍ ଏସୋସିଏସନ ଅଫ୍ ଇଣ୍ଡିଆକୁ ୧ ଲକ୍ଷ ଟଙ୍କା ଗ୍ରାଣ୍ଟ ଦେଇଛନ୍ତି । ବିଭିନ୍ନ ଅନୁଷ୍ଠାନ ଓ ଅନାଥାଶ୍ରମରେ ଥିବା ସ୍ୱାସ୍ଥ୍ୟହୀନ ଶିଶୁମାନଙ୍କୁ ବଣ୍ଟନ କରିବାପାଇଁ ଓ ବହୁପ୍ରୟୋଜନ ଖାଦ୍ୟ ଓ ନଉଟ୍ରୋ ବିସ୍କୁଟକୁ ଲୋକପ୍ରିୟ କରିବା ଦିଗରେ ଏହି ଗ୍ରାଣ୍ଟ ଖର୍ଚ୍ଚ ହେଉଛି ।

" ଅଗଣିତ ଜନତା " ଅନୁଷ୍ଠାନର ଶାଖାମାନ ଇରାକ, ବର୍ମା, ସିଲୋନ, ଜାପାନ ଓ ଫିଲିପାଇନସ୍‌ରେ ଗଠିତ ହୋଇଛି । ପୁଷ୍ଟିକର ଖାଦ୍ୟ ପାଉ ନ ଥିବା ଲୋକଙ୍କୁ, ବିଭିନ୍ନ ପ୍ରକାର ବହୁପ୍ରୟୋଜନ ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରି ଏହି ଅନୁଷ୍ଠାନମାନେ ଅସ୍ୱାସ୍ଥ୍ୟ ବିରୁଦ୍ଧରେ ଲଢ଼େଇ କରୁଛନ୍ତି । 'ଇରାକ୍‌ରେ ଦଳକା ଖଜୁରୀ ତୋଳରେ ଗୋଟିଏ ସମ୍ପୂର୍ଣ୍ଣ ଖାଦ୍ୟ ତିଆରି କରାଯାଉଛି । ଭାରତରେ ବର୍ଷକୁ ପ୍ରାୟ ୫୦ ଲକ୍ଷ ଟନ୍ ଚିନାବାଦାମ ଉତ୍ପନ୍ନ ମିଳେ । ଏହା ପ୍ରଧାନତଃ ଗୋ-ଖାଦ୍ୟ ଓ ସାରରୂପେ ବ୍ୟବହୃତ ହେଉଛି । ବର୍ତ୍ତମାନ ଭାରତରେ ପ୍ରାୟ ୧୫ କୋଟି

ନେଇ ଯଥେଷ୍ଟ ପରିମାଣରେ ପୁଷ୍ଟିକର ଖାଦ୍ୟ ଖାଇବାକୁ ପାଉ ନାହାନ୍ତି । ବାଦାମ୍ ଭଳିରେ ବହୁ-ପ୍ରୟୋଜନ ଖାଦ୍ୟ ତିଆରି ହେବାଦ୍ୱାରା ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଇ ହେବ ।

## ବହୁପ୍ରୟୋଜନ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ

### ଭାତ

ଉପାଦାନ :—ଚାଉଳ ( ଅରୁଆ, ମିଲ୍‌କୁଟା ) ୪ ଆଉନସ୍ ବ. ପ୍ର. ଖା. ( ପାଗ ହୋଇଥିବା ) ଅଧ ଆଉନସ୍, ବନସ୍ପତି ବଡ଼ ଚାମଚରେ ୧ ଚାମଚ, ଲୁଣ ୨ ଚାମଚ, ଘିଅ ୨ ଚାମଚ, ହଳଦିଗୁଣ୍ଡ ଅଧ ଚାମଚ, ଶାଗ ଅଳ୍ପ, ବାଇଗଣ (ଛୋଟ ଛୋଟ ଖଣ୍ଡ) ୪, ଅଦା ଅଳ୍ପ, ଧନିଆପତ୍ର ଅଳ୍ପ କେତୋଟି, ତେନ୍ତୁଳି ଅଧ ଆଉନସ୍, କାଜୁବାଦାମ ୧୦ଟା, ସୋଡ଼ିଅ ଚା ଚାମଚରେ ଅଧ ଚାମଚ ।

ରନ୍ଧନ ପ୍ରଣାଳୀ :—ଭାତ ଯେପରି ରନ୍ଧା ଯାଏ, ସେପରି ରାନ୍ଧ । ବାଇଗଣକୁ ଭଜା କରିଦିଅ । ସୋଡ଼ିଅ ଓ ଅନ୍ୟାନ୍ୟ ମସଲା ଭାଜିଦିଅ, ସେଥିରେ ବାଇଗଣ ପକାଅ, ତାହା ସହିତ ସାମାନ୍ୟ ତେନ୍ତୁଳିରସ ପକାଅ ଓ ତାହାପରେ ସେ ସବୁକୁ ରାନ୍ଧ; ଯେପରି ଘନ ହୋଇ-ଯିବ । ଚାଉଳ, ଭଜା ଚିନାବାଦାମ୍, ଲୁଣ ଓ ବ. ପ୍ର. ଖା.କୁ ଏକାଠି କର ଓ ବ. ପ୍ର. ଖା. ସିଝିଲା ପର୍ଯ୍ୟନ୍ତ ପ୍ରାୟ ୧୦ ମିନିଟ୍‌ପାଏଁ ଅଳ୍ପ ଜାଳ ଦେଇ ସେ ସବୁକୁ ଘାଣ୍ଟିଦିଅ ।

### ଦୋଶାଇ

ଚାଉଳ ( ଉସୁନା, ମିଲ୍‌କୁଟା) ୮ ଆଉନ୍‌ସ, ବହୁ ପ୍ରୟୋଜନ ଖାଦ୍ୟ (ପାଗ ହୋଇଥିବା ୧ ଆଉନସ), ମୁଗଡ଼ାଲି ୪ ଆଉନ୍‌ସ, ଲୁଣ ୩ ଚାମଚ, ଭାଜିବା ସକାଶେ ବନସ୍ପତି ବା ତେଲ ।

ରନ୍ଧନ ପ୍ରଣାଳୀ :—ଚାଉଳ ଓ ଡାଲିକୁ ୩ ଘଣ୍ଟା-ଠାରୁ ୫ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅ ଓ ସେଗୁଡ଼ିକୁ ଅଲଗା ଅଲଗା ଭଲ ଭାବରେ ଚୂନି ଦିଅ । ଏହି ଚୂନା ସହିତ ବହୁପ୍ରୟୋଜନ ଖାଦ୍ୟ ଓ ଲୁଣ ଗୋଳାଇ ଦିଅ । ଭଲ ଭାବରେ ଫେଣେଇ ଦିଅ ଯେପରି ଫେଣ ଉପରକୁ ଉଠିବ । ଫେଣା ହୋଇଥିବା ପିଠଉକୁ ଗୋଟିଏ ରାତି ରଖି ଦିଅ । ତାହାପରେ ଗୋଟିଏ ତେଲ ମସୃ ହୋଇଥିବା ଗରମ ଦୋଶାଇ ଥାଳିଆରେ ଗୋଲା ତିଆରି କରି ରଖ । ସେଥିରେ ବନସ୍ପତି ବା ତେଲ ପକାଇ ଭଜ ।

### ଚପାତି

ଉପାଦାନ :— ମଇଦା ୪ ଆଉନ୍‌ସ, ବହୁ ପ୍ରୟୋଜନ ଖାଦ୍ୟ । ଚୂନା ( ପାଗ ହୋଇ ନ ଥିବା ) ଅଧ ଆଉନ୍‌ସ, ଲୁଣ ଅଧ ଚାମଚ, ପାଣି ପ୍ରାୟ ଅଧ କପ୍ ।

ରନ୍ଧନ ପ୍ରଣାଳୀ :— ଅଳ୍ପେ ଅଳ୍ପେ ଅଳ୍ପ ପାଣି ଦେଇ ଏହି ଉପାଦାନଗୁଡ଼ିକୁ ଏକାଠି ମିଶାଇ ଚକଟି ଗୋଟିଏ ପିଣ୍ଡୁଳା ତିଆରି କର । ଏହାକୁ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ରଖିଦିଅ । ଏହି ପିଣ୍ଡୁଳାକୁ ଭଲ-ଭାବରେ ଚକଟାଚକଟି କରି ତାହାକୁ ଗୋଟିଏ ଗୋଟିଏ ଗୋଲା ତିଆରି କର । ତାହାପରେ ସେଥିରେ ଚପାତି ତିଆରି କର । ଏହି ଚପାତିକୁ କଡ଼େଇରେ ପକାଇ ସେକିଥାଇ ଦିଅ । ଏହା ଫୁଲିଯିବା ମାତ୍ରେ ଏହାକୁ ଓହ୍ଲାଇ ଆଣ । ତାହାପରେ ସେଥିରେ କିଛି ଘିଅମାରି ରଖିଦିଅ ।

### ସମୋସା

ଉପାଦାନ :—(କ) ପୁର :—ବହୁପ୍ରୟୋଜନ ଖାଦ୍ୟ (ପାଗ ହୋଇଥିବା) ଅଧ ଆଉନ୍‌ସ, ଆଳୁ ୪ ଆଉନ୍‌ସ, କଞ୍ଚା ପିଆଜ ୨ ଆଉନ୍‌ସ, ଲୁଣ ୩ ଚାମଚ, ସାମାନ୍ୟ ଅଦା, ଅଳ୍ପ କିଛି ଶାଗ, କଞ୍ଚା ଲଙ୍କା ୪ଟା, ବନସ୍ପତି ୪ ଚାମଚ ।

(ଖ) ଖୋଳ :—ମଇଦା ୮ ଆଉନ୍‌ସ, ଲୁଣ ଅଧଚାମଚ, ବନସ୍ପତି ୧ ଚାମଚ, ମଇଦା ଚକଟିବା ସକାଶେ ପାଣି ।

(ଗ) ଭାଜିବା :—ପ୍ରାୟ ଦେଢ଼ ଗିନା ବନସ୍ପତି ।

ପ୍ରଣାଳୀ :—(କ) ପୁର :—କଟା ହୋଇଥିବା ଛତୁବା ଓ ମସଲାକୁ ଭଜ ଓ ବହୁପ୍ରୟୋଜନ ଖାଦ୍ୟ ଗୋଳେଇ ଦିଅ । ଭଲଭାବରେ ଫେଣ୍ଟି ଦିଅ, ଟିକିଏ ପାଣି ଦେଇ ଘାଣ୍ଟ ଓ କଡ଼େଇ ଘୋଡ଼େଇ ଦିଅ । ଅଳ୍ପ ଜାଳ ଦେଇ ପ୍ରାୟ ୫ ମିନଟ ପର୍ଯ୍ୟନ୍ତ ସିଝାଅ ।

(ଖ) ଖୋଳ :—ଲୁଣ ଓ ମଇଦାକୁ ମିଶାଇ ଦିଅ । ତା'ପରେ ବନସ୍ପତିକୁ ଗୋଳ ଦିଅ । ଅଳ୍ପ ଟିକିଏ ପାଣି ଦେଇ ଚକଟି ଗୋଟିଏ ଟାଣୁଆ ପିଣ୍ଡୁଳା ତିଆରି କର । ଛୋଟ ଛୋଟ ବାଟୁଳା ବଳ ଦିଅ । ସେଗୁଡ଼ିକୁ ଅଧାରୁ କାଟି ୨୨ ଖଣ୍ଡ କରିଦିଅ । ତାକୁ ଗୋଟିଏ ଖୋଳ ରୂପ କରିଦିଅ । ଏହି ଖୋଳ ଭିତରେ ପୁର ଭର୍ତ୍ତି କରି ବନ୍ଦ କର ଓ ତ୍ରିକୋଣ କରି ଗୋଲ୍ କରି ଦିଅ ।

(ଗ) ତାକୁ ବନସ୍ପତିରେ ଛାଣି ଦିଅ ।

## ଆଳୁବରା

ଉପାଦାନ :—(କ)ଆଳୁ ୧୦ ଆଉନ୍ସ, କଟା ପିଆଜ ୧ ଆଉନ୍ସ, ବହୁପ୍ରୟୋଜନ ଖାଦ୍ୟ ( ପାଗ ହୋଇଥିବା ) ଅଧ ଆଉନ୍ସ, କଞ୍ଚା ଲଙ୍କା ୪ଟା, ସାମାନ୍ୟ ଅଦା, ସୋରିଷ ଅଧ ଚାମଚ, ଲୁଣ ଅଧ ଚାମଚ, ବନସ୍ପତି ୧ ଚାମଚ ।

(ଖ) ଫେଣାଇବା ପାଇଁ :— ବେସନ ଦେଢ଼ ଆଉନ୍ସ, ଚାଉଳ ଚୂନା ଦେଢ଼ ଆଉନ୍ସ ।

(ଗ) ଭଜିବା ପାଇଁ :— ବନସ୍ପତି ବା ତେଲ ପ୍ରାୟ ଦେଢ଼ ଗିନା ।

ରନ୍ଧନ ପ୍ରଣାଳୀ :—ବହୁପ୍ରୟୋଜନ ଖାଦ୍ୟ ସହିତ କିଛି ପାଣି ମିଶାଇ ତାକୁ ଟିକିଏ ଶକ୍ତ ଲେହି-ଭଳି କରିଦିଅ । ଆଳୁଗୁଡ଼ିକ ସିଝାଅ । ତାର ଚୋପା ଛଡ଼ାଇ ଦିଅ । ସେଗୁଡ଼ିକୁ ମୋଟା ମୋଟା ଖଣ୍ଡ କରି କାଟିଦିଅ । ଏହି ଖଣ୍ଡଗୁଡ଼ିକରେ ଲୁଣ ଓ ବହୁ-ପ୍ରୟୋଜନ ଖାଦ୍ୟ ଗୋଳାଇ ଦିଅ । ସୋରିଷ ବଟା, ପିଆଜ, ଅଦା ଓ କଞ୍ଚାଲଙ୍କାକୁ ଗରମ ବନସ୍ପତିରେ ଭଜ ପାଗ କରିଦିଅ । ସେଗୁଡ଼ିକୁ ଗୋଲ୍ ଗୋଲ୍ ବାଟୁଳା ପରି କରିଦିଅ ।

ଚାଉଳ ଓ ଚୂନା ବେସନକୁ ଏକାଠି ଗୋଳାଇ ସେଥିରେ ପ୍ରାୟ ଗ'ଣ୍ଡେ ଗିନା ପାଣି ଦେଇ ପିଠୋଉ ତିଆରି କର । ଏହି ପିଠୋଉରେ ଆଳୁଗୁଡ଼ିକୁ ବୁଡ଼ାଇ ଦିଅ । ଏହାକୁ ବନସ୍ପତି ବା ତେଲ୍‌ରେ ଭଜ ।

## ପୁରଣ ପଲ୍ଲି

ଉପାଦାନ :—ଚଲା ହୋଇଥିବା ମଇଦା ୩ ଆଉନ୍ସ, ବହୁପ୍ରୟୋଜନ ଖାଦ୍ୟ (ପାଗ ହୋଇ ନ ଥିବା) ଅଧ ଆଉନ୍ସ, ଚିନି ୫½ ଆଉନ୍ସ, ବନସ୍ପତି ୨½ ଚାମଚ, ଗୁଜୁରାଟି ୪ଟା ।

ପ୍ରଣାଳୀ :—ମଇଦାରେ ପାଣି ଦେଇ ଚକଟ । ଅଳ୍ପ କିଛି ମଇଦାଗୁଣ୍ଡ ଅଲଗା ରଖ, କାରଣ ପୁର ତିଆରି କଲାବେଳେ ତା'ଉପରେ ମଇଦା-ଚୂନା ପକାଇବାକୁ ହେବ । ବହୁପ୍ରୟୋଜନ ଖାଦ୍ୟକୁ ପ୍ରାୟ ୧ ଗିନା ପାଣିରେ ଅଳ୍ପ ଜାଳଦେଇ ୫ ମିନଟ ପର୍ଯ୍ୟନ୍ତ ସିଝାଅ । ସେଥିରେ ଚିନି ପକାଇ ଫେଣିଦେଇ ଲେହି ତିଆରି କର । ତା'ଉପରେ ଗୁଜୁରାଟିଗୁଣ୍ଡ ପକାଇ ତାକୁ ମେଞ୍ଚା ମେଞ୍ଚା କରି ରଖ । ପିଣ୍ଡୁଳାଟିକୁ ଭାଗି ଛୋଟ ଛୋଟ କରିଦିଅ ଓ ସେହି ଛୋଟ ଖଣ୍ଡଗୁଡ଼ିକୁ ଗୋଲ୍ ଗୋଲ୍ ବେଲିଦିଅ । ତାହା ମଝିରେ ଟିକିଏ ବହୁ-ପ୍ରୟୋଜନ ଖାଦ୍ୟ ଦେଇଦିଅ । ତାକୁ ବନ୍ଦ କରିଦିଅ । ତା'ପରେ ଟିକିଏ ଚେପ୍ଟା କରିଦିଅ । ତା'ଉପରେ ମଇଦାଚୂନା ଦେଇ ପୁରି ତିଆରି କର । କଡ଼େଇରେ ଟିକିଏ ତେଲ ଘସି ବନସ୍ପତି ଦେଇ ପୁରି ଭଜ । ଏହିପରି ସବୁଯାକ ପୁରି ଭଜିଦିଅ ।

## ହାଲୁଆ

ଉପାଦାନ :—ବହୁ ପ୍ରୟୋଜନ ଖାଦ୍ୟ ( ପାଗ ହୋଇ ନ ଥିବା ) ½ ଗିନା, ବାଦାମ ୮ଟା, କିସ୍‌ମିସ୍ ୧୨ଟା, ଜାଫ୍ରାନ କେଶର ½ ଚାମଚ, ୬ଟା ଗୁଜରାଟିର ଗୁଣ୍ଡ, ପାଣି ଦେଢ଼ ଗିନା, ଚିନି ୨ ଗିନା, ଚିମୁଟାଏ ଲୁଣ, ବନସ୍ପତି ଅଧ ଗିନା ।

ରନ୍ଧନପ୍ରଣାଳୀ :—ବହୁପ୍ରୟୋଜନ ଖାଦ୍ୟକୁ ପାଣିରେ ଭିଜାଇ ଗୋଳାଇ ଲେହି ଭଳି କରି ଦିଅ । ବାଦାମ ଚୋପା ଛଡ଼ାଇ ତାକୁ ଖଣ୍ଡ ଖଣ୍ଡ କରି ଦିଅ । କିସମିସକୁ ଧୁଅ । ଜାଫ୍ରାନ କେଶରକୁ ଚୂନା କରି ଦିଅ ଓ ବଡ଼ ଚାମଚରେ ଏକ ଚାମଚ ପାଣିରେ ଭିଜାଅ । ବହୁପ୍ରୟୋଜନ ଖାଦ୍ୟ ଲେହିରେ ଚିନି, ଶୁଖିଲା ଫଳ ଓ ବନସ୍ପତି ପକାଅ । ଚୁଲିର ଅଳ୍ପ ଜାଳ ଦାଲୁଆକୁ ଭଲ ଭାବରେ ଘାଣ୍ଟ, ଯେପରିକି ବନସ୍ପତି ଅଲଗା ହୋଇଯିବ । ତାପରେ ଗୁଜୁରାତି ଚୂନା ଓ ଜାଫ୍ରାନ କେଶର ପକାଇ ଭଲଭାବରେ ଫେଣ୍ଟି ଦିଅ ।

## ଲଡ୍ଡୁ

ଉପାଦାନ :—ବହୁପ୍ରୟୋଜନ ଖାଦ୍ୟ ( ପାଗ ହୋଇ ନ ଥିବା ) ½ ଆଉନ୍ସ, ସରୁଦାନା ଚିନି ୮ ଆଉନ୍ସ, ଘିଅ ବା ବନସ୍ପତି ବଡ଼ ଚାମଚରେ ୨ ଚାମଚ, ଲବଙ୍ଗ ୬ଟା, କାଜୁବାଦାମ (କଟା) ୫ଟା, କିସ୍‌ମିସ୍ ୮ଟା, ଗୁଜୁରାତି ୬ଟା ।

ପ୍ରଣାଳୀ :—କାଜୁବାଦାମ ଓ ଲବଙ୍ଗକୁ ସାମାନ୍ୟ ଘିଅ ବା ବନସ୍ପତିରେ ଅଲଗା ଅଲଗା ଭଜ । ଅବଶିଷ୍ଟ ଘିଅ ବା ବନସ୍ପତିରେ ବହୁପ୍ରୟୋଜନ ଖାଦ୍ୟକୁ ସିଝାଅ । ଗୁଜୁରାତି ଓ ଲବଙ୍ଗକୁ ଚୂର୍ଣ୍ଣଦିଅ । ସବୁଯାକ ଉପାଦାନକୁ ଭଲ ଭାବରେ ଏକାଠି କରିଦିଅ ଓ ଗୋଟିଏ ଗୋଟିଏ ବାଟୁଳି କର ।

## ପାୟସ ବା ଖିରି

ଉପାଦାନ :—ବହୁ ପ୍ରୟୋଜନ ଖାଦ୍ୟ ( ପାଗ ହୋଇ ଥିବା ) ½ ଆଉନ୍ସ, ଖିରି ୧ ପାଆ, ପାଣି ୪ ଗିନା, ଅଳ୍ପ ଜାଫ୍ରାନ କେଶର, ଚିନି ୧୧ ଆଉନ୍ସ, ଗୁଜୁରାତି ୮ଟା, କଟା କାଜୁବାଦାମ ½ ଆଉନ୍ସ, କିସମିସ୍ ½ ଆଉନ୍ସ, ଲବଙ୍ଗ ୮ଟା, କାଜୁବାଦାମ ଲବଙ୍ଗ ଓ କିସମିସ ଭଜିବା ପାଇଁ ସାମାନ୍ୟ ଘିଅ ।

ରନ୍ଧନପ୍ରଣାଳୀ :—ଫୁଟୁଥିବା ପାଣିରେ ବହୁ-ପ୍ରୟୋଜନ ଖାଦ୍ୟ ପକାଇ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ସିଝାଅ । ସେଥିରେ ଚିନି ମିଶାଅ ଓ ଚିନି ମିଳିଯିବା ପର୍ଯ୍ୟନ୍ତ ପାଣିକୁ ଘାଣ୍ଟ । ଏହା ପରେ ଖିରି ଦେଇ ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ସିଝାଅ । କାଜୁବାଦାମ, କିସମିସ୍ ଓ ଲବଙ୍ଗକୁ ସାମାନ୍ୟ ଘିଅରେ ଭଜ । ଲବଙ୍ଗ ଓ ଗୁଜୁରାତି ଗୁଣ୍ଡ କରି ଦିଅ । ମସଲା ଓ କାଜୁବାଦାମ ପକାଇ ଗରମ ଗରମ ଖାଇବାକୁ ଦିଅ ।

ମସଲା ଦିଆ ହୋଇଥିବା ବା ମସଲା ଦିଆ ନ ହୋଇଥିବ, ସବୁପ୍ରକାର ବହୁପ୍ରୟୋଜନ ଖାଦ୍ୟ ନିମ୍ନଲିଖିତ ଠିକଣାରେ ମିଳିବ ।

**ଡାଇରେକ୍ଟର, ଦ ସେଣ୍ଟ୍ରାଲ ଫୁଡ୍ ଟେକ୍‌ନୋଲଜିକାଲ ରିସର୍ଚ୍ଚ ଇନଷ୍ଟିଚିଉଟ୍, ଭି. ଭି. ମହଲ୍, ପୋ: ଅ: ମହୀଶୂର-୨**

ଷ୍ଟାମ୍ପ ଓ ରେଳ ମାଶୁଲ ସହିତ ମୂଲ୍ୟ ୭୫ ନୂଆ ପଇସା । ବ୍ୟକ୍ତିକ, ସମାଜମଙ୍ଗଳ ଅନୁଷ୍ଠାନ ପ୍ରଭୃତି ଯେଉଁମାନେ **୨୦ ପାଉଣ୍ଡ ବା ତହିଁରୁ ଅଧିକ ମଗାଇବେ, ସେମାନଙ୍କୁ ପାଉଣ୍ଡ ୭୨ ନୂଆ ପଇସା ହିସାବରେ ମିଳିବ ।**

୫୦୦ ପାଉଣ୍ଡ ବା ତହିଁରୁ ଅଧିକ ମଗାଇଲେ ମାଶୁଲ ଛଡ଼ା ପାଉଣ୍ଡ ପ୍ରତି ମୂଲ୍ୟ ୫୦ ନୂଆ ପଇସା ପଡ଼ିବ । ୧୦ ପାଉଣ୍ଡ ଓ ୩୩½ ପାଉଣ୍ଡ ଟିଣରେ ବହୁପ୍ରୟୋଜନ ଖାଦ୍ୟ ପ୍ରେରିତ ହେବ । ଏଥି ସହିତ ରନ୍ଧନପ୍ରଣାଳୀ ସମ୍ପର୍କୀୟ ନିର୍ଦ୍ଦେଶାବଳୀ ମଧ୍ୟ ପଠାଇ ଦିଆଯିବ ।

# ଓଡ଼ିଶୀ ନୃତ୍ୟ

## ଚାର୍ଲସ ଫାବ୍ରି

ଓଡ଼ିଶାର ବିଖ୍ୟାତ ମନ୍ଦିର-ଗାତ୍ରରେ ପ୍ରାଚୀନ ସାହିତ୍ୟରେ ବର୍ଣ୍ଣିତ ସମସ୍ତ ଭଙ୍ଗୀରେ ହଜାର ହଜାର ନୃତ୍ୟରତା ବାଳିକାମାନଙ୍କର ମୂର୍ତ୍ତି ବେଳେ ବେଳେ ଅନୋଖି ମେଦେସ୍ୱିକରେ ପରିଶୋଭିତ ହୋଇଥାଏ। ଭୁବନେଶ୍ୱର ମନ୍ଦିର, ପୁରୀ ମନ୍ଦିର ଓ କୋଣାର୍କର ସୂର୍ଯ୍ୟ-ମନ୍ଦିରରେ ଶତ ଶତ ସଂଖ୍ୟାରେ କାରୁକାର୍ଯ୍ୟ-ଶୋଭିତ ଉତ୍କୀର୍ଣ୍ଣ ମୂର୍ତ୍ତି ରହିଛି। ପ୍ରାଚୀନ ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ବର୍ଣ୍ଣିତ ହୋଇଥିବା ପ୍ରତ୍ୟେକ ଭଙ୍ଗୀବିଶିଷ୍ଟ କମନୀୟ ନାରୀମୂର୍ତ୍ତି ସବୁ ମନ୍ଦିର ଗାତ୍ରରେ ସଜ୍ଜିତ ହୋଇଛି। ତାହାଛଡ଼ା ପୁରୀଠାରେ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ମନ୍ଦିରରେ ପ୍ରକୃତ ଦେବଦାସୀ ନୃତ୍ୟ (ମାହାରୀ ନାଚ) ଏ ପର୍ଯ୍ୟନ୍ତ ପ୍ରଚଳିତ ଅଛି। ପୁରୀରେ ସତଅଠିଟି ମାହାରୀ ନର୍ତ୍ତକୀ ପର୍ବବାର ପ୍ରତି ରାତିରେ ମହାପ୍ରଭୁଙ୍କ ବିଗ୍ରହ ସମ୍ମୁଖରେ ଏବେ ମଧ୍ୟ ନୃତ୍ୟ କରନ୍ତି।

ପୃଥିବୀରେ ପ୍ରାଚୀନ କାଳର ପରବର୍ତ୍ତୀ ଯେଉଁ ସବୁ ନୃତ୍ୟ ଏ ପର୍ଯ୍ୟନ୍ତ ପ୍ରଚଳିତ ଅଛି; ଓଡ଼ିଶୀ ସେଥି-ମଧ୍ୟରେ ଅନ୍ୟତମ। ଭରତ ନାଟ୍ୟ ସହିତ ଏହାର ବିଶେଷ ସୌସାଦୃଶ୍ୟ ରହିଛି। ଓଡ଼ିଶୀ ନୃତ୍ୟ ଏହି ନାଟ୍ୟର ଗୋଟିଏ ପ୍ରାଚୀନତର ଓ ଶ୍ରେଷ୍ଠତର ଅଙ୍ଗ ଅଟେ। ଦକ୍ଷିଣ-ଭାରତୀୟ ମନ୍ଦିରମାନଙ୍କରେ ଯେଉଁ ସବୁ ବଡ଼ ବଡ଼ ପଣ୍ଡିତ ରହିଛନ୍ତି, ସେମାନେ ଭରତନାଟ୍ୟକୁ ଶୃଙ୍ଖଳାବଦ୍ଧ ତଥା ନିୟମବଦ୍ଧ କରି ଦେଇଛନ୍ତି; ଏପରି କି ଜଟିଳ କରି ଦେଇଛନ୍ତି ବୋଲି ଆମେ ଜାଣିପାରୁଛୁ। ଏହି ପଣ୍ଡିତମାନେ ଉକ୍ତ ନୃତ୍ୟକୁ ଏପରି ଭାବରେ ସଙ୍ଗଠିତ କରି ଦେଇଛନ୍ତି ଯେ ବର୍ତ୍ତମାନ ଦକ୍ଷିଣରେ ଅଙ୍ଗୁଳି, ମସ୍ତକ, ଚକ୍ଷୁ ବା ପାଦର ପ୍ରତ୍ୟେକ ସୂକ୍ଷ୍ମ ଚାଳନା ମଧ୍ୟ ଅଭ୍ରାନ୍ତ ଭାବରେ ନିର୍ଦ୍ଧାରିତ ହୋଇଛି।

ଏହି ଏକମାତ୍ର ସ୍ଥଳରୁ ଉତ୍ପତ୍ତି ଲାଭ କରି ଓ ଖ୍ରୀଷ୍ଟପର ଦ୍ୱିତୀୟ ଶତାବ୍ଦୀରେ ଲିଖିତ ହୋଇଥିବା ଭରତର ନିଜ ପାଠ୍ୟପୁସ୍ତକରେ ବର୍ଣ୍ଣିତ ହୋଇ ଓଡ଼ିଶୀ ନୃତ୍ୟ ଅପେକ୍ଷାକୃତ ଅଳ୍ପ ପ୍ରଭାବିତ ହୋଇଛି। ଶୁଦ୍ଧ ନୃତ୍ୟର ଲୟ ପ୍ରାଧାନ୍ୟ ଲାଭ କରିଛି। ଅଙ୍ଗୁଳିର ବ୍ୟବହାର ଓ ଭାଷାର ଶ୍ଳେଷଦ୍ୱାରା ନୃତ୍ୟର ଭଙ୍ଗୀ ବୁଝାଇବା ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଏ ନାହିଁ। ଓଡ଼ିଶୀ ନୃତ୍ୟର ଅସଲ ଉଦ୍ଦେଶ୍ୟ ହେଉଛି ତାହାର କମନୀୟତା। ଏଥିରେ ବିଶେଷ ଚାତୁର୍ଯ୍ୟ ଓ ବୁଦ୍ଧିମତ୍ତାର ସ୍ଥାନ ନ ଥାଏ। ତାହାହେଲେ ମଧ୍ୟ ଏହି ନୃତ୍ୟଦ୍ୱାରା ପ୍ରତ୍ୟେକ ଭାବକୁ ଜୀବନ୍ତ ଓ ଗଭୀର ଭାବରେ ପରିସ୍ଫୁଟ କରାଯାଇ ପାରୁଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବୈଷ୍ଣବ-ଭାବର ଅଭିବ୍ୟକ୍ତି। ଏହି ନୃତ୍ୟ କୃଷ୍ଣ-ଚରିତ ଉପରେ ପ୍ରଧାନତଃ ଜୋର ଦେଇଥାଏ ଓ ଏହା ଅଙ୍ଗଭଙ୍ଗୀରେ ଚାରୁତା, ଆଙ୍ଗିକ ସୌନ୍ଦର୍ଯ୍ୟ, ନାନା ମନୋମୁଗ୍ଧକର ମୂର୍ତ୍ତି ଛନ୍ଦଦ୍ୱାରା କୃଷ୍ଣଙ୍କର ପ୍ରେମ-କାହାଣୀ ଅଭିବ୍ୟକ୍ତ କରିଥାଏ। ମୁଁ ଯେତେଦୂର ଜାଣେ, ପୃଥିବୀର କୌଣସି ନୃତ୍ୟ ଓ ଓଡ଼ିଶୀ ନୃତ୍ୟ ସହିତ ତୁଳନୀୟ ହୋଇ ପାରିବ ନାହିଁ। ନର୍ତ୍ତକର ନୃତ୍ୟକଳା ସହିତ ଓଡ଼ିଶୀ ନୃତ୍ୟର ସମ୍ମିଶ୍ରଣ ଘଟିବାଦ୍ୱାରା ତାହା ଗୋଟିଏ ବିଶ୍ୱବିଖ୍ୟାତ ଘଟଣାରେ ପରିଣତ ହୋଇଛି।





ଓଡ଼ିଶୀ ନୃତ୍ୟର ଦୁଇଟି ମହଲାମୁଦ୍ରାଧରର ଭଙ୍ଗୀ



ଆମେରିକା ବାଣିଜ୍ୟ ପ୍ରତିନିଧିଦଳ ଓଡ଼ିଶାର ସାମ୍ବାଦିକମାନଙ୍କ  ସହିତ ଆଲୋଚନା କରୁଛନ୍ତି

# ସମସ୍ତଙ୍କ ଜାଣିବାପାଇଁ

## କ୍ଷୁଦ୍ର ଶିଳ୍ପମାନଙ୍କ ପାଇ ପଥ-ପ୍ରଦର୍ଶକ ଯୋଜନା

### ଲକ୍ଷ୍ୟ

ଓଡ଼ିଶା ଶିଳ୍ପ ଦିଗରେ ଅନୁନ୍ନତ । କଞ୍ଚାମାଲ, ମୂଳଧନ ବା ଜନଶକ୍ତିର ଅଭାବ ରହିଛି ବୋଲି ଯେ ଶିଳ୍ପ ପ୍ରସାର ଦିଗରେ ସେ ଏପରି ଅନୁନ୍ନତ, ତାହା ନୁହେଁ । ଶିଳ୍ପର ଉନ୍ନତି ଦିଗରେ ଉଦ୍ୟମର ଅଭାବ ରହିଥିବା ଯୋଗୁଁ ଏପରି ହୋଇଛି । ଆମ ରାଜ୍ୟରେ ଶିଳ୍ପର ଉନ୍ନତି ନିମନ୍ତେ ବର୍ତ୍ତମାନ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ସୁବିଧା ଯୋଗାଇ ଦିଆଯାଉଛି । ଜନସାଧାରଣ ଯେପରି ଏହି ସୁବିଧାର ଉପଯୋଗ କରିପାରିବେ, ସେଥିପାଇଁ ଓଡ଼ିଶା ସରକାର ପଥ-ପ୍ରଦର୍ଶକ ଯୋଜନା ନାମରେ ଗୋଟିଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନା ଅନୁସାରେ ଉଦ୍ୟୋଗକାରୀମାନଙ୍କୁ ରାଜ୍ୟର କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନମାନ ସ୍ଥାପନ କରିବା ପାଇଁ କାରିଗରୀ ଓ ଆର୍ଥିକ କ୍ଷେତ୍ରରେ ଉପଯୁକ୍ତ ସାହାଯ୍ୟ ଦିଆଯାଉଛି । ରାଜ୍ୟ ମଧ୍ୟରୁ ଓ ଦରକାର ହେଲେ ବାହାରୁ ମିଳିପାରୁଥିବା କଞ୍ଚାମାଲ ଓ କାରିଗରଙ୍କୁ ଯେଉଁ ଶିଳ୍ପ ପ୍ରତିଷ୍ଠାନମାନେ ଲାଭଜନକ ଭାବରେ ଉପଯୋଗ କରିପାରିବେ ଓ ରାଜ୍ୟରେ ଓ ରାଜ୍ୟ ବାହାରେ ଯେଉଁସବୁ ବ୍ୟବହାର୍ଯ୍ୟ ସାମଗ୍ରୀର ବିଶେଷ ଚାହିଦା ରହିଛି ସେ ସବୁ ଉତ୍ପାଦନ କରିପାରିବେ, ଯୋଜନା ଅନୁସାରେ ସେମାନଙ୍କୁ ସାହାଯ୍ୟ ଦିଆଯାଉଛି ।

### ତାଲିମ

ଏହି ତାଲିମ-ଯୋଜନା ଅନୁସାରେ ପ୍ରତ୍ୟକ୍ଷ ଭାବରେ କାରିଗରୀ ଜ୍ଞାନ ଅର୍ଜନ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଉଦ୍ୟୋଗକାରୀମାନଙ୍କୁ ରାଜ୍ୟ ମଧ୍ୟରେ ଓ ବାହାରେ ଥିବା ବଡ଼ବଡ଼ ଶିଳ୍ପାନୁଷ୍ଠାନକୁ ପଠାଯାଉଛି । ଏହି ତାଲିମ-ଯୋଜନାରେ ଯାହା ଖର୍ଚ୍ଚ ହେଉଛି ରାଜ୍ୟ ସରକାର ତାହା ବହନ କରୁଛନ୍ତି । ଜଣେ ଶିକ୍ଷାର୍ଥୀ ଶିକ୍ଷା ପାଉଥିବା ବେଳେ ଅନଧିକ ୬ ମାସ ପାଇଁ ଦୈନିକ ୫୯ ଲେଖାଏଁ ପାଆନ୍ତି । ଗତ ଆର୍ଥିକ ବର୍ଷ ଓଡ଼ିଶାର ୧୧ ଜଣ ଉଦ୍ୟୋଗକାରୀଙ୍କୁ ତାଲିମ ସକାଶେ ଅନ୍ଧ୍ରପ୍ରଦେଶ, ବମ୍ବେ ଓ ପଶ୍ଚିମ-ବଙ୍ଗରେ ଥିବା ଶିଳ୍ପ କେନ୍ଦ୍ରମାନଙ୍କୁ ପଠାଯାଇଥିଲା ଓ ଜଣେ ଶିକ୍ଷାର୍ଥୀ କଟକରେ ଥିବା ଜନତା ଇଣ୍ଡଷ୍ଟ୍ରିରେ ତାଲିମ ପାଇଥିଲେ । ଏହି ଉଦ୍ୟୋଗକାରୀମାନେ ସେମାନଙ୍କର ତାଲିମ ପାଠ୍ୟ ଶେଷ କରିସାରିଛନ୍ତି ଓ ଜାପିଲନଟ୍, ବିଦ୍ୟୁତ୍ର ସରଞ୍ଜାମ, ସାଇକେଲ ପାର୍ଟ, ବୋଲ୍ଟନଟ୍, ପାନେଲ୍‌ପିନ୍ ଓ ତାରକଣ୍ଟା, ନଡ଼ିଆ-କତା ଜିନିଷ, କୃଷିଉପକରଣ, ଧାତୁ ତଦର, ଫଳ ଉପଜାତ ଜିନିଷ ଓ କାଠ ଜିନିଷ ପ୍ରସ୍ତୁତ ଉତ୍ପାଦନ କରିବା ବିଷୟରେ ବ୍ୟାବହାରିକ ଜ୍ଞାନ ଅର୍ଜନ କରିଛନ୍ତି ।

୧୯୫୯-୬୦ ମସିହାରେ ୬୦ ଜଣ ଶିକ୍ଷାର୍ଥୀଙ୍କୁ ତାଲିମ ସକାଶେ ପଠାଇବାପାଇଁ ପ୍ରସ୍ତାବ କରାଯାଇଛି ।

## କମ୍ପାନୀ ଗଠନ

ପଥ-ପ୍ରଦର୍ଶକ ଯୋଜନା ଅନୁସାରେ ୧୬ ଗୋଟି ବେସରକାରୀ ଅନ୍-ଲିମିଟେଡ୍ ପାର୍ଟ୍ନର ସସୀମ-ଦାୟିତ୍ୱବିଶିଷ୍ଟ କମ୍ପାନୀ ଅଦ୍ୟାବଧି ଗଠିତ ହେଲଣି। ରାଜ୍ୟ ସରକାର ଏହି କମ୍ପାନୀମାନଙ୍କର ପ୍ରଧାନ ଅଂଶୀଦାର ଅଟନ୍ତି ଓ କ୍ଷମତାପ୍ରାପ୍ତ ଅଂଶ ମୂଳଧନର ଶତକଡ଼ା ୯୦ ଭାଗ ପର୍ଯ୍ୟନ୍ତ ଦେଉଛନ୍ତି। କମ୍ପାନୀର ବୋର୍ଡ଼ ଅଫ୍ ଡିରେକ୍ଟର୍ସରେ ୩ ଜଣ ସଭ୍ୟ ଅଛନ୍ତି। ସେମାନଙ୍କ ଭିତରୁ ୨ ଜଣ ରାଜ୍ୟ ସରକାରଙ୍କ ପ୍ରତିନିଧି।

ଏ ପର୍ଯ୍ୟନ୍ତ ଗଠିତ ହୋଇଥିବା କମ୍ପାନୀମାନଙ୍କର ତାଲିକା ତଳେ ଦିଆଗଲା :—

| | | | | | | |
|---|---|---|---|---|---|---|
| ୧। | ମେସର୍ସ | ମଧୁସୂଦନ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ | (ପି) | ଲିମିଟେଡ୍, | ଶିଳ୍ପାଞ୍ଚଳ, | କଟକ |
| ୨। | ,, | ପ୍ଲାର୍କ ବ୍ୟାଟେରୀ ମାନୁଫାକଚରିଂ ଓ୍ୱାର୍କସ | (ପି) | ,, | ,, | ,, |
| ୩। | ,, | କୋଣାର୍କ ପ୍ରସେସିଙ୍ଗ୍ | (ପି) | ,, | ,, | ,, |
| ୪। | ,, | ଓଡ଼ିଶା ଉଡ୍ ପ୍ରଡକ୍ଟସ୍ | (ପି) | ,, | ,, | ,, |
| ୫। | ,, | କଟକ ଆଇରନ୍ ଏଣ୍ଡ ଷ୍ଟିଲ୍ ପ୍ରଡକ୍ଟସ୍ | (ପି) | ,, | ,, | ,, |
| ୬। | ,, | କଳିଙ୍ଗ ଆଇରନ୍ ଓ୍ୱାକସ୍ | (ପି) | ,, | ,, | ,, |
| ୭। | ,, | ଓଡ଼ିଶା ଇଲେକ୍ଟ୍ରିକାଲ୍ ମାନୁଫାକ୍ଚରସ | (ପି) | ,, | ,, | ,, |
| ୮। | ,, | କଳିଙ୍ଗ ଫାଉଣ୍ଡ୍ରି | (ପି) | ,, | ,, | ,, |
| ୯। | ,, | କଳିଙ୍ଗ ସେରାମିକ୍ ଇଣ୍ଡଷ୍ଟ୍ରିଜ୍ | (ପି) | ,, | | ଝାରସୁଗୁଡ଼ା |
| ୧୦। | ,, | ଓଡ଼ିଶା ବୋଟ ବିଲଡରସ୍ | (ପି) | ,, | ମଣ୍ଡାପଡ଼ା, କଟକ | |
| ୧୧। | ,, | ଓଡ଼ିଶା ଫ୍ରୁଟ୍ ପ୍ରଡକ୍ଟସ୍ | (ପି) | ,, | | ,, |
| ୧୨। | ,, | ବାରବାଟୀ ଫ୍ରୁଟ୍ ପ୍ରଡକ୍ଟସ୍ | (ପି) | ,, | | ,, |
| ୧୩। | ,, | ଉତ୍କଳ ଫ୍ରୁଟ୍ ପ୍ରଡକ୍ଟସ୍ | (ପି) | ,, | | ଅନୁଗୁଳ |
| ୧୪। | ,, | କଳିଙ୍ଗ ଫ୍ରୁଟ୍ ପ୍ରଡକ୍ଟସ୍ | (ପି) | ,, | | ପାରଳାଖେମୁଣ୍ଡି |
| ୧୫। | ,, | ରାଉରକେଲା ଫ୍ରୁଟ୍ ପ୍ରଡକ୍ଟସ୍ | (ପି) | ,, | | ରାଉରକେଲା |
| ୧୬। | ,, | ଓଡ଼ିଶା ଫାଉଣ୍ଡ୍ରି କମ୍ପାନୀ | (ପି) | ,, | | ବ୍ରହ୍ମପୁର |

ଏମାନଙ୍କ ମଧ୍ୟରୁ ପ୍ରଥମ ଦୁଇଗୋଟି କମ୍ପାନୀ ଉତ୍ପାଦନ ଆରମ୍ଭ କରିଦେଲେଣି ଓ ଅନ୍ୟଗୁଡ଼ିକ ଅତି-ଶୀଘ୍ର ଉତ୍ପାଦନ ଆରମ୍ଭ କରିବେ।

## ନୂଆ ଯୋଜନା

ଏହି ଯୋଜନା ଅନୁସାରେ ଆଉ ୧୬ଟି ପରିକଳ୍ପନାକୁ କାର୍ଯ୍ୟକାରୀ କରିବାପାଇଁ ସୁପାରିଶ କରାଯାଇଛି। ଏଗୁଡ଼ିକର ନାମ ତଳେ ଉଲ୍ଲେଖ କରାଗଲା—

| | | |
|---|---|---|
| (୧) ଟିଣପାତ୍ର | ତିଆରିପାଇଁ | ପରିକଳ୍ପନା |
| (୨) ଫ୍ଲେଟ୍ | ,, | ,, |
| (୩) ଗ୍ଲେଜ-ଟାଇଲ | ,, | ,, |
| (୪) କାଯିଉନଟ ବା ବାଦାମ | ,, | ,, |
| (୫) ନଡ଼ିଆକତା ଜିନିଷ | ,, | ,, |
| (୬) ତାର କଣ୍ଟା ଓ ପ୍ୟାନେଲ୍ ପିନ୍ | ,, | ,, |
| (୭) ପୂର୍ବରୁ ଖୁଦାହୋଇଥିବା ଗୋଡ଼ି ସିମେଣ୍ଟ ଖୁମ୍ବ | ,, | ,, |

(୮) ପାଣିକଳପାଇଁ ପିତଳରେ
ତିଆରି ଯନ୍ତ୍ରପାତି ତିଆରି ପାଇଁ ପରିକଳ୍ପନା
(୯) ଆଲୁମିନିୟମ ପାତ " "
(୧୦) ଟ୍ରଙ୍କ ଓ ସୁଟକେଶ୍ " "
(୧୧) ବ୍ରୁସ୍, କବ୍ରୁସ୍, ସାଇକେଲ୍
ପାର୍ଟ ଓ କୋଲପ " "
(୧୨) ନର୍ସ୍ୟାସ " "
(୧୩) ଅଗର " "
(୧୪) ବୋଲ୍ଟନଟ୍ " "
(୧୫) ବ୍ରହ୍ମପୁରଠାରେ ଡିଜେଲ କାରଖାନା ସ୍ଥାପନ ପାଇଁ ପରିକଳ୍ପନା;
(୧୬) ଝାରସୁଗୁଡ଼ାଠାରେ ଡିଜେଲ କାରଖାନା ସ୍ଥାପନ ପାଇଁ ପରିକଳ୍ପନା;
(୧୭) ଲୁହା ଜିନିଷ ତିଆରି କାରଖାନା ସ୍ଥାପନ ନିମନ୍ତେ ପରିକଳ୍ପନା ।

## ବିକ୍ରିବଣ୍ଟା ବ୍ୟବସ୍ଥା

ଏସବୁ କମ୍ପାନୀର ଉତ୍ପନ୍ନ ଦ୍ରବ୍ୟ ବିକ୍ରି କରିବା ସକାଶେ ବଜାର ଠିକ୍ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ଏସବୁ ଜିନିଷର ବିକ୍ରିବଣ୍ଟା ସମ୍ପର୍କରେ କି ପ୍ରକାର ସମ୍ଭାବନା ଅଛି, ତାହା ଦେଖିବା ସକାଶେ ଜଣେ ମାର୍କେଟିଂ ଅଫିସର ନିଯୁକ୍ତ ହୋଇଛନ୍ତି । ସରକାରଙ୍କର ବିଭିନ୍ନ ବିଭାଗରେ ବ୍ୟବହାର ଉଦ୍ଦେଶ୍ୟରେ ଏସବୁ ଖରିଦ କରିବା ପାଇଁ ସରକାର ସ୍ଥିର କରିଛନ୍ତି । ଅନ୍ୟାନ୍ୟ ଉତ୍ପନ୍ନ ଦ୍ରବ୍ୟ ଭିତରେ ଏହାର ସ୍ୱତନ୍ତ୍ରତା ଦର୍ଶାଇବା ଉଦ୍ଦେଶ୍ୟରେ ଏ ସବୁ ଜିନିଷ ଉପରେ ଗୋଟିଏ ନିର୍ଦ୍ଦିଷ୍ଟ ଧରଣର ଚିହ୍ନ ଦେବା ସକାଶେ ଉଦ୍ୟମ କରାଯାଉଛି । ଡାଇରେକ୍ଟରେଟ୍ ଜେନେରାଲ୍ ଅଫ୍ ସପ୍ଲାଇଜ୍ ଏଣ୍ଡ ଡିସ୍‌ପୋଜାଲସ୍ ଓ ନାସନାଲ୍ ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ନିକଟରେ ଏସବୁ ଜିନିଷ ପଠାଇ ସେଗୁଡ଼ିକ ସହିତ ତାଙ୍କୁ ପରିଚିତ କରାଇ-ଦେବା ଉଦ୍ଦେଶ୍ୟରେ ବ୍ୟବସ୍ଥା କରାଯାଉଛି । ଏହା-ଛଡ଼ା ଏହି ସବୁ ଜିନିଷ ଭିତରୁ କେତେକ ଜିନିଷ ଖୋଲା ବଜାରରେ ଏହିଭଳି ଅନ୍ୟାନ୍ୟ ଜିନିଷ ସହିତ ପ୍ରତିଯୋଗିତା କରି ବିକ୍ରି ହେଉଛି । ଅଳ୍ପ ସମୟ ଭିତରେ ଏ ଜିନିଷଗୁଡ଼ିକ ଖ୍ୟାତି ଲାଭ କରିବ ବୋଲି ଆଶା କରାଯାଏ ।

## ଶିଳ୍ପ ସମ୍ପର୍କରେ ଅନୁସନ୍ଧାନ

ଏ ଯୋଜନା ଅନୁସାରେ ନୂଆନୂଆ ଶିଳ୍ପ ସ୍ଥାପନ ବିଷୟରେ କି ସମ୍ଭାବନା ରହିଛି, ତାହା ସ୍ଥିର କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ଅଂଶରେ ଶିଳ୍ପ ସମ୍ବନ୍ଧରେ ଅନୁସନ୍ଧାନ କରାଯାଉଛି । ଏହି ସବୁ ଅନୁସନ୍ଧାନ ଫଳରେ ଯେଉଁ ଯୋଜନାଗୁଡ଼ିକର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଜଣାପଡ଼ୁଛି, ସେଗୁଡ଼ିକୁ ପ୍ରଥମେ ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରାଯାଉଛି ।

ଏହାଛଡ଼ା ଉତ୍ପାଦନ ବିଷୟରେ ଉପଯୁକ୍ତ ଅଫିସରମାନଙ୍କ ଜରିଆରେ ସରକାର ଏହି ସବୁ କମ୍ପାନୀମାନଙ୍କୁ କାରିଗରୀ ଓ ବୈଜ୍ଞାନିକ ପରାମର୍ଶ ମଧ୍ୟ ଦେଉଛନ୍ତି । ଏହି ଉଦ୍ଦେଶ୍ୟରେ ଏ ଯୋଜନା ଅନୁସାରେ ସ୍ଥାପିତ ହୋଇଥିବା ବିଭିନ୍ନ ଶିଳ୍ପପାଇଁ ପ୍ରୋଜେକ୍ଟ ଅଫିସରମାନେ ନିଯୁକ୍ତ ହେଉଛନ୍ତି ।

## ନୂତନ ଉତ୍ସାହ

ସୁଖର ବିଷୟ ଯେ ଏହି ଯୋଜନା ଫଳରେ ରାଜ୍ୟରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରିବା ଦିଗରେ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ନୂତନ ଉତ୍ସାହ ଖେଳି ଯାଇଛି । ତାଲିମ ପାଇବା ସକାଶେ ସରକାରଙ୍କ ପାଖକୁ ବହୁ ପ୍ରାର୍ଥୀ ଦରଖାସ୍ତ କରୁଛନ୍ତି ଓ ସରକାରଙ୍କ ପାଖକୁ ଅନେକ ପରିକଳ୍ପନା ମଧ୍ୟ ଆସୁଛି । ଏ ସବୁରୁହିଁ ସ୍ପଷ୍ଟ ଜଣାଯାଉଛି ଯେ ଏହି ଯୋଜନା ଫଳରେ ଓଡ଼ିଆ ଯୁବକମାନଙ୍କ ମନରେ ଗୋଟିଏ ପରିବର୍ତ୍ତନ ଆସିଛି ଓ ଏହାଦ୍ୱାରା ଯୋଜନାର ଲକ୍ଷ୍ୟ ସାଧିତ ହୋଇପାରିବ । ତାହାହେଲେ ଓଡ଼ିଶା ତାହାର ବିପୁଳ ପ୍ରାକୃତିକ

ସମ୍ପଦ ଓ ଜନବଳର ଉପଯୋଗ କରି ଶିଳ୍ପ କ୍ଷେତ୍ରରେ ବିଶେଷ ଅଗ୍ରଗତି କରିପାରିବ ।

---

## ଧାନ ଚାଉଳ କାରବାର ପାଇଁ ମୂଲ୍ୟ ନିୟନ୍ତ୍ରଣ ଆଦେଶ

ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗ ଜଣାଇଛନ୍ତି:—

ଜାନୁଆରି ମାସରେ ପ୍ରକାଶିତ ୨ଟି ପ୍ରେସ ନୋଟରେ, ପର୍ଚେଜିଂ ଏଜେଣ୍ଟମାନେ ଉତ୍ପାଦନକାରୀ ମାନଙ୍କଠାରୁ କେଉଁ ଦରରେ ଧାନ ଓ ଢିଙ୍କି କୁଟା ଚାଉଳ କିଣିବେ ତାହା ଜନସାଧାରଣଙ୍କ ଅବଗତି ନିମନ୍ତେ ସରକାର ଜଣାଇ ଦେଇଥିଲେ । ସେଥିରେ ଉତ୍ପାଦନକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ଯେ ସେମାନେ ପ୍ରେସ୍‌ନୋଟ୍ ଲିଖିତ ମୂଲ୍ୟ ଅପେକ୍ଷା କମ ମୂଲ୍ୟ ଗ୍ରହଣ କରିବେ ନାହିଁ, ଏବଂ ଯଦି କୌଣସି ପର୍ଚେଜିଂ ଏଜେଣ୍ଟ କମ ଦର ଯାଚନ୍ତି, ତେବେ ସଙ୍ଗେ ସଙ୍ଗେ ସେ ବିଷୟ ସିଭିଲ ସପ୍ଲାଇ ଅଫିସର କିମ୍ବା ସମ୍ପୃକ୍ତ ଅଞ୍ଚଳରେ ଅବସ୍ଥାପିତ ସିଭିଲ ସପ୍ଲାଇ କର୍ମଚାରୀମାନଙ୍କୁ ଜଣାଇବା ଉଚିତ । ଆଉ ମଧ୍ୟ ଉକ୍ତ ପ୍ରେସ ନୋଟରେ ଜନସାଧାରଣ, ବିଶେଷତଃ ଉତ୍ପାଦନକାରୀ, ପର୍ଚେଜିଂ ଏଜେଣ୍ଟ ଓ ଅଫିସରମାନଙ୍କ ସହଯୋଗ କାମନା କରାଯାଇଥିଲା ।

କିନ୍ତୁ ସରକାରଙ୍କ ଗୋଚରକୁ ଅଣାଯାଇଛି ଯେ କେତେକ ଅଞ୍ଚଳରେ ପର୍ଚେଜିଂ ଏଜେଣ୍ଟମାନେ ସରକାରଙ୍କ ନିର୍ଦ୍ଦେଶ ନ ମାନି ସରକାରୀ ଧାର୍ଯ୍ୟ ନ୍ୟୂନତମ ଦର ଅପେକ୍ଷା କମ ହାରରେ ଧାନ ଓ ଢିଙ୍କି କୁଟା ଚାଉଳ କିଣୁଛନ୍ତି । ତେଣୁ ଏଥିପାଇଁ ବୈଧାନିକ ଭାବେ ଏକ ନିୟନ୍ତ୍ରଣ ଆଦେଶ ଜାରି କରି ଧାନ ଓ ଢିଙ୍କିକୁଟା ଚାଉଳର ମୂଳ ନ୍ୟୂନତମ ମୂଲ୍ୟ ଧାର୍ଯ୍ୟ କରିବା ଏବଂ ଉତ୍ପାଦନକାରୀ (ଚାଷୀ)ଙ୍କୁ ପର୍ଚେଜିଂ ଏଜେଣ୍ଟ ବା କୌଣସି ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟ ନ ଦେଲେ ତାହାକୁ ଏକ ଅପରାଧରୂପେ ଗଣ୍ୟ କରିବା ଆବଶ୍ୟକ ହୋଇ ପଡ଼ିଛି । ଏଣୁ "ଦି ଓଡ଼ିଶା ଫୁଡ୍-ଗ୍ରେନ୍‌ସ ପ୍ରାଇସ୍ ଫିକ୍ସେସନ୍ ଅର୍ଡ଼ର ୧୯୫୯" (ଓଡ଼ିଶା ଖାଦ୍ୟ-ଶସ୍ୟ ମୂଲ୍ୟ ନିର୍ଦ୍ଧାରଣ ଆଦେଶ, ୧୯୫୯) ନାମକ ଏକ ନିୟନ୍ତ୍ରଣ ଆଦେଶ ସରକାରଙ୍କଦ୍ୱାରା ଜାରି କରାଗଲା । ସରକାରଙ୍କ ଦ୍ୱାରା ଘୋଷିତ ହାରରୁ କମ ମୂଲ୍ୟରେ କୌଣସି ଗ୍ରେଡ ଧାନ ବା ଢିଙ୍କିକୁଟା ଚାଉଳ କିଣିବାକୁ ଏଥିରେ ନିଷେଧ କରାଯାଇଅଛି । ଏହି ଆଦେଶ ୧୯୫୯ ମାର୍ଚ୍ଚ ତା ୧୫ରିଖଠାରୁ କାର୍ଯ୍ୟକାରୀ ହେଲା ଏବଂ ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ଲାଗୁ ହେବ । କୌଣସି ବ୍ୟକ୍ତି ଏହି ଆଦେଶର କୌଣସି ବ୍ୟବସ୍ଥାର ବହିର୍ଭୂତାଚରଣ କଲେ "ଏସେନ୍‌ସିଆଲ କମୋଡ଼ିଟିଜ୍ ଆକ୍ଟ" (ଅତ୍ୟାବଶ୍ୟକ ପଣ୍ୟଦ୍ରବ୍ୟ ଆଇନ)ର ୭ଧାରା ଅନୁଯାୟୀ ୩ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡରେ ଦଣ୍ଡିତ ହୋଇ ପାରିବ ।

ସରକାରଙ୍କ ଦ୍ୱାରା ନିମ୍ନଲିଖିତ ମୂଳ ନ୍ୟୂନତମ ମୂଲ୍ୟ ଧାର୍ଯ୍ୟ କରାଯାଇଛି:—

### ଷ୍ଟାଣ୍ଡାର୍ଡ଼ ମହଣ ପ୍ରତି ଧାର୍ଯ୍ୟ ମୂଲ୍ୟ

| | ସାଧାରଣ ଧାନ | ସରୁ ଧାନ | ଅତିସରୁ ଧାନ |
|---|---|---|---|
| ରେଲଷ୍ଟେସନଠାରୁ ୩୫ ମାଇଲ ମଧ୍ୟରେ ଥିବା ଡିପୁମାନଙ୍କରେ … | ଟ ୮। … | ଟ ୮୧ … | ଟ ୯୧ |
| ରେଲଷ୍ଟେସନଠାରୁ ୩୫ରୁ ୬୦ ମାଇଲ ମଧ୍ୟରେ ଥିବା ଡିପୁରେ … | ଟ ୭୪ … | ଟ ୮୧ … | ଟ ୮୪ |

| | | | |
|---|---|---|---|
| ରେଲଷ୍ଟେସନଠାରୁ ୭୦ ମାଇଲରୁ ବେଶି ଦୂରରେ ଥିବା ଡିପୁରେ | ... ଟ ୭୷ | ... ଟ ୭୴ | ... ଟ ୮୴ |

**ଢିଙ୍କିକୁଟା ଚାଉଳର ଷ୍ଟାଣ୍ଡାର୍ଡ଼ ମହଣପ୍ରତି ମୂଲ୍ୟ**

| | | | |
|---|---|---|---|
| ରେଲଷ୍ଟେସନଠାରୁ ୩୫ ମାଇଲ ମଧ୍ୟରେ ଥିବା ଡିପୁମାନଙ୍କରେ | ... ଟ ୧୯୵ | ... ଟ ୧୯୴ | ... ଟ ୧୫୴ |
| ରେଲଷ୍ଟେସନଠାରୁ ୩୫ରୁ ୭୦ ମାଇଲ ମଧ୍ୟରେ ଥିବା ଡିପୁରେ | ... ଟ ୧୩୴ | ... ଟ ୧୪। | ... ଟ ୧୫। |
| ରେଲଷ୍ଟେସନଠାରୁ ୭୦ ମାଇଲରୁ ବେଶି ଦୂରରେ ଥିବା ଡିପୁରେ | ... ଟ ୧୩। | ... ଟ ୧୯୵ | ... ଟ ୧୫୵ |

ଜୟପୁର ଆଉଟ୍ ଏଜେନ୍‌ସିକୁ ଏକ ରେଲଷ୍ଟେସନରୂପେ ଗଣନା କରାଯିବ ।

---

## ନିବେଦନ

ଓଡ଼ିଶାର ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ରାଧାନାଥ ରଥ ନିମ୍ନଲିଖିତମତେ ଓଡ଼ିଶାର ଜନସାଧାରଣଙ୍କୁ ନିବେଦନ କରିଛନ୍ତି:—

ଓଡ଼ିଶାର ଜନସାଧାରଣ ବୋଧହୁଏ ଜାଣିଥିବେ ଯେ ୧୯୩୮ ମସିହାରେ ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ନିଖିଳ ଭାରତ ପଶୁମେଳା କମିଟୀ ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ ଓ ପ୍ରଗତିଶୀଳ ଅନୁଷ୍ଠାନ ଓ ଏହା ସ୍ଥାପିତ ହେବା ଦିନଠାରୁ ଏ ଦେଶରେ ଗୃହ-ପାଳିତ ପଶୁମାନଙ୍କର ଦୁର୍ଦ୍ଦଶା ମୋଚନ ଓ କୃଷି ପାଳନର ଉନ୍ନୟନ ନିମନ୍ତେ ଅବିରତ ଉଦ୍ୟମ କରି ଆସୁଛନ୍ତି । ଏହି କମିଟୀ ଅନେକ ନିଖିଳ ଭାରତ ପଶୁ ଓ ପକ୍ଷୀମେଳା ଅନୁଷ୍ଠିତ କରି ପଶୁପାଳନ ବିଷୟରେ ଜନସାଧାରଣଙ୍କ ମନରେ ଯଥେଷ୍ଟ ଆଗ୍ରହ ଜାତ କରାଇବା ବିଷୟରେ ସଫଳ ହୋଇଛନ୍ତି । ଏତଦ୍‌ବ୍ୟତୀତ ମଧ୍ୟ କମିଟୀ ଢିଙ୍କିକୁଟା ସମ୍ପର୍କୀୟ ଖବରାଖବର ଯୋଗାଇ ଦେବା ଉଦ୍ଦେଶ୍ୟରେ ଅନୁଷ୍ଠାନ ସ୍ଥାପନ କରିଛନ୍ତି । ଉକ୍ତ ଅନୁଷ୍ଠାନ ବିଦେଶକୁ ଗୋରୁଗାଈ ପ୍ରଭୃତି ରପ୍ତାନି କରିବା ଉଦ୍ଦେଶ୍ୟରେ ସେ ସବୁ ଖର୍ଦ୍ଦି କରିବାର ବ୍ୟବସ୍ଥା କରନ୍ତି । ଏ ଦେଶରେ ସର୍କାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ପାଇଁ ମଧ୍ୟ କମିଟୀ ଗୋ-ମହିଷାଦି ପଶୁ ଖର୍ଦ୍ଦି କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ଏହି ଯେ, ଏପରି ଗୋଟିଏ ମୂଲ୍ୟବାନ ଅନୁଷ୍ଠାନର ନିଜପାଇଁ କୋଠାବାଡ଼ି ନାହିଁ । ତେଣୁ ଏହି କମିଟୀ ପାଇଁ ଗୋଟିଏ ସ୍ଥାୟୀ ଅଫିସ ଘର ଖୋଲିବାର ପ୍ରସ୍ତାବ କରାଯାଇଛି । ଏହି ମହତ୍ କାର୍ଯ୍ୟ ଲାଗି କମିଟୀଙ୍କ ପାଣ୍ଠିକୁ ମୁକ୍ତ ହସ୍ତରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏ ଦେଶର ପଶୁ-ସମ୍ପଦର ଉତ୍ତରୋତ୍ତର ଉନ୍ନତି ବିଷୟରେ ଆଗ୍ରହାନ୍ୱିତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ଅନୁରୋଧ କରୁଛି । ଏ ଦେଶରେ ପରମ୍ପରାକ୍ରମେ ଗୋ-ସମ୍ପଦକୁ ଗୋଟିଏ ଅତି ଉଚ୍ଚ ସ୍ଥାନ ଦିଆଯାଇଛି । ପୁଣି ଧର୍ମ ଓ ସଂସ୍କୃତି ସହିତ ଏହା ମଧ୍ୟ ସଂଶ୍ଳିଷ୍ଟ ହୋଇଛି ।

ତେଣୁ ମୁଁ ଏକାନ୍ତ କାମନା କରେ କି, ଗୋ-ଜାତିର ଉନ୍ନତି ବିଷୟରେ ଆଗ୍ରହ ଓ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ସମସ୍ତେ ଏହି ପାଣ୍ଠିକୁ ମୁକ୍ତହସ୍ତରେ ଦାନ କରନ୍ତୁ । ଏହି ଉଦ୍ଦେଶ୍ୟରେ ଯେ ଯାହା ସାହାଯ୍ୟ ଦେବାକୁ ଚାହାନ୍ତି, ସେମାନେ ତାହା ଗୋପାଳପୁରର ରାଜ୍ୟ ସଭାପତି, କଲିଙ୍ଗ ସବ୍-କମିଟୀ, ନିଖିଳ ଭାରତ ପଶୁମେଳା କମିଟୀ, ଜୟ ବିଳାସ, ଗୋପାଳପୁର ଠିକଣାରେ ପଠାନ୍ତୁ ।

# ଆମ ରାଜ୍ୟ

## ମାଙ୍ଗାନିଜ ପଥର ଉତ୍ତୋଳନ

ଭାରତରେ ୧୯୫୮ ମସିହାରେ ୧୨ ଲକ୍ଷ ୩୦ ହଜାର ମେଟ୍ରିକ୍ ଟନ୍ ମାଙ୍ଗାନିଜ ପଥର ଉତ୍ତୋଳନ ହୋଇଛି ବୋଲି ଭାରତୀୟ ଖଣିବ୍ୟୁରୋଙ୍କ ଦ୍ୱାରା ଆକଳନ କରାଯାଇଛି । ୧୯୫୮ରେ ଓଡ଼ିଶା ରାଜ୍ୟରେ ହିଁ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ପରିମାଣରେ ମାଙ୍ଗାନିଜ ପଥର ଉତ୍ତୋଳିତ ହୋଇଛି । ଓଡ଼ିଶାରେ ଏବର୍ଷ ୩ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନ୍ ମାଙ୍ଗାନିଜ ପଥର ଉତ୍ତୋଳନ କରାଯାଇଛି । ବମ୍ବେରେ ୩ ଲକ୍ଷ ୧୧ ହଜାର ମେଟ୍ରିକ୍ ଟନ୍, ମଧ୍ୟପ୍ରଦେଶରେ ୨ ଲକ୍ଷ ୮୩ ହଜାର ମେଟ୍ରିକ୍ ଟନ୍ ଏବଂ ମହୀଶୂରରେ ୨ ଲକ୍ଷ ୪୦ ହଜାର ମେଟ୍ରିକ୍ ଟନ୍ ମାଙ୍ଗାନିଜ ପଥର ଉତ୍ତୋଳନ କରାଯାଇଛି ।

---

## ଓଡ଼ିଆ ଭାଷା ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସାହାଯ୍ୟ

ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ଉପମନ୍ତ୍ରୀ ଡକ୍ଟର ଏମ୍. ଏମ୍. ଦାସ ଜଣାଇଲେ ଯେ ହିନ୍ଦୀଛଡ଼ା ଆଧୁନିକ ଭାରତୀୟ ଭାଷାଗୁଡ଼ିକର ବିକାଶସାଧନ ପାଇଁ ଭାରତ ସରକାରଙ୍କର ଯେଉଁ ନିର୍ଦ୍ଦିଷ୍ଟ ଯୋଜନା ରହିଛି, ସେ ଅନୁସାରେ ୧୯୫୮-୫୯ ମସିହା ମଧ୍ୟରେ ବିଭିନ୍ନ ଭାଷାର ବିକାଶ ପାଇଁ ଟଙ୍କା ମଞ୍ଜୁର କରାଯାଇଛି । ଏ' ଯୋଜନା ଅନୁସାରେ ଓଡ଼ିଆ ଭାଷାର ବିକାଶ ପାଇଁ ଓଡ଼ିଶାକୁ ତିନି ହଜାର ଟଙ୍କା ମଞ୍ଜୁର ହୋଇଛି ।

---

## ଓଡ଼ିଆ ନାଟକର ଉନ୍ନତି ପାଇଁ ସଙ୍ଗୀତ ନାଟକ ଏକାଡେମୀର ସାହାଯ୍ୟ

ଗତ ଫେବୃଆରୀ ମାସ ୨୦ ତାରିଖରେ ଲୋକ-ସଭାରେ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀ ହୁମାୟୁନ କବିର୍ କହିଲେ ଯେ ଓଡ଼ିଆ ନାଟକର ଉନ୍ନତି ପାଇଁ ସଙ୍ଗୀତ ନାଟକ ଏକାଡେମୀ ୧୯୫୮-୫୯ ମସିହା ମଧ୍ୟରେ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନକୁ ଆର୍ଥିକ ସାହାଯ୍ୟ ଦେବାକୁ ସ୍ଥିର କରିଛନ୍ତି । ୧୯୫୭-୫୮ ମସିହାରେ ମଧ୍ୟ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନକୁ ଏହି ଉଦ୍ଦେଶ୍ୟରେ ଟଙ୍କା ମଞ୍ଜୁର କରାଯାଇଥିଲା । କେଉଁ ଅନୁଷ୍ଠାନକୁ କେତେ ଟଙ୍କା ମଞ୍ଜୁର ହୋଇଛି, ତାହା ନିମ୍ନରେ ବର୍ଣ୍ଣିତ ହେଲା:—

(୧) ନ୍ୟାସନାଲ ମ୍ୟୁଜିକ ଆସୋସିଏସନ୍, କଟକ—ସାତ ହଜାର ଟଙ୍କା ।

(୨) ଓଡ଼ିଶା ସଙ୍ଗୀତ ପରିଷଦ, ପୁରୀ—ଏକ ହଜାର ଆଠଶହ ଟଙ୍କା ।

(୩) କଳାବିକାଶ କେନ୍ଦ୍ର, କଟକ—ପାଞ୍ଚ ହଜାର ଟଙ୍କା ।

(୪) ଅନ୍ନପୂର୍ଣ୍ଣା ଥିଏଟର, 'ବି' ଗ୍ରୁପ୍, କଟକ— ଦୁଇ ହଜାର ଟଙ୍କା ।

---

## ଓଡ଼ିଶାର ସହରାଞ୍ଚଳ ଜଳଯୋଗାଣ ପାଇଁ ବ୍ୟବସ୍ଥା

ଲୋକସଭାରେ ଶ୍ରୀ ଚନ୍ଦ୍ରମଣି ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଡ଼ି. ପି. କର୍ମକାର ଜଣାଇଲେ ଯେ ଯୋଜନା କମିଶନ୍‌ର କାର୍ଯ୍ୟକାରୀ ଦଳ ୧୯୬୮-୬୯ ପାଇଁ ଓଡ଼ିଶାର ସହରାଞ୍ଚଳ ଜଳଯୋଗାଣ ଯୋଜନା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ୨୦ ଲକ୍ଷ ଟଙ୍କା ଦେବାକୁ ସୁପାରିଶ କରିଥିଲେ; କିନ୍ତୁ ୧୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ୧୯୬୯ ମସିହା ଜାନୁଆରୀ ୨୮ ତାରିଖରେ ଓଡ଼ିଶାର ଗୋଟିଏ ସହରାଞ୍ଚଳ ଜଳଯୋଗାଣ ଯୋଜନା କାର୍ଯ୍ୟକାରୀ ହେବା ପାଇଁ ଅନୁମୋଦିତ ହୋଇଥିଲା ।

---

## ଓଡ଼ିଶାରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନମାନଙ୍କୁ ଋଣ

କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନମାନଙ୍କୁ ଯେଉଁସବୁ ସଂସ୍ଥା ଋଣ ଦେଇଥାନ୍ତି, ସେଥିମଧ୍ୟରେ ରାଜ୍ୟ ଅର୍ଥ କର୍ପୋରେସନ ଅନ୍ୟତମ । ଏହି କର୍ପୋରେସନମାନଙ୍କ ଦ୍ୱାରା ୧୨ଟି ରାଜ୍ୟର ପ୍ରାୟ ୩୫୦ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନ ଉପକୃତ ହୋଇ ସାରିଲେଣି । ସେମାନଙ୍କୁ ପ୍ରାୟ ୨ କୋଟି ୫୯ ଲକ୍ଷ ଟଙ୍କା ଋଣ ଦିଆଯାଇଛି । ଉକ୍ତ ୧୨ଟି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ । ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ହେଉଛି—ପଞ୍ଜାବ, କେରଳ, ବମ୍ବେ, ଆନ୍ଧ୍ର, ପଶ୍ଚିମବଙ୍ଗ, ଆସାମ, ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ ଓ ମଧ୍ୟପ୍ରଦେଶ ।

୧୯୬୮ ମସିହା ସେପ୍ଟେମ୍ବର ସୁଦ୍ଧା ବିଭିନ୍ନ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନମାନଙ୍କୁ ଅନୁମୋଦିତ ଋଣରୁ ମୋଟ ୧ କୋଟି ୭୮ ଲକ୍ଷ ଟଙ୍କା ବଣ୍ଟନ କରାଯାଇଛି ।

---

## ଓଡ଼ିଶାରେ ପରିବାର ନିୟନ୍ତ୍ରଣ କେନ୍ଦ୍ର

ଲୋକସଭାରେ ଶ୍ରୀ ପି. କେ. ଦେଓଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଡ଼ି. ପି. କର୍ମକାର ଜଣାଇଲେ ଯେ ଏ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କଦ୍ୱାରା ବିଭିନ୍ନ ସହରରେ ୨୯ଟି ଓ ବିଭିନ୍ନ ଗ୍ରାମରେ ୩୭ଟି ପରିବାର ନିୟନ୍ତ୍ରଣ କେନ୍ଦ୍ର ସ୍ଥାପିତ ହୋଇଛି ।

---

## ଯକ୍ଷ୍ମା-ନିରୋଧ ପାଇଁ ଓଡ଼ିଶାକୁ ସାହାଯ୍ୟ

ରାଜ୍ୟସଭାରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଶର୍ମାଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଡ଼ି. ପି. କର୍ମକାର ଜଣାଇଲେ ଯେ ଯକ୍ଷ୍ମାନିରୋଧ ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ କରିବାଲାଗି ସ୍ୱାସ୍ଥ୍ୟମନ୍ତ୍ରାଳୟ ଦ୍ୱାରା ଏ ପର୍ଯ୍ୟନ୍ତ ୭୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ରାଜ୍ୟକୁ ଦିଆଗଲାଣି । ସେଥିମଧ୍ୟରୁ ଓଡ଼ିଶା ରାଜ୍ୟକୁ ୨ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଛି ।

---

## ଓଡ଼ିଶାକୁ ୧୦୪ କୋଟି ୭୧ ଲକ୍ଷ ଟଙ୍କା ଋଣ ପରିଶୋଧ କରିବାକୁ ହେବ

ଅର୍ଥ ଉପମନ୍ତ୍ରୀ ଶ୍ରୀ ଭଗତ ଗତ ମାର୍ଚ୍ଚ ଦୁଇ ତାରିଖ ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଜଣାଇଲେ ଯେ ବିଭିନ୍ନ ରାଜ୍ୟ କେନ୍ଦ୍ରରୁ ଯେଉଁ ଋଣ ନେଇଥାନ୍ତି, ତାହା ବର୍ଷକୁ ବର୍ଷ ପରିଶୋଧ କରୁଥାନ୍ତି ଏବଂ କୌଣସି ରାଜ୍ୟ ଋଣ ପରିଶୋଧ କରିବାରେ ବିଶେଷ ଭାବେ ଅବହେଳା କରିନାହାନ୍ତି । କେଉଁ ରାଜ୍ୟରୁ କେତେ ଟଙ୍କା ପାଇବାର ଅଛି, ତାହାର ଏକ ବିବରଣୀ ସେ ଲୋକସଭାରେ ଅର୍ପଣ କରିଥିଲେ । ଏଥିରୁ ପ୍ରକାଶ ଯେ ୧୯୬୮ ଏପ୍ରିଲ ପହିଲା ତାରିଖ ସୁଦ୍ଧା ବିଭିନ୍ନ ରାଜ୍ୟ ଉପରେ ମୋଟ ୧୨୯୫ କୋଟି ୮୦ ଲକ୍ଷ ଟଙ୍କା ଅଛି । ଏଥିମଧ୍ୟରୁ ଓଡ଼ିଶାର ଋଣ

ପରିଶୋଧ ବାବଦ ଦେୟ ହେଉଛି ୧୦୪ କୋଟି ୭୧ ଲକ୍ଷ ଟଙ୍କା ।

---

## ବହୁମୁଖୀ ଯୋଜନା ଅଞ୍ଚଳରେ ଶ୍ରମିକମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା

### ହୀରାକୁଦ ବନ୍ଧ ଯୋଜନାର ଶ୍ରମିକ ବିଭିନ୍ନ ପ୍ରକାର ସୁବିଧା ପାଉଛନ୍ତି

ଚଳିତ ଏପ୍ରେଲ ୨୦ ତାରିଖ ଦିନ କେନ୍ଦ୍ର ଜଳସେଚନ ଓ ବିଦ୍ୟୁତ ଉପମନ୍ତ୍ରୀ ଶ୍ରୀ ଜୟସୁଖଲାଲ ହାଥି ଏକ ପ୍ରଶ୍ନର ଉତ୍ତରରେ ଲୋକ ସଭାରେ ଦେଇଥିବା ବିବୃତିରୁ ଜଣାଯାଏ ଯେ ବିଭିନ୍ନ ବହୁମୁଖୀ ନଦୀ ଉପତ୍ୟକା ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ବିନା ଭଡ଼ାରେ ବାସଗୃହ ସମେତ ବହୁ ପ୍ରକାର ସୁବିଧା ପାଇଛନ୍ତି ।

ହୀରାକୁଦ ଯୋଜନା ଅଞ୍ଚଳରେ ଶ୍ରମିକମାନେ ପାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ମଧ୍ୟ ଏହିରୁ ଜଣାଯାଏ । ହୀରାକୁଦ ବନ୍ଧ ଯୋଜନା ଅଞ୍ଚଳରେ ମାସକୁ ୧୫୦ ଟଙ୍କାରୁ କମ ପାଉଥିବା ଶ୍ରମିକମାନଙ୍କୁ ଶ୍ରମିକ ବସତିରେ ବିନା ଭଡ଼ାରେ ଘର ଯୋଗାଇ ଦିଆଯାଇଛି । ମାସକୁ ୧୫୦ ଟଙ୍କାରୁ ଅଧିକ ପାଉଥିବା ମାଟି କଟା ଯନ୍ତ୍ର ଅପରେଟରମାନଙ୍କୁ ବିଶେଷ କ୍ଷେତ୍ରରେ ବିନା ଭଡ଼ାରେ ମଧ୍ୟ ଘର ଯୋଗାଇ ଦିଆଯାଇଛି । ଅନ୍ୟାନ୍ୟ ସୁବିଧା ଗୁଡ଼ିକ ହେଉଛି—

୧ । ସୁବିଧାଜନକ ସ୍ଥାନରେ ସଂରକ୍ଷିତ ଜଳ-ଯୋଗାଣ ଏବଂ ଗ୍ରୀଷ୍ମକାଳରେ ଶୀତଳ ଜଳ ଯୋଗାଣ ।

୨ । ଶ୍ରମିକମାନଙ୍କ ପାଇଁ ଦୁଇଟି ସମସ୍ତ ସୁବିଧା-ଯୁକ୍ତ ଚିକିତ୍ସାଳୟ ରହିଛି ।

୩ । ଉପଯୁକ୍ତ ସ୍ଥାନରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି ଏବଂ ମାତୃମଙ୍ଗଳ କାର୍ଯ୍ୟ ପାଇଁ ମିଡ୍‌ୱାଇଫ୍ ନିଯୁକ୍ତ ହୋଇଛନ୍ତି ।

୪ । କଲ୍ୟାଣ କେନ୍ଦ୍ରମାନ ସ୍ଥାପିତ ହୋଇଛି । ଏହି କେନ୍ଦ୍ରରେ ଛୋଟ ଗ୍ରନ୍ଥାଗାର, ରେଡ଼ିଓ ପ୍ରଭୃତି ରହିଛି ଏବଂ ବିଭିନ୍ନ କ୍ରୀଡ଼ା ଉପକରଣ ରଖାଯାଇଛି ।

୫ । ଶ୍ରମିକମାନଙ୍କ ପାଇଁ ପ୍ରୌଢ଼ ଶିକ୍ଷା କେନ୍ଦ୍ର ଏବଂ ଶ୍ରମିକ ପିଲାଙ୍କ ପାଇଁ ପ୍ରାଥମିକ ସ୍କୁଲମାନ ଖୋଲା ଯାଇଛି ।

୬ । ମାଗଣାରେ ସିନେମା ଦେଖାଯାଉଛି ।

୭ । ସୁଲଭ ମୂଲ୍ୟରେ ଜିନିଷ ପାଇଁ ଦୋକାନ, ସମବାୟ ଷ୍ଟୋର ଏବଂ ଶ୍ରମିକ କ୍ୟାଣ୍ଟିନ୍‌ମାନ ଖୋଲାଯାଇଛି ।

୮ । ଶ୍ରମିକମାନଙ୍କ ପାଇଁ ବିଶ୍ରାମାଗାର ସ୍ଥାପିତ ହୋଇଛି ଏବଂ ଶ୍ରମିକ ଶିଶୁମାନଙ୍କର ଯତ୍ନ ନେବା ପାଇଁ ବ୍ୟବସ୍ଥା ହୋଇଛି ।

୯ । କାର୍ଯ୍ୟ ଦୃଷ୍ଟିରୁ ଶ୍ରମିକମାନଙ୍କୁ ଥଣ୍ଡା ଚଷମା, ବେଲ୍ଟ ପ୍ରଭୃତି ଯୋଗାଇ ଦିଆଯାଉଛି ।

୧୦ । କ୍ଷେତ୍ର କର୍ମୀବୃନ୍ଦଙ୍କୁ (ଫିଲ୍ଡ ଷ୍ଟାଫ୍) ଶୀତ-କାଳରେ ବିନା ମୂଲ୍ୟରେ ବସ୍ତ୍ର ଯୋଗାଇ ଦେବା ବ୍ୟବସ୍ଥା ରହିଛି ।

୧୧ । ବିନା ଭଡ଼ାରେ ଶ୍ରମିକମାନଙ୍କୁ ଶ୍ରମିକ ବସତିରୁ କାର୍ଯ୍ୟକ୍ଷେତ୍ରକୁ ନିଆଯାଉଛି ଏବଂ କାର୍ଯ୍ୟ ଶେଷରେ ଶ୍ରମିକ ବସତିରେ ଛାଡ଼ି ଦିଆଯାଉଛି ।

# ଓଡ଼ିଶାର ବିଶିଷ୍ଟ ଗାୟକଗାୟିକାଙ୍କ
## ନୂତନ ସଙ୍ଗୀତ ଉପଭୋଗ କରନ୍ତୁ
### ଲୋକସମ୍ପର୍କ ବିଭାଗଦ୍ୱାରା ପ୍ରସ୍ତୁତ ରେକର୍ଡ଼ କିଣିବାର ଅପୂର୍ବ ସୁଯୋଗ

| | | | |
|---|---|---|---|
| 1. Q. C. 1463 | ଜଳ ପରୁ ଜଳେ | ... | ଶ୍ରୀ ଜନାର୍ଦ୍ଦନଚରଣ ହୁଇଚନ |
| | ଫୁଲ ବଉଳବେଣୀ | ... | ଶ୍ରୀ ଜନାର୍ଦ୍ଦନଚରଣ ହୁଇଚନ |
| 2. Q.C. 1464 | ଆଦିବାସୀ ଝିଅ ରେ | .. | ଶ୍ରୀ ବାଳକୃଷ୍ଣ ଦାଶ |
| | ମିଳନିର ସୁଖ | ... | ଶ୍ରୀମତୀ ସୁଧାମଣି ମହାପାତ୍ର |
| 3. Q. C. 1465 | ଆମେ ତ ନାହୁଁ ଅଳ୍ପ | ... | ଶ୍ରୀ ଗୋକୁଳାନନ୍ଦ ମହାନ୍ତି |
| | ରେ ମୂର୍ଖ | ... | ଶ୍ରୀ ବୈଦନାଥ ରଥ |
| 4. Q. C. 1466 | ଯାହା ମନ ଦଶା ହେଉ | ... | ଶ୍ରୀ ଜନାର୍ଦ୍ଦନଚରଣ ହୁଇଚନ |
| | ସ୍ୱର୍ଗଭୂତ ଭଳ | ... | ସୁଧାମଣି ଓ ବାଳକୃଷ୍ଣ |
| 5. Q. C. 1467 | ଲକ୍ଷଣ ବାହୁଡ଼ା | ... | ଶ୍ରୀ ଗୋକୁଳାନନ୍ଦ ମହାନ୍ତି |
| | ଭଣା ଭଲ ହେ | ... | ଶ୍ରୀ ବୈଦନାଥ ରଥ |
| 6. Q. C. 1468 | ଝିଅ ସେ ନୁହେଁ | ... | ଶ୍ରୀ ଜନାର୍ଦ୍ଦନଚରଣ ହୁଇଚନ |
| | ବଡ଼ଦାଣ୍ଡରେ ସାହା | .. | ଶ୍ରୀ ବାଳକୃଷ୍ଣ ଦାଶ |
| 7. S. R. 53 (1) | ଦାହୁ ଧନ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| | ବନ୍ଧୁ ଅଛୁ ଦୋର | ... | ଶ୍ରୀମତୀ ସୁଭାକ୍ଷମା ଦେଈ |
| 8. S. R. 53 (2) | ଆଜ ତ ହୋଇବ ପଖାଳ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| | ଆରେ ବାବୁ | ... | ବନ୍ଧୁଚରଣ ଓ ସୁଭାକ୍ଷମା |
| 9. S. R. 53 (3) | ସେ ଧନ ନାହିଁ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| | ଅଁଳା ହେ ସ୍ୱଭ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| 10. S. R. 53 (4) | ଆରେ ପଢ଼ୁଆ ଦେବାକୁ ... | | ବନ୍ଧୁଚରଣ ଓ ସୁଭାକ୍ଷମା |
| | ଓଡ଼ିଶୁ ବାଇ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |

ରେକର୍ଡ଼ର ମୂଲ୍ୟ—୧୪୬୩ ନମ୍ବରଠାରୁ ୧୪୬୮ ନମ୍ବର ପର୍ଯ୍ୟନ୍ତ ରେକର୍ଡ଼ର ମୂଲ୍ୟ ପ୍ରତ୍ୟେକଟି ଟ ୨/୯
କରୁ ୬ ଖଣ୍ଡ କମ୍ପାନୀକୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ଶତକଡ଼ା ୧୫ ଟଙ୍କା କମିଶନରେ ପାଇ ପାରିବେ ।
କରୁ ୬ ଖଣ୍ଡ କମ୍ପାନୀକୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ... ୨.୫୦ ନୟା ପଇସା; କରୁ ସେହି
୫୩ (୧) ଠାରୁ ୫୩ (୪) ପର୍ଯ୍ୟନ୍ତ ରେକର୍ଡ଼ର ମୂଲ୍ୟ ପ୍ରତ୍ୟେକଟି ଟ ୨.୫୦ ନୟା ପଇସା; କରୁ ସେହି
୫୬ କମ୍ପାନୀକୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ଶତକଡ଼ା ୨୦ ଟଙ୍କା କମିଶନରେ ପାଇପାରିବେ ।

ପ୍ରାପ୍ତିସ୍ଥାନ—ସମସ୍ତ ଜିଲ୍ଲା ପବ୍ଲିକ ( ଲୋକସମ୍ପର୍କ ) ବିଭାଗ ଅଫିସ

Vol. XV No. 9 UTKAL PRASANGA Regd. No. 0-29
License No. C. R. N. P. 5. Licensed to post without prepayment.

# ମେଟ୍ରିକ୍
# ଓଜନ ଓ ମାପ ପ୍ରଣାଳୀ

| ମେଟ୍ରିକ ଓଜନ | ବାଲେଶ୍ୱରୀ ଓଜନ | ପାଉଣ୍ଡ ଓଜନ |
|---|---|---|
| ୫୦ କିଲୋଗ୍ରାମ୍ | ସେ ୫୩।୪୭ ତୋଲା | ପା ୧୧୦।୪ ଆଉନ୍ସ |
| ୨୦ କିଲୋଗ୍ରାମ୍ | ସେ ୨୧।୩୫ ,, | ପା ୪୪।୧ ,, |
| ୧୦ କିଲୋଗ୍ରାମ୍ | ସେ ୧୦।୫୭ ,, | ପା ୨୨।୧ ,, |
| ୫ କିଲୋଗ୍ରାମ୍ | ସେ ୫।୨୯ ,, | ପା ୧୧ ଉଣ୍ଡ |
| ୨ କିଲୋଗ୍ରାମ୍ | ସେ ୨।୧୧ ,, | ପା ୪।୭ ଆଉନ୍ସ |
| ୧ କିଲୋଗ୍ରାମ୍ (୧୦୦୦ ଗ୍ରାମ୍) | ସେ ୧।୬ ,, | ପା ୨।୩ ,, |
| ୫୦୦ ଗ୍ରାମ୍ | ୪୩ ତୋଲା | ପା ୧।୧½ ,, |
| ୨୦୦ ଗ୍ରାମ୍ | ୧୭ ତୋଲା | ୭ ,, |
| ୧୦୦ ଗ୍ରାମ୍ | ୮½ ତୋଲା | ୩ ଆଉନ୍ସ |

ବାଲେଶ୍ୱରୀ ୧ ମହଣ = ୩୭.୩ କିଲୋଗ୍ରାମ୍

ବାଲେଶ୍ୱରୀ ୧ ସେର = ୯୩୩ ଗ୍ରାମ୍

୧ କ୍ୱିଣ୍ଟାଲ = ୧୦୦ କିଲୋଗ୍ରାମ = ମ ୨।୨୭ ସେର (ବାଲେଶ୍ୱରୀ)
= ପା ୨୨୦।୭ ଆଉନ୍ସ

୧୦ କ୍ୱିଣ୍ଟାଲ = ୧ ମେଟ୍ରିକ୍ ଟନ୍ = ମ ୨୬।୩୨ ସେର (ବାଲେଶ୍ୱରୀ)
= ପା ୨୨୦୪।୧ ଆଉନ୍ସ

୧ କ୍ୱାଟ୍ = ୫୦.୮୦ କିଲୋଗ୍ରାମ୍

୧ ପାଉଣ୍ଡ = ୪୫୪ ଗ୍ରାମ୍

Published by the Home (Public Relations) Department
Government of Orissa
New Capital, Bhubaneswar.

Printed at
Rashtrabhasha Co-op. Press
Cuttack-1.